
# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 3/2026 Page 12 ₹ 7.00 | BERHAMPUR

୫୨ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 41 ମୂଲ୍ୟ₹୭/-


**୨୪ ଗୁଣା ବଢ଼ିଲା ପାରିଶ୍ରମିକ**

ସପୋର୍ଟିଂ ଅଭିନେତ୍ରୀରୁ ନାୟିକା ସାଜିଥିବା ତୃପ୍ତି ଡିମ୍ରୀଙ୍କ ପାରିଶ୍ରମିକ ଏବେ ୨୪ ଗୁଣ ବଢ଼ିଛି। 'ସ୍ପିରିଟ୍' ଫିଲ୍ମ ପାଇଁ ସେ ୪ରୁ ୬ କୋଟି ଟଙ୍କା ପାଇବେ। ୦୨

୧୨ **ମାରିଜନେ ମହିଳା ହକି ମୁଖ୍ୟ କୋଚ୍**

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି ନେଦରଲାଣ୍ଡ୍ସର ଜୋର୍ଡ ମାରିଜନେ।






ପୁରୀରେ ଶୁକ୍ରବାର ସକାଳେ ସିରିଜ ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁକୁ ନେଇ ଉତ୍ତ୍ୟକ୍ତଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଟାୟାର ଜାଳିବା ସହ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି) (ରିପୋର୍ଟ: ପୃଷ୍ଠା-୩)

# ଇରାନ୍‌ରେ ଖାମନେଇ ବିରୋଧୀ ବିକ୍ଷୋଭ: ୭ ମୃତ

ହମାସ ସମର୍ଥନରେ ବାହାରି ଗତବର୍ଷ ଜୁନ୍‌ରେ ଇସ୍ରାଏଲ ସହ ୧୨ ଦିନ ଯୁଦ୍ଧ କରିଥିବା ଇରାନ୍ ଏବେ ନିଜ ଦେଶରେ ଗୃହଯୁଦ୍ଧ ଭଳି ସ୍ଥିତିକୁ ସାମ୍ନା କରିଛି। ଦରଦାମ ବୃଦ୍ଧି, ଆମେରିକୀୟ ଡଲାର ତୁଳନାରେ ରିଆଲର ଅବମୂଲ୍ୟାୟନ, ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଆର୍ଥିକ କଟକଣା ଲଗାଇବା ଓ ଗଲା ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବା ବେଳେ ତେହରାନ୍ ଅର୍ଥନୀତି ସ୍ଥାଣୁ ପାଲଟିଥିବାରୁ ନାଗରିକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କୁ ହଟାଇବା ପାଇଁ ବିକ୍ଷୋଭ ଜୋରଦାର ହୋଇଛି। ପୋଲିସ ଗୁଳିରେ ଇତିମଧ୍ୟରେ ୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ଘଟିଲାଣି। ବିକ୍ଷୋଭକାରୀଙ୍କୁ ଗୁଳି କଲେ ଆମେରିକା ହସ୍ତକ୍ଷେପ କରିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେବା ପରେ ଭୂରାଜନୈତିକ ସ୍ଥିତି ଭିନ୍ନ ମୋଡ଼ ନେଉଛି।

## ଆନ୍ଦୋଳନକାରୀଙ୍କୁ ଗୁଳି କଲେ ହସ୍ତକ୍ଷେପ କରିବୁ: ଟ୍ରମ୍ପ



ଡୋନାଲ୍ଡ ଟ୍ରମ୍ପ



ଆୟାତୋଲା ଅଲି ଖାମନେଇ

**ତେହରାନ/ୱାଶିଂଟନ,୨।୧**

ଇରାନ୍‌ରେ ଦରଦାମ୍ ବୃଦ୍ଧି ସାଙ୍ଗକୁ ସ୍ଥାନୀୟ ମୁଦ୍ରା ରିଆଲର ଅବମୂଲ୍ୟାୟନ ଯୋଗୁ ଦେଶରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଏଥିରେ ବ୍ୟଥିତ ଦେଶବାସୀ ଇରାନ ସୁପ୍ରିମ ଲିଡର ଆୟାତୋଲା ଅଲି ଖାମନେଇଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଇସ୍‌ଲାମିକ୍ ରିପବ୍ଲିକ୍‌ର ଗ୍ରାମାଞ୍ଚଳ ପ୍ରଦେଶରେ ସୁରକ୍ଷା କର୍ମୀ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ହୋଇଛି। ଖାମନେଇଙ୍କ ନେତୃତ୍ୱାଧୀନ ଇରାନର ଇସ୍‌ଲାମୀୟ ଶାସନ ବିରୋଧରେ ବିକ୍ଷୋଭକୁ ଦମନ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାରୁ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବା ବିଶ୍ୱାସ କରାଯାଉଛି। ତେହରାନ୍‌ରେ ଇରାନ କର୍ତ୍ତୃପକ୍ଷ ଗୁରୁବାର ରାତିରେ ୩୦ ଜଣଙ୍କୁ ଆଇନ ଶୃଙ୍ଖଳା ବ୍ୟାହତ କରିବା ଅଭିଯୋଗରେ ଗିରଫ କରିଛନ୍ତି। ମୁଲ୍ଲା ଇରାନ ଛାଡ଼ନ୍ତୁ ବୋଲି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା କେତେକ ଭିଡିଓରେ ☞ପୃଷ୍ଠା-୪

# ୧୦ରୁ ଟେଷ୍ଟିଂ ସେଣ୍ଟର, ଆର୍‌ଟିଓରେ ମିଳିବ ଗ୍ରୀନ୍ ଷ୍ଟିକର

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ରାଜ୍ୟରେ ବର୍ତ୍ତମାନ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ସାଧାରଣ ଲୋକମାନଙ୍କ ଭିତରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ଯେଉଁମାନେ ବୈଧ ପିୟୁସିସି ପାଇସାରିଛନ୍ତି, ସେମାନଙ୍କୁ ଗ୍ରୀନ୍ ଷ୍ଟିକର ଲଗାଇବା ପାଇଁ ସରକାର ନୂଆ କରି 'ଗ୍ରୀନ୍ ଷ୍ଟିକର' ବ୍ୟବସ୍ଥା କରିଛନ୍ତି। ତେବେ ଗ୍ରୀନ୍ ଷ୍ଟିକର କେବେ ଏବଂ କେଉଁଠାରେ ମିଳିବ ତାକୁ ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ରହିଥିଲା। ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ☞ପୃଷ୍ଠା-୪

# ଶିକ୍ଷିତ ଲୋକେ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ବିପଜ୍ଜନକ: ରାଜନାଥ

**ଉଦୟପୁର,୨।୧(ପି.ଟି.)**

ଉଚ୍ଚଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜବିରୋଧୀ ଏବଂ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସାମିଲ ହେବା ଏକ ବିପଜ୍ଜନକ ଧାରା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର କହିଛନ୍ତି। ସେମାନଙ୍କ ପାଇଁ ଦେଶରେ ହ୍ୱାଇଟ୍ କଲାର ଆତଙ୍କବାଦ ମୁଣ୍ଡ ଟେକିଛି। ନଭେମ୍ବର ୧୦ରେ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ କାରବୋମା ବିସ୍ଫୋରଣ ଘଟଣାରେ ଡାକ୍ତରମାନେ ସମ୍ପୃକ୍ତ ଥିଲେ। ଉଚ୍ଚଶିକ୍ଷିତମାନେ ସମାଜ ଏବଂ ଦେଶ ବିରୋଧରେ କାର୍ଯ୍ୟ କରୁଥିବା ରାଜନାଥ ରାଜସ୍ଥାନର ଉଦୟପୁରସ୍ଥିତ ଭୁପାଲ ନୋବେଲ୍ସ ୟୁନିଭର୍ସିଟିର ୧୦୪ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି। ଯେଉଁମାନେ ପ୍ରେସ୍କ୍ରିପ୍‌ଶନ ଉପରେ ଆର୍‌ଏକ୍ସ ଲେଖିଥାନ୍ତି, ଏବେ ସେମାନଙ୍କ ହାତରେ ଆର୍‌ଡିଏକ୍ସ। ତେଣୁ ଜ୍ଞାନ ସହିତ ମୂଲ୍ୟବୋଧ ଏବଂ ଚରିତ୍ରର ଆବଶ୍ୟକତା ☞ପୃଷ୍ଠା-୪

# ଆଜି ଦେଖାଯିବ ବର୍ଷର ପ୍ରଥମ ସୁପରମୁନ୍

**ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)**

ପ୍ରତ୍ୟେକ ବର୍ଷ ଆକାଶରେ ୨ରୁ ୪ଥର ସୁପରମୁନ୍ ବା ସବୁଠୁ ବଡ଼ ଓ ଉଜ୍ଜ୍ୱଳ ଚନ୍ଦ୍ର ଦେଖିବାର ସୁଯୋଗ ମିଳିଥାଏ। ୨୦୨୬ ଆରମ୍ଭରୁ ଅର୍ଥାତ ଶନିବାର ପୌଷ ପୂର୍ଣ୍ଣମୀରେ ଚଳିତବର୍ଷର ପ୍ରଥମ ସୁପରମୁନ ଦୃଶ୍ୟମାନ ହେବ। ଏହି ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପୃଥିବୀର ପ୍ରାୟ ୩ ଲକ୍ଷ ୬୨ ହଜାର କି.ମି. ନିକଟରେ ରହିବ। ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ରଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜ୍ୱଳ ଦେଖାଯିବ। ସେହିପରି ଦ୍ୱିତୀୟ ସୁପରମୁନ ନଭେମ୍ବର ୨୪ ଏବଂ ଶେଷ ସୁପରମୁନ ଡିସେମ୍ବର ୨୩ରେ ଦେଖିବାକୁ ମିଳିବ। ସେହିଭଳି ୨୦୨୬ ମସିହାରେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଚାପର ପରୀକ୍ଷା



DSPL - 454

ଓଡ଼ିଶା ଶାସନ

ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଆମ ରାଜ୍ୟରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ମେଳା ଜାନୁଆରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ପ୍ରାଣିପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ଜରିଆରେ ସେମାନଙ୍କର ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହେଉଛି । ଏହି ମେଳା ମାଧ୍ୟମରେ ରାଜ୍ୟର ତୃଣମୂଳ ସ୍ତରରେ ଥିବା ପ୍ରାଣିପାଳକ ଓ ମତ୍ସ୍ୟଚାଷୀ ବିଭିନ୍ନ ସରକାରୀ ଯୋଜନାର ସୁଫଳ ବିଷୟରେ ସଚେତନ ହୋଇପାରିବେ ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି ମେଳା ଦୁଇଦିନବ୍ୟାପୀ ଆୟୋଜିତ ହେଉଛି । ଆପଣମାନେ ଜିଲ୍ଲାସ୍ତରୀୟ ମେଳାରେ ସାମିଲ ହୁଅନ୍ତୁ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଭଳି ଅନେକ ନୂତନ ଯୋଜନା ଆମ ସରକାର ଆପଣଙ୍କ ହିତ ପାଇଁ ଆରମ୍ଭ କରିଛନ୍ତି । ସେ ବିଷୟରେ ଜାଣି ନିଜ ରୋଜଗାରରେ ଉନ୍ନତି ଆଣିବା ସହ ରାଜ୍ୟର ବିକାଶରେ ସହାୟକ ହେବା ପାଇଁ ଏ କ୍ଷେତ୍ରରେ କାମ କରୁଥିବା ସମସ୍ତ ଭାଇଭଉଣୀ ମାନଙ୍କୁ ମୋର ଅନୁରୋଧ ।

ଏହି ଅବସରରେ ମୁଁ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ମୋହନ ଚରଣ ମାଝୀ

OIPR-06014/13/0080/2526








ୟୁକ୍ରେନ୍‌ର ଖରକିଭ୍‌ରେ ଶୁକ୍ରବାର ରୁଷିଆର କ୍ଷେପଣାସ୍ତ୍ର ମାଡ଼ରେ ଜଳୁଥିବା ଏକ ଗାଡ଼ିକୁ ଜରୁରୀ ସେବା କର୍ମଚାରୀମାନେ ଲିଭାଉଛନ୍ତି।

# ୧ ଡଲାର= ୯୦.୨୦ ଟଙ୍କା




ମୁମ୍ବାଇ,୨।୧(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଶୁକ୍ରବାର ୯୦ ତଳକୁ ଖସିଛି। ଟଙ୍କା ୨୨ ପଇସା ହ୍ରାସ ପାଇ ୧ ଡଲାର ମୂଲ୍ୟ ୯୦.୨୦ ଟଙ୍କା ହୋଇଛି। ମାକ୍ରୋ ଅର୍ଥନୀତି ତଥ୍ୟକୁ ନେଇ ଅସନ୍ତୋଷ ଏବଂ ବିଦେଶ ବଜାରରେ ଆମେରିକୀୟ ମୁଦ୍ରା ସୁଦୃଢ଼ ହେଉଥିବାରୁ ଟଙ୍କାର ଅବମୂଲ୍ୟାୟନ ଦେଖାଦେଇଛି। ଫରେକ୍ସ ଟ୍ରେଡରମାନଙ୍କ କହିବା ଅନୁଯାୟୀ, ଭାରତୀୟ ଷ୍ଟକ୍ ବଜାରରୁ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଜାରି ରଖିଥିବାବେଳେ ଆମଦାନିକାରୀଙ୍କଠାରୁ ଡଲାର ଚାହିଦା ବଢୁଥିବାରୁ ନିବେଶକମାନଙ୍କ ମନୋଭାବ ଅଧିକ ଦୁର୍ବଳ ହୋଇଛି। ଅଶୋଧିତ ତୈଳ ମୂଲ୍ୟ ହ୍ରାସ ସହ ଦେଶର ଶେୟାର ବଜାରରେ ନିମ୍ନ ଗତି ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ହସ୍ତକ୍ଷେପ କଲେ ଟଙ୍କା ମୂଲ୍ୟ ଅଧିକ କମିବାରୁ ରୋକାଯାଇପାରିବ ବୋଲି କୁହାଯାଉଛି।

ଇଣ୍ଟରବ୍ୟାଙ୍କ୍ ଫରେନ୍ ଏକ୍ସଚେଞ୍ଜରେ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୪ରୁ ଆରମ୍ଭ ହୋଇ ଇଣ୍ଟ୍ରାଡେ'ରେ ସର୍ବନିମ୍ନ ୯୦.୨୫ରେ ପହଞ୍ଚିଥିଲା। ଦିବସ ମଧ୍ୟରେ ଟଙ୍କାର ସର୍ବାଧିକ ମୂଲ୍ୟ ୮୯.୯୨ ରହିଥିଲା। ତେବେ କାରବାର ଶେଷରେ ଟଙ୍କା ମୂଲ୍ୟ ପୂର୍ବଦିନର କ୍ଲୋଜିଂ ସମୟ ମୂଲ୍ୟଠାରୁ ୨୨ ପଇସା ହ୍ରାସ ପାଇ ୯୦.୨୦ରେ ବନ୍ଦ ରହିଥିଲା। ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୯.୯୮ ଥିଲା।


# ଇନ୍ଦୋର ପାଣିରେ ବ୍ୟାକ୍ଟେରିଆ

## ମୃତ୍ୟୁ ସଂଖ୍ୟା ୧୦ କୁ ବୃଦ୍ଧି

ନୂଆଦିଲ୍ଲୀ,୨।୧

ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ଭଗୀରଥପୁରା ଅଞ୍ଚଳରେ ଦୂଷିତ ପାଣିରୁ ଡାଇରିଆ ବ୍ୟାପି ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୪୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁଯାୟୀ, ଭଗୀରଥପୁରାରେ ଝାଡ଼ାବାନ୍ତିରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ସ୍ଥାନୀୟ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୧୦ ବୋଲି ଇନ୍ଦୋର ମେୟର ପୁଷ୍ୟାମିତ୍ର ଭାର୍ଗବ କହିଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ସହ ଇନ୍ଦୋର ଅତିରିକ୍ତ କମିଶନର ଏବଂ ଡ୍ୟୁଟିରେ ଥିବା ଭାରପ୍ରାପ୍ତ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭଗୀରଥପୁରା ଫାଣ୍ଡି ନିକଟରେ ଥିବା ପାନୀୟ ଜଳ ଯୋଗାଣର ମୁଖ୍ୟ ପାଇପ୍ ଲାଇନ୍ ଏପରି ସ୍ଥାନରେ ଛିଦ୍ର ହୋଇଛି, ଯେଉଁଠି ଏକ ପାଇଖାନା ନିର୍ମାଣ ହୋଇଛି। ଏହି ଲିକ୍ ଯୋଗୁ ପାନୀୟ ଜଳ ଦୂଷିତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ୬ ମାସର ଶିଶୁ ଅସୁସ୍ଥ ହେବା ସହ ପ୍ରାଣ ହରାଇଛି। ସହରର ବିଭିନ୍ନ ହସ୍ପିଟାଲରେ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ରୋଗୀ ଭର୍ତ୍ତି ହୋଇଛନ୍ତି। ଦୂଷିତ ଜଳ ଯୋଗୁ ଡାଇରିଆ ବ୍ୟାପିଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଇନ୍ଦୋର ମେଡିକାଲ କଲେଜ ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ, ଭଗୀରଥପୁରାରୁ ସଂଗୃହୀତ ପାନୀୟ ଜଳ ଦୂଷିତ ହୋଇଛି ଓ ଏଥିରେ ବ୍ୟାକ୍ଟେରିଆ ରହିଥିବା ଇନ୍ଦୋର ମୁଖ୍ୟ ମେଡିକାଲ ଅଫିସର ଡ. ମାଧବ ପ୍ରସାଦ ହାସନି କହିଛନ୍ତି।



ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ପାଣି ଦୂଷିତ ହେଉଛି।

## ବିଶୁଦ୍ଧ ଜଳ, ସ୍ୱଚ୍ଛ ବାୟୁ ଯୋଗାଇବାରେ କେନ୍ଦ୍ର ଅକ୍ଷମ: କଂଗ୍ରେସ

ଇନ୍ଦୋରରେ ଦୂଷିତ ପାଣି ପିଇ ୧୦ ଜଣଙ୍କ ଜୀବନ ଯିବା ଘଟଣାରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳଜୀବନ ମିଶନର ପ୍ରଚାର ଚଳାଇଥିବାବେଳେ ଦୂଷିତ ଜଳଜନିତ ମୃତ୍ୟୁକୁ ନେଇ ନୀରବ ରହିଛନ୍ତି। ମୋଦି ସରକାର ଏବଂ ଭାଜପା ଦେଶବାସୀଙ୍କୁ ସ୍ୱଚ୍ଛ ଜଳ କିମ୍ବା ସ୍ୱଚ୍ଛ ବାୟୁ ଯୋଗାଇବାରେ ବିଫଳ ହୋଇଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣରେ ଇନ୍ଦୋର କ୍ରମାଗତ ଭାବେ ଅଷ୍ଟମ ଥର ପାଇଁ ଦେଶର ସବୁଠୁ ସ୍ୱଚ୍ଛ ସହରର ମାନ୍ୟତା ପାଇଆସିଥିବାବେଳେ ସେଠାରେ ଦୂଷିତ ପାଣି ପିଇ ଲୋକଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ। ଭାଜପାର ଅକ୍ଷମତା ଯୋଗୁ ଲୋକେ ବିଶୁଦ୍ଧ ଜଳରୁ ବଞ୍ଚିତ ହୋଇଥିବା ଖାର୍ଗେ Xରେ ଲେଖିଛନ୍ତି।

# ରାଜସ୍ଥାନରୁ ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ

## ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ

ଜୟପୁର,୨।୧

ରାଜସ୍ଥାନର ଟୋଙ୍କ ଜିଲାରୁ ବୁଧବାର ୧୫୦ କେ.ଜି. ଆମୋନିୟମ୍ ନାଇଟ୍ରେଟ୍ ଜବତ ହେବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ତଦନ୍ତରେ ସାମିଲ ହୋଇଛି। ଏହି ଜବତ ପରେ ଟୋଙ୍କ ଏବଂ ଜୟପୁର ସମେତ ଦିଲ୍ଲୀରେ ସୁରକ୍ଷା ବାହିନୀକୁ ହାଇଆଲର୍ଟରେ ରଖାଯାଇଛି। ଏନ୍‌ଆଇଏ ଟିମ୍ ଟୋଙ୍କରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଜେରା କରିବା ସହ ସେମାନଙ୍କ ଆପରାଧିକ ପୃଷ୍ଠଭୂମି, ଆନ୍ତଃଜିଲା ବା ଆନ୍ତଃରାଜ୍ୟ ସମ୍ପୃକ୍ତି ନେଇ ଅନୁଧ୍ୟାନ କରୁଛି। ଏତେ ପରିମାଣରେ ଆମୋନିୟମ୍ ନାଇଟ୍ରେଟ୍ ପରିବହନ ପଛର ଉଦ୍ଦେଶ୍ୟ ଉପରେ ତଦନ୍ତକୁ ଜୋର୍ ଦିଆଯାଇଛି। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ ମଧ୍ୟ ଅଭିଯୁକ୍ତମାନଙ୍କୁ ଜେରା କରିଛି। ସେମାନେ ଅନ୍ୟ ସହର କିମ୍ବା ବ୍ୟକ୍ତିବିଶେଷଙ୍କୁ ପୂର୍ବରୁ ଆମୋନିୟମ୍ ନାଇଟ୍ରେଟ୍ ଯୋଗାଣ କରିଥିଲେ କି ନାହିଁ ଏବଂ ଟୋଙ୍କକୁ କାହିଁକି ଲକ୍ଷ୍ୟସ୍ଥଳ ବାଛିଲେ, ତାହାର ମଧ୍ୟ ତଦନ୍ତ ହେଉଛି।

# ବର୍ଷ ଶେଷ ସୁଦ୍ଧା ମାନବବିହୀନ ଗଗନୟାନ ମିଶନ

ନୂଆଦିଲ୍ଲୀ,୨।୧(ପି.ଟି.)

ନୂଆବର୍ଷରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) କେତେକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ଯାତ୍ରା ପରେ ଭାରତ ମହାକାଶକୁ ମାନବ ପଠାଇବା ଦିଗରେ ପ୍ରଥମ ପଦକ୍ଷେପ ନେବାକୁ ଯାଉଛି। ଚଳିତବର୍ଷ ଶେଷ ଭାଗରେ ମାନବବିହୀନ ଗଗନୟାନ ମହାକାଶକୁ ପ୍ରେରଣ କରାଯିବ। ଏଥିସହିତ ମହାକାଶ କ୍ଷେତ୍ରରେ ଘରୋଇ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ଏବଂ ଅଗ୍ନିକୁଳ କସ୍‌ମସ୍ ସ୍ୱଦେଶୀ ନିର୍ମିତ ରକେଟ ବିକ୍ରମ-୧ ଏବଂ ଅଗ୍ନିବାଣ ସହାୟତାରେ ଚଳିତବର୍ଷ ସାଟେଲାଇଟ୍ ଲଞ୍ଚ୍ କରିବାକୁ ଯାଉଛନ୍ତି। ସେହିପରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ଏବଂ ଲାର୍ସେନ ଆଣ୍ଡ ଟୁବ୍ରୋ ଦ୍ୱାରା ନିର୍ମିତ ପୋଲାର ସାଟେଲାଇଟ୍ ଲଞ୍ଚ୍ ଭେହିକିଲ୍ (ପିଏସ୍‌ଏଲ୍‌ଭି) ଚଳିତବର୍ଷ ଲଞ୍ଚ୍ ହେବ।

# ବୈବାହିକ ବିବାଦରେ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧(ପି.ଟି.)

ବୈବାହିକ ସମ୍ପର୍କ ଖରାପ ହେବା ପରେ ଅଲଗା ରହୁଥିବା ସ୍ତ୍ରୀଙ୍କ ଠାରୁ ସ୍ୱାମୀଙ୍କ ଆର୍ଥିକ ପ୍ରାଧାନ୍ୟ ନିଷ୍ଠୁରତା ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବ୍ୟକ୍ତିଗତ ପ୍ରତିଶୋଧ ନେବା ପାଇଁ ଆପରାଧିକ ମାମଲା ପ୍ରବେଶ ଦ୍ୱାର ନୁହେଁ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି। ନିଷ୍ଠୁରତା ଏବଂ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଅଲଗା ରହୁଥିବା ସ୍ତ୍ରୀ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ଆପରାଧିକ ମାମଲାକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

# ଯୌନ ନିର୍ଯାତନାରୁ କଲେଜ ଛାତ୍ରୀଙ୍କ ମୃତ୍ୟୁ

## ପ୍ରଫେସରଙ୍କ ସମେତ ୪ ଜଣଙ୍କ ନାମରେ ମାମଲା

ଧର୍ମଶାଳା,୨।୧

ହିମାଚଳପ୍ରଦେଶର ଧର୍ମଶାଳାରେ ଥିବା ଏକ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ର୍‌ୟାଗିଂ ଏବଂ ଯୌନ ନିର୍ଯାତନା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କଲେଜର ଜଣେ ପ୍ରଫେସର ଏବଂ ୩ ଜଣ ଛାତ୍ରୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଛାତ୍ରୀ ଜଣକ ମୃତ୍ୟୁ ପୂର୍ବରୁ ତାଙ୍କ ପ୍ରତି ହୋଇଥିବା ନିର୍ଯାତନାର କାହାଣୀକୁ ମୋବାଇଲ୍ ଭିଡିଓରେ ରେକର୍ଡ କରିଥିଲେ। ପ୍ରଫେସର ଜଣକ କିପରି ଅନୁଚିତ ଢଙ୍ଗରେ ତାଙ୍କୁ ସ୍ପର୍ଶ କରୁଥିଲେ ଏବଂ ମାନସିକ ଓ ଯୌନ ନିର୍ଯାତନା ଦେଉଥିଲେ, ତାହା ଉକ୍ତ ଭିଡିଓରେ ଉଲ୍ଲେଖ ରହିଛି। ଧର୍ମଶାଳା ସରକାରୀ ଡିଗ୍ରୀ କଲେଜର ଉକ୍ତ ଛାତ୍ରୀଙ୍କ ବାପା ଗତ ସେପ୍ଟେମ୍ବର ୧୮ରେ ପୋଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ହର୍ଷିତା, ଅକ୍ରିତି ଏବଂ କୋମୋଲିକା ନାମ୍ନୀ ୩ ଛାତ୍ରୀ ତାଙ୍କ ଝିଅଙ୍କୁ ମାଡ଼ ମାରିବା ସହ ନିଷ୍ଠୁର ର୍‌ୟାଗିଂ କରୁଥିଲେ। ତାଙ୍କୁ ନୀରବ ରହିବା ପାଇଁ ସେମାନେ ଧମକ ଦେଉଥିଲେ। ଉକ୍ତ ଅଭିଯୋଗରେ କଲେଜ ପ୍ରଫେସର ଅଶୋକ କୁମାରଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପ୍ରଫେସରଙ୍କ ଅସଦାଚରଣ ଏବଂ ମାନସିକ ନିର୍ଯାତନା ଯୋଗୁ ଝିଅ ଅତ୍ୟଧିକ ଚାପରେ ରହୁଥିଲେ। ଏହି କାରଣରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାକୁ ଲାଗିଥିଲା ବୋଲି ତାଙ୍କ ବାପା ଦର୍ଶାଇଥିଲେ। ଡିସେମ୍ବର ୨୬ରେ ମୃତ୍ୟୁ ଘଟିବା ପୂର୍ବରୁ ସେ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଝିଅ ମୃତ୍ୟୁକୁ ନେଇ ସେମାନେ ଭାଙ୍ଗିପଡ଼ିଥିବାରୁ ଅଭିଯୋଗ ଦାଖଲ କରିପାରି ନ ଥିଲେ ବୋଲି କହିଛନ୍ତି। ଝିଅ ମୋବାଇଲ ଫୋନ୍‌ରୁ ଭିଡିଓ ମିଳିବା ପରେ ସେମାନେ ଥାନାରେ ଏତଲା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ବିଚ୍ଛିନ୍ନତାବାଦୀଙ୍କ କ୍ୟାମ୍ପ୍‌ରେ ସାଉଦିର ଏୟାରଷ୍ଟ୍ରାଇକ୍: ୭ ମୃତ

ଦୁବାଇ,୨।୧

ପୂର୍ବ ୟେମେନ୍‌ରେ ଥିବା ବିଚ୍ଛିନ୍ନତାବାଦୀଙ୍କ ଶିବିର ଉପରେ ସାଉଦି ଆରବ ନେତୃତ୍ୱରେ ଶୁକ୍ରବାର ମିଳିତ ଏୟାରଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ସମର୍ଥିତ ବିଚ୍ଛିନ୍ନତାବାଦୀମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା। ହାଡ୍ରାମାଉଟ୍ ପ୍ରଦେଶ ଅଲ୍-ଖାସାସ୍ ଅଞ୍ଚଳରେ ଥିବା ଏକ ଆତଙ୍କବାଦୀ କ୍ୟାମ୍ପ୍ ଉପରେ ବୋମାବାଡ଼ ହୋଇଥିବା ସଦର୍ନ ଟ୍ରାନ୍‌ଜିଶନାଲ କାଉନ୍‌ସିଲ୍ ମୁଖ୍ୟ ମହମ୍ମଦ ଅବଦୁଲ ମଲିକ କହିଛନ୍ତି। କିଛିଦିନ ହେଲା ସାଉଦି ଆରବ ଏବଂ ୟୁଏଇ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଏହି ଏୟାରଷ୍ଟ୍ରାଇକ୍ ହୋଇଛି। ସୂଚନାଯୋଗ୍ୟ, ଗତ ମଙ୍ଗଳବାର ଦକ୍ଷିଣ ୟେମେନ୍‌ର ବନ୍ଦର ସହର ମୁକଲ୍ଲାରେ ସାଉଦି ବୋମାମାଡ଼ କରିଥିଲା। ୟୁଏଇର ଫୁଜାଇରାହରୁ ଅସ୍ତ୍ର ଭର୍ତ୍ତି ୨ଟି ଜାହାଜ ପହଞ୍ଚିବା ପରେ ଏହି ଆକ୍ରମଣ ହୋଇଥିଲା।



# ସୁସ୍ଥ ଯୁବ ଭାରତୀୟଙ୍କ ହଠାତ୍ ମୃତ୍ୟୁ ଚିନ୍ତାଜନକ

ନୂଆଦିଲ୍ଲୀ,୨।୧

ଭାରତରେ ସୁସ୍ଥ ଯୁବବର୍ଗଙ୍କ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଅଧିକାଂଶ ୩୦ ବର୍ଷ ବୟସ ବର୍ଗର ଯୁବତୀଯୁବକଙ୍କ ମୃତ୍ୟୁ ପଛରେ ହାର୍ଟ ବ୍ଲକେଜ୍ ଏବଂ ଗୁରୁତର ରୋଗ ଲକ୍ଷଣକୁ ଏଡ଼ାଇଯିବା ମୁଖ୍ୟ କାରଣ ବୋଲି ଏମ୍ସର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଯୁବବର୍ଗ ହଠାତ୍ ମୂର୍ଚ୍ଛାଯାଇ ପ୍ରାଣ ହରାଇବା ଭାରତର ଅନ୍ୟତମ ସବୁଠୁ ଚିନ୍ତାଜନକ ଚିକିତ୍ସା ବାସ୍ତବିକତା। ଏଭଳି ମୃତ୍ୟୁ କୌଣସି ପ୍ରାକ୍ ସୂଚନା, ନିଦାନ କିମ୍ବା ସ୍ପଷ୍ଟ ରୋଗ ନ ଥାଇ ଆସୁଛି। ବୟସ, ସୁସ୍ଥତା ଏବଂ ସାମାଜିକ, ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଏହା ଏକ ବଡ଼ ଜନସ୍ୱାସ୍ଥ୍ୟଜନିତ ଉଦ୍‌ବେଗ ବୋଲି ଡାକ୍ତରମାନେ କହିଛନ୍ତି। କୋଭିଡ୍ ମହାମାରୀ ନିୟନ୍ତ୍ରଣକୁ ଆସିବା ପରେ ଗତ ୨ ବର୍ଷରେ ଅନେକ ସମୟରେ ଲୋକେ ମୂର୍ଚ୍ଛାଯାଇ ହଠାତ୍ ପ୍ରାଣ ହରାଉଥିବା ଘଟଣାମାନ ସାମ୍ନାକୁ ଆସୁଛି। ସୋସିଆଲ ମିଡିଆରେ ଏଭଳି କେତେକ ଭିଡିଓ ଭାଇରାଲ ହୋଇଛି, କେଉଁଠି ବିବାହ ଉତ୍ସବରେ ନାଚୁଥିବା ବେଳେ, ବ୍ୟାଡମିଣ୍ଟନ କୋର୍ଟରେ ଖେଳୁଥିବାବେଳେ, ବନ୍ଧୁଙ୍କ ସହ ଚାଲୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡ଼ିଯାଉଥିବା ଦେଖାଯାଉଛି। ଏଭଳି ଭିଡିଓଗୁଡ଼ିକ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ବଢ଼ାଇଛି। ଏହି ସମସ୍ତ ବ୍ୟକ୍ତି ଯୁବକ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ହଠାତ୍ ମୃତ୍ୟୁ ମୁଖରେ ପଡ଼ିବା ପଛରେ ହୃଦ୍‌ଘାତ ମୁଖ୍ୟ କାରଣ ବୋଲି କୁହାଯାଉଛି।

ଦିଲ୍ଲୀ ଏମ୍ସର ଏକ ଅଧ୍ୟୟନ ଚଳିତ ମାସରେ ଇଣ୍ଡିଆନ୍ ଜର୍ନାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶ ପାଇଛି, ଯେଉଁଥିରେ ଠିକ୍ ଏହି ଘଟଣାର ପରୀକ୍ଷା ପାଇଁ ଉଦ୍ୟମ ହୋଇଛି। ଇଣ୍ଡିଆନଖ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପ୍ରକଳ୍ପର ଅଂଶବିଶେଷ ଭାବେ ହଠାତ୍ ମୃତ୍ୟୁର କାରଣ ଖୋଜିବା ଏହି ଅଧ୍ୟୟନର ଲକ୍ଷ୍ୟ। ସମସ୍ତ ଶବ ବ୍ୟବଚ୍ଛେଦ ମଧ୍ୟରୁ ୧୮୦ଟି ମାମଲାରେ ହଠାତ୍ ମୃତ୍ୟୁ ହୋଇଥିବାର କଠୋର ମାନଦଣ୍ଡ ୮.୧% ପୂରଣ କରିଛି। ୧୦୩ଟି ମୃତ୍ୟୁ ମଧ୍ୟରୁ ୫୭.୨ ପ୍ରତିଶତ ୧୮ରୁ ୪୫ ବର୍ଷ ବୟସବର୍ଗର ଲୋକଙ୍କଠାରେ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାସ୍ଥ୍ୟବାନ୍। ଘରେ ଥିବାବେଳେ, ଚାଲୁଥିବାବେଳେ କିମ୍ବା ଶୋଇଥିବା ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି।



# ୨୪ ଗୁଣା ବଢ଼ିଲା ପାରିଶ୍ରମିକ

ମୁମ୍ବାଇ

ଆଜିକାଲିର ଯୁବପିଢ଼ିଙ୍କ ହୃଦୟ ଜିଣିଥିବା ଭର୍ସାଟାଇଲ ଅଭିନେତ୍ରୀଙ୍କ ମଧ୍ୟରୁ ତୃପ୍ତି ଡିମ୍‌ରୀ ଅନ୍ୟତମ। ଚଳଚ୍ଚିତ୍ର 'ଲୈଲା ମଜ୍‌ନୁ'ରୁ ଚର୍ଚ୍ଚାକୁ ଆସିଥିଲେ ସେ। ଅଭିନୟଜଗତରେ ତାଙ୍କର ସାତ ବର୍ଷ ବିତିଲାଣି। ଇତିମଧ୍ୟରେ ସେ ବିଭିନ୍ନ ଚରିତ୍ରରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ସପୋର୍ଟିଂ ଅଭିନେତ୍ରୀରୁ ମୁଖ୍ୟ ନାୟିକା ହେବାର ଯାତ୍ରା ତାଙ୍କର ଅତ୍ୟନ୍ତ ପ୍ରେରଣାଦାୟକ।

ଆଗାମୀ ଦିନରେ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଚଳଚ୍ଚିତ୍ର 'ସ୍ପିରିଟ'ରେ ପ୍ରଭାସଙ୍କ ନାୟିକା ଭାବେ ନଜର ଆସିବେ ତୃପ୍ତି । ଏଥିଲାଗି ସେ ମୋଟା ଅଙ୍କର ପାରିଶ୍ରମିକ ନେଉଛନ୍ତି। କହିବାକୁ ଗଲେ ୭ ବର୍ଷରେ ତାଙ୍କର ପାରିଶ୍ରମିକ ୨୪ ଗୁଣା ବଢ଼ିଛି। ଚଳଚ୍ଚିତ୍ର 'ମମ୍'ରୁ କ୍ୟାରିୟର ଆରମ୍ଭ କରିଥିବା ତୃପ୍ତି 'ଲୈଲା ମଜନୁ' ପାଇଁ ପ୍ରାୟ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହି ଫିଲ୍ମ ପରେ ତାଙ୍କୁ ବେଶ୍ ପ୍ରଶଂସା ମିଳିଥିଲା। ନିକଟରେ 'ସ୍ପିରିଟ୍'ର ଏକ ଆକର୍ଷଣୀୟ ପୋଷ୍ଟର୍ ରିଲିଜ ପରେ ଅଭିନେତ୍ରୀ ଏବଂ ଅଭିନେତାଙ୍କ ପାରିଶ୍ରମିକ ବିଷୟ ସାମ୍ନାକୁ ଆସିଛି। ତେବେ ତୃପ୍ତି ଏଥିପାଇଁ ୪ରୁ ୬ କୋଟି ପାରିଶ୍ରମିକ ନେଉଥିବା ସ୍ପଷ୍ଟ ହୋଇଛି। କହିବାକୁ ଗଲେ, 'ଆନିମଲ' ଚଳଚ୍ଚିତ୍ର ପରେ ତୃପ୍ତିଙ୍କ ଷ୍ଟାର୍ ଭାଲ୍ୟୁ ବୃଦ୍ଧି ପାଇଛି। ତୃପ୍ତିଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ କଠିନ ପରିଶ୍ରମ ଓ ପ୍ରତିଭା ସବୁ ବାଧା ଦୂର କରିଦିଏ। ଆଗକୁ ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ ରହିଛି, ଯାହା ତାଙ୍କୁ ଆହୁରି ଆଗକୁ ନେବ ବୋଲି ପ୍ରଶଂସକ ମହଲରେ ଚର୍ଚ୍ଚା ଚାଲିଛି।



ତୃପ୍ତି ଡିମ୍‌ରୀ

### ଲୋକସେବା ଭବନରେ ରିଲ୍ସ କରିବା ମନା




# ସଡ଼କ ଦୁର୍ଘଟଣା: ଅକାଳରେ ଚାଲିଗଲା ୫ ଜୀବନ

ବାରିପଦା/ରାଇରଙ୍ଗପୁର/ବଡ଼ଗାଁ,୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ମାନସ ମହାନ୍ତି/ଅଶୋକ ଷଡ଼ଙ୍ଗୀ)

ରାଜ୍ୟରେ ସଡ଼କ ସୁରକ୍ଷା ସଚେତନତା ମାସ ଚାଲିଥିବା ବେଳେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ବୟସ ୨୪ରୁ ୨୮ବର୍ଷ ମଧ୍ୟରେ। ବର୍ଷ ଆରମ୍ଭରୁ ସେମାନଙ୍କ ଏଭଳି ଅକାଳ ମୃତ୍ୟୁରେ ପରିବାର ଓ ସମ୍ପର୍କୀୟମାନେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଭାଲୁବସା ନିକଟସ୍ଥ ରାଣୀବନ୍ଧ ଅଞ୍ଚଳ ୨୨୦ନଂ. ଜାତୀୟ ରାଜପଥରେ ଶୁକ୍ରବାର ଯାତ୍ରୀବାହୀ ବସ୍ ଧକ୍କାରେ ୩ ସାଙ୍ଗଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ତିରିଂ ଥାନା ଅଧୀନ ବଡ଼ତାଲିମା ଅଞ୍ଚଳ ରତନସାହି ଗ୍ରାମର ବିକାଶ ବେହେରା(୨୬), ଝାଡ଼ଖଣ୍ଡ ରାଜ୍ୟ ଷଢ଼େଇକଳା ଥାନା ଅଧୀନ ଆଦିତ୍ୟପୁର ଅଞ୍ଚଳର ପ୍ରବୀର ଦେବବର୍ମା(୨୬) ଓ ତ୍ରିପୁରା ରାଜ୍ୟ ସିପାହିଜୋଲା ଜିଲା ବିଶାଳଗଡ଼ ଥାନା ଅଞ୍ଚଳର ବିକାଶ ଦେବବର୍ମା(୨୮)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବିକାଶ ତାଙ୍କ ଦୁଇ ସାଙ୍ଗଙ୍କ ସହ ଅପରାହ୍ନ ୧ଟା୩୦ ସମୟରେ ବାଇକ୍ ଯୋଗେ ଆସୁଥିବାବେଳେ ରାଇରଙ୍ଗପୁରରୁ ଯଶୀପୁର ଯାଉଥିବା ଶ୍ରୀଦୁର୍ଗା ବସ୍ ରାଣୀବନ୍ଧ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ବସ୍‌ଟି ବାଇକ୍ ସମେତ ଆରୋହୀଙ୍କ ଉପରେ ମାଡ଼ିଯାଇ କିଛି ଦୂର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଘଟଣାସ୍ଥଳରେ ୩ ରାଜ୍ୟର ତିନି ସାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୧/୨୬) ରୁଜୁ ହୋଇଥିବା ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ସୂଚନା ଦେଇଛନ୍ତି।

ସେହିପରି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ନିକଟରେ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହାଜବାହାଲ ଗ୍ରାମର ଆଶିଷ ଗୁଡ଼ିଆ (୨୪) ଓ ବିରଙ୍ଗାପଡ଼ାର ଅରବିନ୍ଦ କିରୋ (୨୮)। ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅଞ୍ଜନା ଗୁଡ଼ିଆ, ରୂପା ଟପ୍ପୋ, ପ୍ରବୀଣ କେରକେଟା। ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ, ଏଏସ୍‌ଆଇ ବିଜୟ କୁମାର କର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା ନଂ.୨/୨୬ ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁତର ଆହତଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପ୍ରାକ୍ଟିକାଲ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଭାଗରେ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରାକ୍ଟିକାଲ ପରୀକ୍ଷା ଦେଉଛନ୍ତି। ବିଜ୍ଞାନ ବିଭାଗରେ ସର୍ବାଧିକ ୧ଲକ୍ଷରୁ ଅଧିକ ଓ କଳା ବିଭାଗରେ ପ୍ରାୟ ୮୦ ହଜାର ପରୀକ୍ଷାର୍ଥୀ ରହିଛନ୍ତି। ଜାନୁଆରୀ ୧୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ କେନ୍ଦ୍ରରେ ପହଞ୍ଚିବେ। ପରୀକ୍ଷାର୍ଥୀମାନେ ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ ପର୍ଯ୍ୟନ୍ତ ପ୍ରବେଶ ପାଇଁ ସୁଯୋଗ ମିଳିବ। ଯଦି କୌଣସି ସମସ୍ୟା ଦେଖାଦିଏ ତେବେ ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ କୁହାଯାଇଛି। ସିସିଟିଭି ନଜର ଭିତରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେଉଛି। କେବଳ ପରୀକ୍ଷା ନୁହେଁ, ମୂଲ୍ୟାୟନ, ମାର୍କ ଫଏଲ୍‌ରେ ମାର୍କ ଚଢ଼ାଇବା, ଉତ୍ତରଖାତା ସଂଗ୍ରହ, ପରୀକ୍ଷକଙ୍କ ରିପୋର୍ଟ, ଉତ୍ତରଖାତା ପ୍ୟାକେଟ ସିଲ୍ ପରି ବିଭିନ୍ନ କାର୍ଯ୍ୟକ୍ରମ ସିସିଟିଭି ନଜରରେ ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ୨ ପ୍ରାକ୍ଟିକାଲ, ଇଣ୍ଟରନାଲ ମାର୍କ ସାମ୍ସରେ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)

ଯୁକ୍ତ ୨ର ଇଣ୍ଟରନାଲ ଆସେସ୍‌ମେଣ୍ଟ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷା ମାର୍କ ସାମ୍ସ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ଏବଂ ପ୍ରଧାନ ଶିକ୍ଷକଙ୍କୁ ଶୁକ୍ରବାର ସିଏଚ୍‌ଏସ୍‌ଇର ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଚିଠି କରିଛନ୍ତି।

ପରିଷଦର ସୂଚନା ଅନୁସାରେ, ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ପରୀକ୍ଷା ୩୧ ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ବେଳେ ପ୍ରାକ୍ଟିକାଲ ପରୀକ୍ଷା ଜାନୁଆରୀ ୧୫ ମଧ୍ୟରେ ସରିବ। ଏହି ସମସ୍ତ ପରୀକ୍ଷାର ମାର୍କ ଜାନୁଆରୀ ୫ରୁ ୨୫ ତାରିଖ ଭିତରେ ଅପ୍‌ଲୋଡ୍ ପାଇଁ ଲିଙ୍କ ଉପଲବ୍ଧ ରହିବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମାର୍କ୍ସ ଅପଲୋଡ୍ କରିବାକୁ ପରିଷଦ ସମସ୍ତ ପ୍ରଧାନଶିକ୍ଷକ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଛନ୍ତି। ଏକକାଳୀନ ସମସ୍ତ ଛାତ୍ରଛାତ୍ରୀଙ୍କ ଇଣ୍ଟରନାଲ, ପ୍ରୋଜେକ୍ଟ ଏବଂ ପ୍ରାକ୍ଟିକାଲ ପରୀକ୍ଷାର ରେଜଲ୍ଟ ଅପଲୋଡ୍ କରିବା ଆବଶ୍ୟକ। ନ ହେଲେ ତ୍ରୁଟି ହେବାର ସମ୍ଭାବନା ରହିଛି ବୋଲି ପରିଷଦ ପକ୍ଷରୁ ସୂଚାଇ ଦିଆଯାଇଛି।

# ୨୦ ବର୍ଷର ରେକର୍ଡକୁ ପଛରେ ପକାଇଛି ଭିଜିଲାନ୍ସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)



**■ ୨୦୨୫ରେ ୪୫୫ କେସ୍‌ରୁ ୧୭୩ ଫଇସଲା**

**■ ୯ ମାସରେ ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ ନିର୍ଦ୍ଦେଶ**

ଓଡ଼ିଶା ଭିଜିଲାନ୍ସ ଗତ ୨୦ ବର୍ଷର ଇତିହାସକୁ ପଛରେ ପକାଇ ଏକ ଉଦାହରଣ ସୃଷ୍ଟି କରିଛି। ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଯୋଗୁ ରାଜ୍ୟରେ ଭିଜିଲାନ୍ସ ବିଭାଗ ସକ୍ରିୟ ଭାବେ କାର୍ଯ୍ୟକରି ଦୁର୍ନୀତିଖୋରଙ୍କୁ ଧରିବାରେ ସଫଳ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଭିଜିଲାନ୍ସ ବିଭାଗର ଏକ ସମୀକ୍ଷା ବୈଠକରୁ ଏହା ସ୍ପଷ୍ଟ ହୋଇଛି। ବୈଠକର ଆଲୋଚନା ଅନୁଯାୟୀ, ୨୦୨୫ ଏପ୍ରିଲରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ କେସ୍‌ର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଏକ ରେକର୍ଡ। ପୂର୍ବରୁ ଏହି ୯ ମାସ ଅବଧି ମଧ୍ୟରେ ରାଜ୍ୟ ସରକାର କେବେହେଲେ ଏତେ ସଂଖ୍ୟକ କେସ୍ ତଦନ୍ତ କରିବା ପାଇଁ ଦେଇନାହାନ୍ତି। ୨୦୨୫ରେ ସମୁଦାୟ ୪୮୮ କେସ୍‌ର ଫଇସଲା ହୋଇଥିବାବେଳେ ସେଥିମଧ୍ୟରୁ ସର୍ବାଧିକ ୧୭୩ଟି ଆୟ ବହିର୍ଭୂତ ସମ୍ପତ୍ତିଜନିତ ମାମଲାର ଫଇସଲା ସରିଛି। ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ ବୋଲି ଜଣାପଡ଼ିଛି।

ଦୁର୍ନୀତି ବିରୋଧରେ ଆକ୍ସନ ମୋଡ୍‌ରେ ସରକାର କାର୍ଯ୍ୟ କରୁଥିବାରୁ ଓଡ଼ିଶା ସାରା ଭାରତରେ ପ୍ରଶଂସିତ ହେଉଛି। ରାଜ୍ୟ ଭିଜିଲାନ୍ସ ଏକାଡେମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ବ୍ୟାପକ ଉନ୍ନତି ଆଣିଛି। ଭିତ୍ତିଭୂମିର ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡେମୀକୁ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍ ମିଳିଛି। ଏହି ସାର୍ଟିଫିକେଟ୍ ଏକାଡେମୀକୁ ଆସନ୍ତା ୩ ବର୍ଷ ପାଇଁ ମିଳିଛି। ଉକ୍ତ ସାର୍ଟିଫିକେଟ୍ ପାଇଁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ଏକାଡେମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି। ୨୦୨୫ରେ ସମୁଦାୟ ୪୮୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ଆୟ ବହିର୍ଭୂତ ସମ୍ପତ୍ତି, ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସରକାରୀ କର୍ମଚାରୀଙ୍କ ୧,୧୯୯ଟି ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିଦିଆଯାଇଛି। ୧୫୩ଟି ବିଲ୍ଡିଂ, ୧୮.୩ କିଗ୍ରା ସୁନା, ୪୧୭ ପ୍ଲଟ, ୧୨ଟି ଫାର୍ମ ହାଉସ୍ ଜବତ କରାଯାଇଛି। ଏଥିସହିତ ୩୬.୬୯ କୋଟି ଟଙ୍କା ଜମାରାଶି ଏବଂ ୮.୮ କୋଟି ଗଚ୍ଛିତ ନଗଦ ଟଙ୍କା ମଧ୍ୟ ଜବତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବା ପାଇଁ ସମୟ ଆସିଯାଇଛି। ଏକ ଏପରି ଉଦାହରଣ ସୃଷ୍ଟି କରିବା, ଯାହାଫଳରେ ସରକାରୀ କର୍ମଚାରୀମାନେ ଦୁର୍ନୀତିର ରାସ୍ତାରୁ ନିବୃତ୍ତ ରହିବେ। ଭିଜିଲାନ୍ସ ବିଭାଗ ତା'ର ଅଭିଯାନ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଭିଜିଲାନ୍ସ ବିଭାଗର ବିଭିନ୍ନ ଆବଶ୍ୟକତା, ଯେପରି ଦକ୍ଷତା ବୃଦ୍ଧି, ନିଯୁକ୍ତି ଏବଂ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହୋଇଛି। ଏ ବିଷୟରେ ତର୍ଜମା କରାଯାଇ ଖୁବ୍‌ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ଭିଜିଲାନ୍ସ ଅସିତ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ: ଦୁର୍ଘଟଣାରେ ଶିଶୁମୃତ୍ୟୁ ନେଇ ତୁମୁଳକାଣ୍ଡ

## ୪ ଲକ୍ଷ ଟଙ୍କା ଅନୁକମ୍ପାରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପୁରୀ,୨।୧(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡର ବଳଗଣ୍ଡି ଛକରେ ଶୁକ୍ରବାର ସିରିଜ୍ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ବୋଲେରୋଟି ପ୍ରଥମେ ସାଇକେଲ ଆରୋହୀଙ୍କୁ ଧକ୍କା ଦେବାପରେ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟିକୁ ସାଲବେଗ ଛକରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା ବୋଲେରୋ। ଫଳରେ ସ୍କୁଟିରେ ଥିବା ନାବାଳକ ନାତିର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ନାବାଳକ ଓ ଜେଜେ ଗୁରୁତର ହୋଇଛନ୍ତି। ମୃତ ନାବାଳକ ଜଣକ ଟାଉନ୍ ଥାନା ଅନ୍ତର୍ଗତ କୁମୁଟି ସାହିର ନିରଞ୍ଜନ ଦେଙ୍କ ପୁଅ ଶ୍ରେୟାଂଶ ଦେ (୫), ଗୁରୁତର ହେଲେ ମୃତ ଶିଶୁର ଜେଜେ ନୀଳକଣ୍ଠ ଦେ (୬୨), ଅନ୍ୟଜଣେ ନାବାଳକ ରାଜା ସାହୁ (୧୨) ଓ ସାଇକେଲ ଆରୋହୀ ବଳଗଣ୍ଡି ଅଞ୍ଚଳର ନବକିଶୋର ମହାରଣା (୭୦)। ପରିବାରକୁ ନ୍ୟାୟ ଦାବିରେ ମୃତଦେହକୁ ରୋଡ୍ ଉପରେ ରଖି ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୋକମାନେ ମେଡିକାଲ ଛକ ମୁଖ୍ୟରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଏସ୍‌ପି, ତହସିଲଦାର ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ପୀଡ଼ିତ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ନୀଳକଣ୍ଠ ଦେ ତାଙ୍କ ନାତି ଶ୍ରେୟାଂଶ ଓ ଅନ୍ୟ ଜଣେ ସମ୍ପର୍କୀୟ ନାବାଳକ ରାଜାକୁ ଶୁକ୍ରବାର ସ୍କୁଟିରେ ନେଇ ଜଳଖିଆ ଆଣିବା ପାଇଁ ଯାଇଥିଲେ। ଜଳଖିଆ ଖାଇ ଫେରୁଥିବା ବେଳେ ମେଡିକାଲ ଛକରୁ ଶ୍ରୀମନ୍ଦିର ଆଡ଼କୁ ଯାଉଥିବା (ଓଡି-୨୨-ଏସି-୩୦୪୮) ନମ୍ବର ବିଶିଷ୍ଟ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଫଳରେ ନୀଳକଣ୍ଠ ତଳେ ପଡ଼ିଯାଇଥିଲେ ଏବଂ ବୋଲେରୋ ସ୍କୁଟି ସହ ପିଲାଙ୍କୁ ଟାଣି ନେଇଥିଲା। ବୋଲେରୋ ଡ୍ରାଇଭର୍ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା କରି ଡାକ୍ତର ଶ୍ରେୟାଂଶକୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଜାରି ରହିଛି। ନାବାଳକର ମୃତ୍ୟୁକୁ ନେଇ ମେଡିକାଲ୍‌ରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ କୁମ୍ଭାରପଡ଼ା ପୋଲିସ ସହ ଟ୍ରାଫିକ୍ ଥାନା ଓ ଅନ୍ୟ ଥାନାର ଅଧିକାରୀମାନେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ଡ୍ରାଇଭର ଜଣକ ନିଶା ସେବନ କରି ଗାଡ଼ି ଚଳାଉଥିଲେ ବୋଲି ଅଭିଯୋଗ ହୋଇଛି। ମୃତ ଶିଶୁକୁ ଉପଯୁକ୍ତ ନ୍ୟାୟ ଦାବିକରି ମୃତଦେହ ଆମ୍ବୁଲାନ୍ସରେ ରଖି ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକ ପୁରୀର ପ୍ରମୁଖ ପ୍ରବେଶ ପଥ ମେଡିକାଲ ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ଯାତାୟାତରେ ସମସ୍ୟା ଦେଖାଯିବା ସହ ଆଇନ ଶୃଙ୍ଖଳା ପୁରୀରେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। କୌଣସି ଅଘଟଣକୁ ଆଶଙ୍କା କରି ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରାଯାଇଥିଲା। ଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଅନେକ ସମୟ ଧରି ବୁଝାଶୁଝା କରିବା ସହ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ସେହିପରି ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ମୃତ ନାବାଳକ ପରିବାରକୁ ପ୍ରଦାନ କରାଯାଇଥିଲା। ନୂଆବର୍ଷ ପାଇଁ ପୁରୀ ପୋଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଥିବା ବେଳେ ପୁରୀ ବଳଗଣ୍ଡି ଛକକୁ ବୋଲେରୋ ଗାଡ଼ି କିଭଳି ଆସିଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତି ଓ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପୁରୀକୁ ନିଶାମୁକ୍ତ କରିବାକୁ ଦାବି କରାଯାଇଛି।

# ହାତୀ ଆକ୍ରମଣରେ ଜଣେ ଗୁରୁତର

ବଅଁରପାଳ,୨।୧(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ଥାନା ତୁଳସୀପାଳ ଗ୍ରାମରେ ଶୁକ୍ରବାର ହାତୀ ଆକ୍ରମଣରେ ଗୋପବନ୍ଧୁ ନଗର ସାହିର ଅଶୋକ କୁମାର ବିଶ୍ୱାଳ (୪୮) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଶୋକ ଭୋର୍ ସମୟରେ ସାଇକେଲରେ ଷେଣ୍ଢପଥର ଠାରେ ଥିବା ଚା ଦୋକାନକୁ ଯାଉଥିଲେ। ଅତ୍ୟଧିକ କୁହୁଡ଼ି ଥିବାରୁ ହାତୀ ଆସୁଥିବା ଜାଣିପାରି ନ ଥିଲେ। ଫଳରେ ହାତୀ ଅଶୋକଙ୍କୁ ଶୁଣ୍ଢରେ ଟେକି ଦୂରକୁ ଫିଙ୍ଗି ଦେଇଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ତାଙ୍କ ପରିବାର ଓ ବନ ବିଭାଗକୁ ସୂଚନା ଦେଇଥିଲେ।



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅଶୋକ ବିଶ୍ୱାଳ।

ଘଟଣାସ୍ଥଳରେ ବନ କର୍ମଚାରୀ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅଶୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

# ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଗୁରୁତର

ବନ୍ତଲା,୨।୧(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ କଞ୍ଚା ସେକ୍ସନ ହମାମୀରା ଗାଁ ସୀମାନ୍ତ ଅଞ୍ଚଳରେ ଗୁରୁବାର ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ବସଲା ଆଦିଆଘାଇର ଦିଲୀପ କୁମାର ଗୋଛାୟତ (୪୮) ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବନ୍ତଲା ବନ ବିଭାଗ ପାଟ୍ରୋଲିଂ ଟିମ୍ ହମାମୀରା-ହିନ୍ଦୋଳ ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ପକାଇଥିବା ବିଦ୍ୟୁତ୍ ଫାଶରେ ଲାଗି ଗଜମିତ୍ର ଦିଲୀପ ଗୁରୁତର ହୋଇଥିଲେ। ସହଯୋଗୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନ ବିଭାଗ ଗାଡ଼ିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।



ଚିକିତ୍ସାଧୀନ ଗଜମିତ୍ର ଦିଲୀପ ଗୋଛାୟତ।

ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମସ୍‌କୁ ପଠାଇ ଦିଆଯାଇଛି। ସମ୍ପୃକ୍ତ ଗଜମିତ୍ରଙ୍କୁ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି।

# ଫରେଷ୍ଟରଙ୍କୁ ବାନ୍ଧିଲା ଭିଜିଲାନ୍ସ

## ୫୫ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ଭବାନୀପାଟଣା,୨।୧ (ଉତ୍ତମ କୁମାର ଦାଶ)

୫୫ଲକ୍ଷ ଟଙ୍କା ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜ୍‌ର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ଙ୍କୁ ଭିଜିଲାନ୍ସ ଗିରଫ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଥୁଆମୂଳ ରାମପୁର ରେଞ୍ଜ୍‌ର ପୋଖରିଗୁଡ଼ା ନଣ୍ଡା ପାହାଡ଼ରେ ୫୦ ହେକ୍ଟର, ଉପରଝାପିରେ ୫୦ ହେକ୍ଟର ଓ କୁମଜୋରରେ ୩୦ ହେକ୍ଟର ଜମିରେ ହୋଇଥିବା ବୃକ୍ଷରୋପଣ ସ୍ଥାନରେ ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟ (କାମ୍ପା ଏବଂ ସିଏ/ସିପିଏ ଯୋଜନା)ରେ ମିଥ୍ୟା ମଷ୍ଟରରୋଲ ଓ ଜବ୍‌କାର୍ଡ ପ୍ରସ୍ତୁତ କରି ଜୁଆଡ ୫୫ ଲକ୍ଷ ୪ ହଜାର ୬୦୭ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଛି। ସେହିପରି ସ୍ଥାନୀୟ ଅଞ୍ଚଳର ୩୧ଜଣ ହିତାଧିକାରୀଙ୍କ ନାମରେ ମିଥ୍ୟା ଆକାଉଣ୍ଟ ଖୋଲି ସରକାରୀ ଅର୍ଥ ବାଟମାରଣା ନୀତି ଆପଣାଇଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଅଣାଯାଇଥିଲା। ତେବେ ଏହା ପୂର୍ବରୁ ଭିଜିଲାନ୍ସ ତଦନ୍ତ କରି ଘଟଣାର ସତ୍ୟତା ସାମ୍ନାକୁ ଆଣିଥିଲା। ଫରେଷ୍ଟର ଜୁଆଡ଼ଙ୍କୁ ଶୁକ୍ରବାର ଭିଜିଲାନ୍ସ ଟିମ୍ ତାଙ୍କ ସେକ୍ସନ ଅଫିସରୁ ଉଠାଇ ଆଣିଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୫ତମ ରାଜ୍ୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶତମ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଲି, ମେଫେୟାର ଲାଗୁନ୍, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ୍-୮, ଭୁବନେଶ୍ୱରର ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର,ୟୁନିଟ୍-୮, ସମୟ:ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧର୍ମବିହାରର ଏକତ୍ରିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଧର୍ମବିହାର, ଖଣ୍ଡଗିରି, ସମୟ: ଅପରାହ୍ନ ୪ଟା।
- ରଂଗମ୍ ନାଟ୍ୟ ସଂସ୍ଥା ଦ୍ୱାରା ପ୍ରସ୍ତୁତ ନାଟକ 'ଦ୍ରୋହ' ପରିବେଷଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୫।

## କଟକ

- ଆର୍ଯ୍ୟ ସମାଜ ତରଫରୁ ୩ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରାମେଶ୍ୱର ଦେବଙ୍କ ପୀଠ ନୂଆପାଟଣା, ତିଗିରିଆ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ଭୋଗରାଇ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଥାନା ଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୫ଟା।
- ଉତ୍ସବ ଉତ୍ତର ଓଡ଼ିଶା ସପ୍ତମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନ ବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସଦ୍‌ଭାବନା ସମିତି ଆନୁକୂଲ୍ୟରେ ମାସିକ ସନ୍ଥ ଦିବସ ପାଳନ,ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ବିଇଡିଏ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ବିଇଡିଏ ସମ୍ମିଳନୀ କକ୍ଷ ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି ଶାଖା,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ ଉଦଯାପନ, ସ୍ଥାନ: ବୁଗୁଡ଼ା କଳଗୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## ଢେଙ୍କାନାଳ

- ଦୌଡକୁଦ ପ୍ରତିଯୋଗିତା, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ, ସମୟ: ସକାଳ ୯ଟା।

## ଅନୁଗୋଳ

- ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଅନୁଗୋଳ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ହାଫ୍ ମାରାଥନ ପ୍ରତିଯୋଗିତା, ସ୍ଥାନ: ହନୁମାନ ମନ୍ଦିର ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଜିଲ୍ଲା କଂଗ୍ରେସର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ପଟ୍ଟନାୟକଙ୍କ ଜୟନ୍ତୀ ଦିବସ ପାଳନ, ସ୍ଥାନ: କଂଗ୍ରେସ ଭବନ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବାଦିପାଳା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଲାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଯାଜପୁର ରୋଡ୍ ବ୍ୟାସଦେବ ଟାଉନ୍ ହଲ୍, ସମୟ: ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ ଦଶମ ସନ୍ଧ୍ୟାରେ ସୋନା ମହାପାତ୍ରଙ୍କ ବଲିଉଡ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ, ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର,ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଶ୍ରୀରାମଚରିତ ମାନସର ଉଦ୍‌ଯାପନ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶ୍ରୀନୀଳମାଧବଙ୍କ ଦେବାଭିଷେକ, ସୁନାବେଶ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନୀଳମାଧବ ପୂଜକ ସମାଜ ପକ୍ଷରୁ ଭଜନ ସମାରୋହ, ସ୍ଥାନ: କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଜିସିଡି ହାଇସ୍କୁଲ ପଡ଼ିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ପାପଡ଼ାହାଣ୍ଡି ଭବ୍ୟ ଶହୀଦ ମିନାର ନିର୍ମାଣ ପାଇଁ ସ୍ଥାନ ନିରୂପଣ ନେଇ ପଲ୍ଲୀ ସଭା, ସ୍ଥାନ: ପାପଡ଼ାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୁଷ ପୁନି ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ପୌଷପୂର୍ଣ୍ଣିମା ଉପଲକ୍ଷେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଦମୟନ୍ତୀ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ପୁରୁଣା ତହସିଲ ପଡ଼ିଆ, କୋଟପାଡ଼, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ପକ୍ଷରୁ ପିଠାପଣା ପ୍ରତିଯୋଗିତା, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୩ଟା।
- ଲୋକ ମହୋତ୍ସବ -୨୦୨୬ ସଂଯୋଜନା କମିଟିର ଅନ୍ତିମ ପ୍ରସ୍ତୁତି ବୈଠକ, ସ୍ଥାନ: ଅଇଠାପାଲି ସ୍ଥିତ ବିର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ପୁଷପୁନି ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ହରିହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଯୋଗୀସର୍ଡା, ଲୋଇସିଂହା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରସ୍ୱତୀ ପୁତ୍ର ଭାଗୀରଥି ନେପାକଙ୍କ ୨୦ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ଶାନ୍ତିପଡ଼ା, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ନାଟ୍ୟକ୍ରାନ୍ତିର ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଲୋଇସିଂହା ପୌଷପୂର୍ଣ୍ଣିମା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ଟା।
- ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଅଭିରାମପାଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନୃତ୍ୟ ମହୋତ୍ସବ ଶୃଙ୍ଗାର-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ ସାହିତ୍ୟ ସଂସଦର ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଫ୍ରେଣ୍ଡସ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ଦ୍ୱିତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲିସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରନିବାସ ଗୃହ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁର ପର୍ଏଁରୀ ତିହାର-୨୦୨୬ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ସଂସ୍କୃତି ପରିଷଦ ନୂଆପଡ଼ା ପକ୍ଷରୁ ମାସିକ ପଠନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପାଠାଗାର ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଆହୁରି ୫ଦିନ ଘନ କୁହୁଡି

**ଭୁବନେଶ୍ୱର,୨।୧(ବନ୍ଦନା ସେଠୀ)**

ଘନ କୁହୁଡି ବଳୟରେ ଅସ୍ତବ୍ୟସ୍ତ ଜୀବନ। ଫଳରେ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେବେ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ଯୋଗୁ ଶୀତର ମାତ୍ରା କିଛି ପରିମାଣରେ ହ୍ରାସ ପାଇଥିଲେ ହେଁ କୁହୁଡି ପାଇଁ ଖରାର ପ୍ରକୋପ କମ୍ ରହୁଛି। ଆସନ୍ତା ୨ଦିନ ମଧ୍ୟରେ ୨ରୁ ୩ଡିଗ୍ରୀ ରାତି ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାପରେ ପୁନର୍ବାର ରାତି ତାପମାତ୍ରା ୨ରୁ ୪ଡିଗ୍ରୀ ଖସିବ ଏବଂ ଥଣ୍ଡା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଘନ କୁହୁଡି ନେଇ ଉଭୟ ଅରେଞ୍ଜ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାକୁ ଅତି ଘନକୁହୁଡି ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, କନ୍ଧମାଳ, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ରବିବାର ଯାଜପୁର, କଟକ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତ୍‌ସିଂହପୁରକୁ ଅରେଞ୍ଜ ୱାର୍ନିଂ ଏବଂ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗିବାଡିରେ ୭ଡିଗ୍ରୀ, ଫୁଲବାଣୀ ୭.୫ ଡିଗ୍ରୀ, କୋରାପୁଟ ୮.୧ ଡିଗ୍ରୀ, ଅନୁଗୋଳ ୮.୯ ଡିଗ୍ରୀ, ରାଉରକେଲା ୯.୬ ଡିଗ୍ରୀ, ଝାରସୁଗୁଡା ଏବଂ ବୌଦ୍ଧରେ ୯.୮ ଡିଗ୍ରୀ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲାଣି ନାରଦ ଋଷି**
**କଳି ଧୋଡ଼କିକି କାଖରେ ଜାକି ।**

ଦେବର୍ଷି ନାରଦ କଳହ ଲଗାଇବାରେ ସିଦ୍ଧହସ୍ତ ବୋଲି ଆମେ ପୁରାଣରୁ ଜାଣିବାକୁ ପାଇଥାଉ। ଅଭ୍ୟାସଗତ କଳହପ୍ରିୟ ଲୋକଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅତି ନିଉଛୁଣା ଅନ୍ଧାର ରାତି**
**ଅତି ନିଉଛୁଣା ଗୋଲାମ ଜାତି ।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଇରାନ୍‌ରେ ଖାମେନେଇ ...

ବିକ୍ଷୋଭକାରୀ ସ୍ଲୋଗାନ ଦେଉଥିବା ଶୁଣାଯାଇଛି। ମୁଲ୍ଲା ଥିବା ପର୍ଯ୍ୟନ୍ତ ଇରାନ ମୁକ୍ତ ହୋଇପାରିବ ନାହିଁ ବୋଲି ସେମାନେ କହିଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଇରାନକୁ ଚେତାବନୀ ଦେଇ କହିଛନ୍ତି, ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ କରାଗଲେ ଆମେରିକା ଅସ୍ତ୍ରଶସ୍ତ୍ର ସହ ପ୍ରସ୍ତୁତ ରହିଛି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀଙ୍କୁ ଗୁଳିକରି ହତ୍ୟା କରାଗଲେ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ଆମେରିକା ହସ୍ତକ୍ଷେପ କରିବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ୩ ବର୍ଷ ମଧ୍ୟରେ ଇରାନ୍‌ରେ ଏହାକୁ ସବୁଠୁ ବଡ଼ ଆନ୍ଦୋଳନ ବୋଲି କୁହାଯାଉଛି। ବିଭିନ୍ନ ପ୍ରଦେଶକୁ ଆନ୍ଦୋଳନ ବ୍ୟାପିବା ସହ ଏହା ହିଂସାର ରୂପ ନେବା ପରେ ଟ୍ରମ୍ପ ଏଭଳି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଇରାନ ନେତା ଏହାର ଜବାବ ଦେଇଛନ୍ତି। ସୁପ୍ରିମ ଲିଡର ଖାମେନେଇଙ୍କ ବରିଷ୍ଠ ଉପଦେଷ୍ଟା ଅଲି ଲାରିଜାନି କହିଛନ୍ତି, ଇରାନୀୟଙ୍କ ବିକ୍ଷୋଭରେ ଆମେରିକାର ହସ୍ତକ୍ଷେପ ସମଗ୍ର ଅଞ୍ଚଳରେ ଅରାଜକତା ସୃଷ୍ଟି କରିବ। ଇରାନର ଜାତୀୟ ସୁରକ୍ଷା ଏକ ଲକ୍ଷ୍ମଣରେଖା। ଏହା ଦୁଃସାହସିକ ଟୁଇଟ୍‌ର ବିଷୟ ନୁହେଁ ବୋଲି ଲାରିଜାନି କହିଛନ୍ତି।

ଇରାନ୍‌ର ଆଣବିକ କାର୍ଯ୍ୟକ୍ରମକୁ ବିରୋଧ କରି ପାଶ୍ଚାତ୍ୟ ଦେଶଗୁଡ଼ିକ ଏହା ଉପରେ ଆର୍ଥିକ କଟକଣା ଲଗାଇଛନ୍ତି। ଫଳରେ ତେହରାନ୍‌ର ଉଭୟ ଆମଦାନୀ ଓ ରାପ୍ତାନି ପ୍ରଭାବିତ ହୋଇଛି ଏବଂ ଦେଶର ଅର୍ଥନୀତି ୪୦% କ୍ଷତିଗ୍ରସ୍ତ ହୋଇଛି। ଶର୍ଟଡାଉନ୍ ଯୋଗୁ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହୋଇଥିବାବେଳେ ସାଧାରଣ ଲୋକେ ନିଜ ଦେଶରେ ଉତ୍ପାଦିତ ସାମଗ୍ରୀ ମଧ୍ୟ କିଣିପାରୁ ନାହାନ୍ତି। ଦୋକାନ ବଜାର, ୟୁନିଭର୍ସିଟିଗୁଡ଼ିକୁ ବନ୍ଦ କରାଯାଇଛି। ଡିସେମ୍ବରରେ ମୁଦ୍ରାସ୍ଫୀତି ୪୨.୫%ରେ ପହଞ୍ଚିଥିବାବେଳେ ଡଲାର ତୁଳନାରେ ରିଆଲର ମୂଲ୍ୟ ଏହାର ପ୍ରାୟ ଅଧା ହ୍ରାସ ପାଇଛି। ସୂଚନାଯୋଗ୍ୟ, ୨୦୨୨ରେ ଇରାନ ନିୟମ ବିରୋଧରେ ଯାଇ ମହସା ଅମିନି ହିଜାବ ନ ପିନ୍ଧିବାରୁ ତାଙ୍କୁ ଗିରଫ କରାଯାଇ ହାଜତରେ ରଖାଯାଇଥିଲା। ସେଠାରେ ଅମିନିଙ୍କ ମୃତ୍ୟୁକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ହୋଇଥିଲା। ଏହାର ୩ ବର୍ଷ ପରେ ବର୍ତ୍ତମାନ ଦରଦାମ୍ ବୃଦ୍ଧିକୁ ନେଇ କ୍ଷୁବ୍ଧ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି।

## ଆଜି ଦେଖାଯିବ..

ପୃଥିବୀଠାରୁ ଦୂରରେ ଥିବାବେଳେ ପୂର୍ଣ୍ଣମୀ ପଡୁଥିବାରୁ ମେ ୧, ମେ ୩୧ ଏବଂ ଜୁନ୍ ୨୯ରେ 'ମାଇକ୍ରୋମୁନ୍' ବା ଛୋଟ ଚନ୍ଦ୍ର ଦେଖାଯିବ ବୋଲି ଜନ ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ସୁପରମୁନ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ। ତେବେ ଆକାଶ ମେଘ ତଥା କୁହୁଡି ମୁକ୍ତ ରହିଲେ ଶନିବାର ସୁପରମୁନ୍‌କୁ ସୂର୍ଯ୍ୟାସ୍ତ ପରଠାରୁ ସାରାରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ବୋଲି ସେ କହିଛନ୍ତି। ସୁପରମୁନ୍ ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ସୁପରମୁନ୍ ଶବ୍ଦଟି ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡା କୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ। କାରଣ ସେହି ସମୟରେ ତାହା ଆମକୁ ବଡ ଓ ଉଜ୍ଜ୍ୱଳ ଦେଖାଯାଏ।

## ୧୦ରୁ ଟେଷ୍ଟିଂ ସେଣ୍ଟର,...

ବିଭୂତିଭୂଷଣ ଜେନା ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଥିଲେ, ଗ୍ରୀନ୍ ଷ୍ଟିକର ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହା ଆର୍‌ଟିଓଗୁଡ଼ିକରେ ମିଳିବ। ଶୁକ୍ରବାର ଗ୍ରୀନ୍ ଷ୍ଟିକର ନେଇ ଏକ ନୂଆ ସୂଚନା ମିଳିଛି। ଆସନ୍ତା ୧୦ ତାରିଖରୁ ସବୁ ଆର୍‌ଟିଓ ଅଫିସ୍‌ରେ ଗ୍ରୀନ୍ ଷ୍ଟିକର ମିଳିବ ବୋଲି ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯେଉଁମାନେ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ପାଇସାରିଛନ୍ତି, ସେମାନେ ଆସନ୍ତା ୧୦ରୁ ନିକଟସ୍ଥ ଆର୍‌ଟିଓ ଅଫିସ ଯାଇ ଗ୍ରୀନ୍ ଷ୍ଟିକର ପାଇପାରିବେ। ପରିବହନ ବିଭାଗ ଘୋଷଣା କରିଛି, କେବଳ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣ ପତ୍ର ରଖିଥିଲେ ହିଁ ଏହି ସବୁଜ ରଙ୍ଗର ପିୟୁସିସି ବୈଧତା ଷ୍ଟିକର ପାଇବେ।

ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯେଉଁଯାନବାହନ ମାଲିକମାନେ ଗ୍ରୀନ୍ ଷ୍ଟିକର ନେବାକୁ ଚାହିଁବେ, ସେମାନେ ନିକଟସ୍ଥ ଆର୍‌ଟିଓ ଅଫିସ୍ ଗଲେ ସେଠାରେ ଖୋଲିଥିବା ସ୍ୱତନ୍ତ୍ର କାଉଣ୍ଟରରୁ ତାହା ପାଇଯିବେ। ଗ୍ରୀନ୍ ଷ୍ଟିକର ଦେବା ପୂର୍ବରୁ ଆର୍‌ଟିଓର ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣ ପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହନ ଡାଟାବେସ୍‌ରେ ରହିଥିବା ରେକର୍ଡ ସବୁ ଯାଞ୍ଚ କରି ତାହା ପ୍ରଦାନ କରିବେ। ଏଥିପାଇଁ କୌଣସି ଶୁଳ୍କ ଲାଗିବ ନାହିଁ ବୋଲି କୁହାଯାଇଛି। ଏନେଇ ଅତିରିକ୍ତ ଏସ୍‌ଟିଏ କମିଶନର ଦୀପ୍ତି ରଞ୍ଜନ ପାତ୍ର କହିଛନ୍ତି, ବିନା ମୂଲ୍ୟରେ ଏହି ଷ୍ଟିକର ଲୋକମାନେ ପାଇବେ। ଆସନ୍ତା ୧୦ ତାରିଖଠାରୁ ଯେଉଁମାନେ ପଲ୍ୟୁଶନ୍ ଟେଷ୍ଟିଂ ସେଣ୍ଟର ଯିବେ, ସେଠାରୁ ଫର୍ମ ୫୯ ପାଇବେ। କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପଲ୍ୟୁଶନ୍ ଟେଷ୍ଟିଂ ହୋଇସାରିବା ପରେ ଫର୍ମ ୫୯ ନେବା ବାଧ୍ୟତାମୂଳକ। ଏହା ଛଡ଼ା ଯଦି ଗାଡ଼ି ମାଲିକମାନେ ଚାହିଁବେ, ଟେଷ୍ଟିଂ ସେଣ୍ଟରରୁ ମାଗଣାରେ ଗ୍ରୀନ୍ ଷ୍ଟିକର ନେଇପାରିବେ। ସେହି ଷ୍ଟିକରରେ ଉଲ୍ଲେଖ ରହିବ, କେଉଁ ତାରିଖରୁ କେଉଁ ସମୟ ପର୍ଯ୍ୟନ୍ତ ଗାଡ଼ିର ପ୍ରଦୂଷଣ ମୁକ୍ତ ପତ୍ରର ଅବଧି ରହିଛି।

## ଶିକ୍ଷିତ ଲୋକେ ...

ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଶିକ୍ଷାର ଉଦ୍ଦେଶ୍ୟ କେବଳ ପେସାଦାରୀ ସଫଳତା ନୁହେଁ ବରଂ ନୈତିକତା ଏବଂ ମାନବୀୟ ଚରିତ୍ରର ବିକାଶ କରିବା।

ସୂଚନାଯୋଗ୍ୟ, ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ବିସ୍ଫୋରକ ଭର୍ତ୍ତି ଆଇ୨୦ କାର୍‌କୁ ବିସ୍ଫୋରଣ ଘଟାଇବାରୁ ୧୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ କାର୍‌କୁ ଡାକ୍ତର ଉମର-ଉନ୍ ନବୀ ଚଳାଉଥିଲେ। ଏହି ଆକ୍ରମଣ ପଛରେ ହ୍ୱାଇଟ୍ କଲାର ଆତଙ୍କବାଦ ମଡ୍ୟୁଲ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଉକ୍ତ ମାମଲାରେ ୩ ଜଣ ଡାକ୍ତର ମୁଜାମିଲ୍ ଗନାଇ, ଆଦିଲ୍ ରାଠେର ଏବଂ ଶାହିନା ସଇଦ ଓ ଅନ୍ୟମାନେ ଗିରଫ ହୋଇଥିଲେ। ରାଜନାଥ କହିଛନ୍ତି, ଜ୍ଞାନରୁ ଦକ୍ଷତା ବଢ଼ିଥାଏ, ଯାହା ସମୃଦ୍ଧି ଆଣିଥାଏ ଏବଂ ଧର୍ମ ଦିଗରେ ନେଇଯାଇଥାଏ। ଏହା ହିଁ ପ୍ରକୃତ ସୁଖ। ଯେଉଁ ଶିକ୍ଷାବ୍ୟବସ୍ଥା ଉକ୍ତ ଲକ୍ଷ୍ୟକୁ ପୂରଣ କରିପାରେ ନାହିଁ, ତାହା ବିନମ୍ରତା ପ୍ରଦାନ କରି ନ ଥାଏ। ଜ୍ଞାନ ସହ ଏହା ନ ଥିଲେ ଶିକ୍ଷା ଅସମ୍ପୂର୍ଣ୍ଣ ବୋଲି ରାଜନାଥ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗରୁ ମନ ପ୍ରଫୁଲ୍ଲ ରହିବ। ନୂଆ ଯୋଜନାର ଶୁଭାରମ୍ଭ କରିପାରନ୍ତି। ବ୍ୟବସାୟିକ ସଫଳତା ମିଳିବ। ଆତ୍ମୀୟଙ୍କ ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ବ୍ୟବସାୟିକ ସଫଳତା ପାଇବେ, ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି।

**ବୃଷ** ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିବ। ଅଟକି ରହିଥିବା କାମଟିକୁ ପୁନଃ ଆରମ୍ଭ କରିପାରନ୍ତି। ବ୍ୟବସାୟ ଭଲରେ ଚାଲିବ, ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେବ। ବୁଧଙ୍କ ଯୋଗୁ ସାମ୍ବାଦିକତାରୁ ଗୌରବାନ୍ୱିତ ହେବେ। ଶେୟାର ବଜାରରୁ ଆଶାଜନକ ଫଳ ପାଇବେ। ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ଧନାଧିପ ରାଶିରେ ଆର୍ଥିକ ଅଭିବୃଦ୍ଧି ଘଟିବ। କେତୁ ପ୍ରଭାବରେ ଭୁଲ୍ ବୁଝାମଣାରୁ ପାରିବାରିକ କଳହ ଉପୁଜିବ। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇବେ। ସାହିତ୍ୟକୃତି ଏବଂ ସଙ୍ଗୀତ ଆସରରେ ଯୋଗଦେଇ ପ୍ରଶଂସିତ ହେବେ। ସଙ୍ଗଠନ, ଭ୍ରମଣ ଏବଂ ସଭାସମିତିରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ** କର୍ମାଧିପତି ଷଷ୍ଠଭାବରେ ଥିବା ଯୋଗୁ ନୂତନ କର୍ମସଂସ୍ଥାନର ସମ୍ଭାବନା ରହିଛି। ଚନ୍ଦ୍ରଙ୍କ ପ୍ରଭାବରେ ଭାବପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି।

**ସିଂହ** ଚତୁର୍ଥଭାବରେ ରାଜଯୋଗ ସ୍ୱରୂପ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପାରିବାରିକ କ୍ଷେତ୍ର ଭଲ ରହିବ। ଗୃହାରମ୍ଭ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାର ସୁଯୋଗ ଲାଭ କରିବେ। ଶୁକ୍ରଙ୍କ ପ୍ରଭାବରୁ ଭୋଗବିଳାସ ପ୍ରତି ଆଗ୍ରହୀ ହୋଇପାରନ୍ତି। ଚାକ୍ଷୁଷ ପ୍ରମାଣ ବିହୀନ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ଘନୀଭୂତ ହୋଇପାରେ।

**କନ୍ୟା** କେନ୍ଦ୍ରସ୍ଥ ରାଜଯୋଗ ପ୍ରଭାବରୁ କାର୍ଯ୍ୟସିଦ୍ଧି ଘଟିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ସରକାରୀ ସହାୟତା ମିଳିପାରେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ ଓ କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା** ଭାଗ୍ୟସ୍ଥାନକୁ ଏକାଧିକଗ୍ରହ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ, ସଭାସମିତିରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଯାତ୍ରା ସମୟରେ ଅସୁବିଧା ଭୋଗିପାରନ୍ତି । ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମ ଝୁଲନ୍ତା ଅବସ୍ଥାରେ ଅଟକି ରହିଯିବାର ଆଶଙ୍କା ରହିଛି।

**ବିଚ୍ଛା** ପରସ୍ପର ସମ୍ବନ୍ଧାନ୍ୱିତ ସାତୋଟି ଗ୍ରହଜନିତ ଆଜି ସବୁ ଦିଗରୁ ଶୁଭଫଳ ପାଇବେ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଅଫିସିଆଲି କାମରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ଏକାଧିକ ରାଶିରେ ଅବସ୍ଥାନ କରି ମାନସିକସ୍ଥିତିକୁ ବିଭ୍ରାନ୍ତ କରାଇପାରନ୍ତି। ଦୂର ବନ୍ଧୁଙ୍କ ଦର୍ଶନରେ ମନ ଖୁସି ରହିବ। ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତି, ଅଧ୍ୟୟନ ଓ ଅଧ୍ୟାପନା, କର୍ମାରମ୍ଭ, ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**ମକର** ଧନସ୍ଥାନରେ ରାହୁଙ୍କ ଯୋଗୁ ଅପବ୍ୟୟ ହେତୁ ମନସ୍ତାପ କରିପାରନ୍ତି। ଅଭିଳାଷ ପୂରଣ ନ ହେବାରୁ ଅସ୍ଥିରତା ଓ ଅନିଦ୍ରା ରହିପାରନ୍ତି। ବନ୍ଧୁଙ୍କ ଅନୁପସ୍ଥିତି, ଆଳସ୍ୟ ଓ ଅବହେଳାଜନିତ ପରିବାରରେ ମନାନ୍ତର ସୃଷ୍ଟି ହେବ। ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। ବନ୍ଧୁମିଳନଜନିତ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ** ଶୁଭଗ୍ରହ ପ୍ରଭାବରୁ ଉନ୍ନତ ଚିନ୍ତାଯୁକ୍ତ ହେବେ, କିନ୍ତୁ ରାହୁଙ୍କ କୁପ୍ରଭାବ ତାହା କାର୍ଯ୍ୟକାରୀ କରିବାକୁ ଦେବନାହିଁ। ପ୍ରତିଯୋଗିତାରେ ସଫଳ ହେବେ। ମାଲିମକଦ୍ଦମାର ସପକ୍ଷରେ ଯିବାର ସମ୍ଭାବନା ରହିଛି। ଦୈହିକ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ବିଚଳିତ କରିପାରେ। ବ୍ୟୟସଂକୋଚ କରି ଆର୍ଥିକ ସ୍ଥିତିକୁ ନିୟନ୍ତ୍ରଣ କରିପାରନ୍ତି।

**ମୀନ** ଗ୍ରହ ପ୍ରଭାବରୁ ଆଜିର ଦୈନିକଚର୍ଯ୍ୟା ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ଲାଭ କରି ଖୁସି ରହିବେ। ସହକର୍ମୀଙ୍କ ଅଭିସନ୍ଧିମୂଳକ କାର୍ଯ୍ୟ ପ୍ରତି ସଜାଗ ରହିବା ଭଲ। ରପ୍ତାନି ବାଣିଜ୍ୟ, ପ୍ଲଟିଂ କାରବାର, ଧାତୁ ଅଳଙ୍କାର, କୁଟୀରଶିଳ୍ପ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଅନୁକୂଳ।

ଆଜି ଜାନୁୟାରୀ ୩ ତାରିଖ, ପୌଷ ପୂର୍ଣ୍ଣିମା, ଶନିବାର, ଦେବାଭିଷେକ, ପୌଷ ବନ୍ଦାପନା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ, ପୁରୀ ଗୋବର୍ଦ୍ଧନ ପୀଠାଧିଶ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୨ ଗତେ ଘ.୦୯।୦୮ ମଧ୍ୟେ, ଘ.୧୨।୧୨ ଗତେ ଘ.୦୧।୧୨ ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ. ୦୯।୦୮ ଗତେ ଘ.୧୦।୨୯ ମଧ୍ୟେ ରାହୁକାଳ।

# ଚିତାଳୋ କଲେଜର ପୂର୍ବତନ ଅଧ୍ୟକ୍ଷ, ସଭାପତି ଗିରଫ

## ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଅର୍ଥ ଆତ୍ମସାତ୍ ମାମଲା

ଯାଜପୁର/ ଯାଜପୁର ଟାଉନ୍ ୨।୧(ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)


ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ


ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟ

ଯାଜପୁର ଜିଲା ଦଶରଥପୁର ବ୍ଲକ ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଦ୍ୱୈତ ପ୍ରସାଦ ମଲ୍ଲିକ ଓ ପୂର୍ବତନ ସଭାପତି ବଦ୍ରିନାରାୟଣ ରାୟଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଗିରଫ କରାଯାଇଛି। ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପାଇଁ ଆସିଥିବା ୩୨ ଲକ୍ଷ ୭ ହଜାର ୬୨୦ ସରକାରୀ ଅର୍ଥକୁ ଆତ୍ମସାତ କରିଥିବାରୁ ଭିଜିଲାନ୍ସ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ନଂ. ୪୦/୩୧।୧୨।୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ରାଜ୍ୟ ଯୁବନୀତି ତଥା ଷ୍ଟେଟ୍ ୟୁଥ୍ ପଲିସି-୨୦୧୩ ନୀତି ଅନୁଯାୟୀ କଲେଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ପ୍ରଣିତ ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ତାଲିମ ପାଇଁ ୨୦୨୪-୨୫ ବର୍ଷରେ ରାଜ୍ୟର ୩୧୬ କଲେଜକୁ ଦିଆଯାଇଥିବା ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହୋଇପାରି ନ ଥିଲା। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରି ରମେଶ ଚନ୍ଦ୍ର ବେହେରା କଲେଜ ପ୍ରିନ୍ସିପାଲମାନଙ୍କୁ ଖର୍ଚ୍ଚ ହୋଇ ନ ଥିବା ସରକାରୀ ଅର୍ଥ ଫେରେଇଦେବାକୁ ୧୪।୮।୨୦୨୫ରେ ନିର୍ଦ୍ଦେଶ ଜାରି କରିଥିଲେ। କେତେକ କଲେଜ କର୍ତ୍ତୃପକ୍ଷ ୧୫।୪।୨୦୨୫ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର(ୟୁସି) ଦାଖଲ କରିପାରି ନ ଥିଲେ। ଏନେଇ ଚିତାଳୋ କଲେଜରେ ହୋଇଥିବା ଅନିୟମିତତା ଉପରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ପ୍ରମାଣ ମିଳିବା ପରେ ପୂର୍ବତନ ଅଧ୍ୟକ୍ଷ ଓ ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଠକେଇ

# ପଶ୍ଚିମବଙ୍ଗରୁ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୧(ସତ୍ୟଜିତ ରାଉତ)

ଶେୟାର ଟ୍ରେଡିଂ ଆଳରେ ୪୦ କୋଟି ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅମ୍ରିତପୁରରେ ରହୁଥିବା ବିଷ୍ଣୁପୁରର ଅମିତ ମଣ୍ଡଳ। ତାଙ୍କଠାରୁ ଏକ ଲାପଟପ୍ ଜବତ କରାଯାଇଛି। ସେଥିରେ ନିବେଶକାରୀଙ୍କ ତାଲିକା ଓ ଜମା ଟଙ୍କା ସମ୍ବନ୍ଧୀୟ ତଥ୍ୟ ରହିଛି। ବୁଧବାର ଗିରଫ ପରେ ଅମିତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶନିବାର କଟକସ୍ଥିତ ସ୍ୱତନ୍ତ୍ର ଇଓଡବ୍ଲ୍ୟୁ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅମିତଙ୍କ ସହଯୋଗୀଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅମିତ ଓ ତାଙ୍କ ଏଜେଣ୍ଟମାନେ ସାଧାରଣ ଲୋକଙ୍କୁ ଶେୟାର ଟ୍ରେଡିଂ ଆଳରେ ଫସାଇଥିଲେ। ମାସିକ ୩.୫ ପ୍ରତିଶତରୁ ୭ ପ୍ରତିଶତ ରିଟର୍ନ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅମିତ ୨୦୨୦ରୁ ୨୦୨୪ ମଧ୍ୟରେ ଓଡ଼ିଶାର ୫୦୦ଜଣ ଏବଂ ପଶ୍ଚିମବଙ୍ଗର ୧୦୦ଜଣଙ୍କୁ ଫସାଇ ୧୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିଲେ।




# ୨ ବାଘଛାଲ, ୪ ଶମ୍ବର ଶିଙ୍ଗ ଜବତ: ୬ ଗିରଫ

ନୂଆପଡ଼ା,୨।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବନ ବିଭାଗ ଶୁକ୍ରବାର ପୃଥକ୍ ସ୍ଥାନରେ ଚଢାଉ କରି ୨ କଲରା ପତରିଆ ବାଘ ଛାଲ ଓ ୪ ଶମ୍ବର ଶିଙ୍ଗ ଜବତ କରି ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟକୁରି ଗାଁର ମହେଶ ସାହୁ(୬୨), ଗଜାନନ ସାହୁ (୨୬) ଓ ବୋଡେନ ଥାନା ଶରଧାପୁର ଗାଁର ଦିନେଶ ମାଝି (୬୨), ସୁକୁରାମ ଚିନ୍ଦା(୪୫), ପୂର୍ଣ୍ଣଚନ୍ଦ୍ର ମାଝି(୪୬) ଓ ମଧୁସୂଦନ ମାଝି(୫୫)। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଖଡିଆଳ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ଅଜିଜ ଖାନ୍ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଗୁରୁବାର ଖଡିଆଳ ବନ ବିଭାଗ କର୍ମଚାରୀ ବୋଡେନ ଶରଧାପୁର ଗାଁରେ କଲରା ପତରିଆ ବାଘଛାଲ ବିକ୍ରି ପାଇଁ ଡିଲ ଚାଲିଥିବା କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ। ସେହି ସମୟରେ ଗୋଟିଏ ବାଘ ଛାଲ ଓ ୨ ଶମ୍ବର ଶିଙ୍ଗ ଜବତ କରି ୪ ଜଣଙ୍କୁ ଗିରଫ କରିଥିଲେ। ହେଲେ ସମ୍ପୃକ୍ତ ୨ ଜଣ ଫେରାର ହୋଇଯାଇଥିଲେ।


ଗିରଫ ଅଭିଯୁକ୍ତ ଓ ଜବତ ବାଘ ଛାଲ, ସମ୍ବର ଶିଙ୍ଗ।

ଗିରଫ ଅଭିଯୁକ୍ତମାନଙ୍କୁ ଖଡିଆଳ ବନ ବିଭାଗ କାର୍ଯ୍ୟାଳୟକୁ ଆଣି ପଚରାଉଚରା ସମୟରେ ଅନ୍ୟ ଏକ ସ୍ଥାନରେ କଲରା ପତରିଆ ବାଘ ଛାଲ ଓ ଶମ୍ବର ଶିଙ୍ଗ ରଖିଥିବା ସୂଚନା ପାଇଥିଲେ। ଏହାପରେ କର୍ମଚାରୀମାନେ ନୂଆପଡା ସଦର ବ୍ଲକ ଆମାନାରା ପଞ୍ଚାୟତ ପାତାଲଘୁଟୁକୁରି ଗାଁରେ ଚଢାଉ କରି ମହେଶ ସାହୁଙ୍କ ଘରୁ ଗୋଟିଏ କଲରା ପତରିଆ ବାଘ ଛାଲ ଓ ୨ଟି ଶମ୍ବର ଶିଙ୍ଗ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିଏଫ୍‌ଓ ଖାନ୍ କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସିଏଫ୍ ପ୍ରଶନଜିତ ନାଏକ, ମହମ୍ମଦ ମୁସ୍ତାଫା ସାହିଲ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ବୃଦ୍ଧଙ୍କୁ ହତ୍ୟା ଘଟଣା, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମର ସନିଆ ଗୌଡ଼(୮୫)ଙ୍କୁ ଗୁରୁବାର ସକାଳେ ଗାଁ ଦାଣ୍ଡରେ ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ସିନ୍ଧବା ଗ୍ରାମର ଶିବ ଶଙ୍କର ଗୌଡ଼ ଓରଫ ଶିବା (୨୨) ଏବଂ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼(୨୫)ଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଥାନା ମାମଲା ନଂ.୧/୨୬ ଦଫା -୧୦୩(୧)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

ସିନ୍ଧବା ଗ୍ରାମର ସନିଆଙ୍କ ନାତୁଣୀ(୧୬) ଗତ ମଙ୍ଗଳବାର ରାତି ପ୍ରାୟ ୯ ଟାରେ ତାଙ୍କ ଛେଳି ଗୁହାଳରେ କାମ କରୁଥିବା ବେଳେ ଶିବ ପହଞ୍ଚି ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଗୁରୁବାର ସକାଳେ ଘର ସାମ୍ନାରେ ସନିଆ, ତାଙ୍କ ପୁଅ ବିଚିତ୍ର ଗୌଡ଼ ଏବଂ ଗ୍ରାମର ଶତ୍ରୁଘ୍ନ ଗୌଡ଼ ଉକ୍ତ ଘଟଣା ସମ୍ପର୍କରେ କଥା ହେଉଥିଲେ। ପଡୋଶୀ ଶିବ ଏହା ଶୁଣିବା ପରେ ସମ୍ପର୍କୀୟ ଚିକୁନ ସହ ସେଠାରେ ପହଞ୍ଚି ସନିଆଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ। ପ୍ରତିବାଦ କରିବାରୁ ଶିବ ସେଠାରେ ପଡ଼ିଥିବା ଠେସ କାଠରେ ସନିଆଙ୍କ ମୁଣ୍ଡକୁ ପିଟିଥିଲେ। ଚିକୁନ ମଧ୍ୟ ତାଙ୍କୁ ମୁଥ ମାରିଥିଲେ। ଏଥିରେ ଗୁରୁତର ସନିଆଙ୍କୁ ପରିବାର ଲୋକେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସନିଆଙ୍କ ପୁଅ ବିଚିତ୍ର ଏତଲା ଦେବାପରେ ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ମାଟି, ସନିଆଙ୍କ ଲୁଗା, ୨ ଅଭିଯୁକ୍ତଙ୍କ ପୋଷାକ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ କାଠଖଣ୍ଡ ଜବତ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କ ଘରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଧରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଉଭୟେ ନିଜ ଦୋଷ ସ୍ୱୀକାର କରିଥିବା ଆଇଆଇସି କହିଛନ୍ତି। ଅପରପକ୍ଷରେ ପୀଡ଼ିତା ଶୁକ୍ରବାର ଥାନାରେ ପହଞ୍ଚି ଶିବଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୨/୨୬ରେ ପୋକ୍‌ସୋ ଆଇନର ଧାରା - ୪ ଅନୁଯାୟୀ ମାମଲା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଚିକିଟି ଫାଣ୍ଡି ଏସ.ଆଇ. ଗୌତମ ସାହୁ ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି। ଶନିବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ଜଣାପଡ଼ିଛି।

## Business

# ୮ରୁ ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ



ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ଚତୁର୍ଥ ସଂସ୍କରଣ ଜାନୁଆରୀ ୮ରୁ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ୧୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ୨୫୦ ଜଣ ପ୍ରଦର୍ଶକ ଓ ପରିଦର୍ଶକ ଏକାଠି ହେବେ। ୧୦ରୁ ଅଧିକ ଦେଶର ୩୦୦ରୁ ଅଧିକ କମ୍ପାନୀ ଏଥିରେ ସାମିଲ ହେବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବାବେଳେ ସମ୍ମାନିତ ଅତିଥିଭାବରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଖଣିକ୍ଷେତ୍ରରେ ସଫଳ ମହିଳାଙ୍କୁ ପୁରସ୍କାର ପ୍ରଦାନ କରିବେ। ତୃତୀୟଦିନରେ ଇସ୍ପାତ ଏବଂ ଖଣିମନ୍ତ୍ରୀ ବିଭୂତିଭୂଷଣ ଜେନା ଏବଂ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।

ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏକ୍ସପୋ ଓଡ଼ିଶାକୁ ଏସିଆର ଖଣିଜ କ୍ଷେତ୍ରର ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଶୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ନାଲ୍‌କୋର ପୂର୍ବତନ ଅଧ୍ୟକ୍ଷ ଏବଂ ଏମ୍‌ଡି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ନମିତ ଗୁପ୍ତା ପ୍ରମୁଖ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଲୁମିନସଇନଫୋର ପରିଚାଳନା ନିର୍ଦ୍ଦେଶକ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆସ୍ତା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, କୃପା ଚୌଧୁରୀ, ଲଘୁ ଉଦ୍ୟୋଗ ଭାରତୀର ଗୋପାଳ ଦାସ ଅଗ୍ରୱାଲ, ୱାଲେଟ୪ ୱେଲଥର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଅବିନାଶ ପଟ୍ଟନାୟକ, ଆୟୋଜକ କମିଟିର ଉପାଧ୍ୟକ୍ଷ ସୁଦର୍ଶନ ଶେଖର ମହାନ୍ତି, ଇକ୍ୟୁପେଜ ଇନଫ୍ରାକୋର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ନାୟକ, କେସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏସଆର ସାମଲ, ଫ୍ୟୁଚରଏକ୍ସର ନିର୍ଦ୍ଦେଶକ ନିଧି ଶର୍ମା, ଫ୍ୟୁଚରଏକ୍ସର ପ୍ରୋଜେକ୍ଟ ନିର୍ଦ୍ଦେଶକ ସୌମୋ ରୟ ପ୍ରମୁଖ ଉପସ୍ଥିତ ଥିଲେ।

# ଲାପ୍ସଡ ପଲିସିର ପୁନରୁଦ୍ଧାର କରିବ ଏଲ୍‌ଆଇସି


ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଲାପ୍ସଡ ହୋଇଥିବା ବ୍ୟକ୍ତିଗତ ପଲିସିଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏକ ବିଶେଷ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନ ଅଧୀନରେ ନନ-ଲିଙ୍କ୍‌ଡ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକ ପାଇଁ ଲେଟ ଫିସ୍ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼ ପ୍ରଦାନ କରାଯାଉଛି, ଯାହାର ସର୍ବୋଚ୍ଚ ରାଶି ୫୦୦୦ ଟଙ୍କା ରହିଛି। ମୋଟ ଗ୍ରହଣୀୟ ପ୍ରିମିୟମ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେଲେ ସର୍ବୋଚ୍ଚ ୩୦୦୦ ଟଙ୍କା, ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ମଧ୍ୟରେ ହେଲେ ସର୍ବୋଚ୍ଚ ୪୦୦୦ ଟଙ୍କା ଏବଂ ୩ ଲକ୍ଷ ଟଙ୍କାରୁ ଅଧିକ ହେଲେ ସର୍ବୋଚ୍ଚ ୫୦୦୦ ଟଙ୍କା ଛାଡ଼ ମିଳିବ। ମାଇକ୍ରୋ ଇନ୍‌ସ୍ୟୁରାନ୍ସ ଯୋଜନାଗୁଡ଼ିକ ପାଇଁ ଲେଟ ଫିସ୍ ଶତପ୍ରତିଶତ ଛାଡ଼ କରାଯାଇଛି। ଏହି ବିଶେଷ ଅଭିଯାନ ଅଧୀନରେ ପ୍ରଥମ ଅନାଦେୟ ପ୍ରିମିୟମ ତାରିଖରୁ ୫ ବର୍ଷ ମଧ୍ୟରେ ପଲିସିଗୁଡିକୁ ପୁନରୁଦ୍ଧାର କରାଯାଇପାରିବ। ଏଥିପାଇଁ କିଛି ପଲିସି ସର୍ତ୍ତାବଳୀ ରହିଛି। ପ୍ରିମିୟମ ଦେବା ଅବଧି ମଧ୍ୟରେ ଲାପ୍ସଡ ହୋଇଥିବା ଏବଂ ପଲିସି ଅବଧି ସମ୍ପୂର୍ଣ୍ଣ ନ ହୋଇଥିବା ପଲିସିଗୁଡିକ ଏହି ଅଭିଯାନରେ ପୁନରୁଦ୍ଧାର ହୋଇପାରିବ। ଏହି ଅଭିଯାନ ସେହି ପଲିସିଧାରୀମାନଙ୍କ ଲାଭ ପାଇଁ ଆରମ୍ଭ କରାଯାଇଛି, ଯେଉଁମାନେ ଅପ୍ରୀତିକର ପରିସ୍ଥିତି ଯୋଗୁ ଠିକ୍ ସମୟରେ ପ୍ରିମିୟମ ଦେଇପାରି ନ ଥିଲେ। ପଲିସିକୁ ଚାଲୁ ରଖିବା ଦ୍ୱାରା ପୂରା ବୀମା ଲାଭ ମିଳିଥାଏ। ପୁରୁଣା ପଲିସିକୁ ପୁନରୁଦ୍ଧାର କରି ବୀମା କଭର ପୁନଃ ସ୍ଥାପନ କରିବା ଏଲଆଇସିର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

# ଏପ୍ରିଲରେ ଭାରତ ଷ୍ଟିଲ୍ ୨୦୨୬ ସମ୍ମିଳନୀ

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଏପ୍ରିଲ ୧୬ ଓ ୧୭ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ ଭାରତ ଷ୍ଟିଲ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏକ ପ୍ରମୁଖ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ ପରିକଳ୍ପିତ ଭାରତ ଷ୍ଟିଲ ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ, ନିବେଶକ ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କୁ ଭାରତ ଏବଂ ବିଶ୍ୱ ସ୍ତରରେ ଇସ୍ପାତ କ୍ଷେତ୍ରର ଭବିଷ୍ୟତ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଠି କରିବ। ଭାରତର ଇସ୍ପାତ ଦୃଷ୍ଟିକୋଣ, ନୀତି ନିର୍ଦ୍ଦେଶ ଏବଂ ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା, ଭାରତ ସରକାର ଏବଂ ବିଶ୍ୱସ୍ତରୀୟ ଇସ୍ପାତ-ପରିବେଶ ମଧ୍ୟରେ ଅର୍ଥପୂର୍ଣ୍ଣ ସମ୍ପର୍କକୁ ସୁଗମ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ରହିଛି। ଭାରତ ସରକାରଙ୍କ ବରିଷ୍ଠ ନେତୃତ୍ୱ, ପ୍ରମୁଖ ମନ୍ତ୍ରଣାଳୟ, ରାଜ୍ୟ ସରକାର, ପ୍ରମୁଖ ଭାରତୀୟ ଏବଂ ଅନ୍ତର୍ଜାତୀୟ ଇସ୍ପାତ ଏବଂ ଖଣି-କମ୍ପାନୀଗୁଡ଼ିକର ସିଇଓ, ଆର୍ଥିକ ପ୍ରତିଷ୍ଠାନ, ବାଣିଜ୍ୟ ସଂସ୍ଥା ଏବଂ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କଠାରୁ ଉଚ୍ଚସ୍ତରୀୟ ଅଂଶଗ୍ରହଣ ଆଶା କରାଯାଉଛି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ଦେବାଭିଷେକ ପୂର୍ଣ୍ଣିମା, ମାଘ ବ୍ରତାରମ୍ଭ, ମହୋଦଧି ଆଳତି



# ଚାପର ପରୀକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜଟିଳ ସ୍ଥିତି ଦେଇ ଗତି କରୁଥିବା ଭାରତ–ବାଂଲାଦେଶ ସମ୍ପର୍କକୁ ସୁଧାରିବା ଲାଗି ଚେଷ୍ଟା କରାଯାଉଛି। ଉଭୟ ପକ୍ଷର ସଂସ୍ଥା, ସୁରକ୍ଷା ଏଜେନ୍ସି ଏବଂ ଦାୟିତ୍ୱରେ ଥିବା ଅଭିଜ୍ଞ କୂଟନୀତିଜ୍ଞଙ୍କ ଯୋଗୁ ଅନେକ ବର୍ଷ ଧରି ଏହି ସମ୍ପର୍କ ରହିଆସିଥିଲା । ଏବେ ଉତ୍ତେଜନା ଏବଂ କଟୁ ସମାଲୋଚନା ବୃଦ୍ଧି ପାଉଥିବାବେଳେ ଏଭଳି ସ୍ଥିତିରେ ସେମାନଙ୍କ ଅଭିଜ୍ଞତା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ତେବେ ଭାରତରେ ଥିବା ଦକ୍ଷ ଓ ଦୃଢ଼ ବ୍ୟକ୍ତିମାନେ ବାଂଲାଦେଶକୁ ଭଲ ଭାବେ ବୁଝିପାରୁଛନ୍ତି। ଭାରତର ସଂସ୍ଥାଗତ ଅଭିଜ୍ଞତାର ଗଭୀରତା ଦେଖନ୍ତୁ। ପୂର୍ବତନ ଆର୍ ଆଣ୍ଡଏଡବ୍ଲ୍ୟୁ(ର) ଅଧିକାରୀ ଅମିତାଭ ମାଥୁର, ଅମର ଭୂଷଣ, ରବି (ସିକେ) ସିହ୍ନା, ଶଶିଭୂଷଣ ସିଂହ, ଆଲୋକ ତିୱାରୀ, ଆର୍. କୁମାର ଏବଂ ଶଶିଭୂଷଣ ସିଂହ ତୋମାରଙ୍କ ଭଳି ଅନ୍ୟ ଅଧିକାରୀମାନେ ଅନେକ ଦଶନ୍ଧି ଧରି ଏକ ଦୃଢ଼ ନେଟ୍‌ୱର୍କ ଗଢ଼ି ଭୁଲ୍ ତଥ୍ୟର ମୁକାବିଲା, ସଙ୍କଟ ନିୟନ୍ତ୍ରଣ ଏବଂ ଗୁପ୍ତ ତଥା ପରୋକ୍ଷ ଯୋଗାଯୋଗ ପଦ୍ଧତି ସୃଷ୍ଟି କରିଛନ୍ତି। ଏମାନଙ୍କ ସହିତ ଭାରତର ରଣନୈତିକ କ୍ଷେତ୍ରରେ ଆଲୋକ ଜୋଷୀ, ଅଶୋକ ସିହ୍ନା ଏବଂ ବିବେକ ଜୋହରିଙ୍କ ଭଳି ବିଜ୍ଞ ବ୍ୟକ୍ତିଙ୍କୁ ଦେଖନ୍ତୁ। ଏପରିକି ଇଣ୍ଟେଲିଜେନ୍ସ ବ୍ୟୁରୋରେ ଥିବା ଅଧିକାରୀ ଶୀଳ ବର୍ଦ୍ଧନ ସିଂହ, ବଲ୍‌ବୀର ସିଂହ, ସୁରେନ୍ଦ୍ର ସିଂହ, ରମାକାନ୍ତ ଏବଂ ସୁମିତ୍ ବାଂଲାଦେଶର ତୃଣମୂଳସ୍ତରର ବାସ୍ତବତାକୁ ଜାଣନ୍ତି। କୂଟନୈତିକ ସ୍ତରରେ ମଧ୍ୟ ପିନାକ ରଞ୍ଜନ ଚକ୍ରବର୍ତ୍ତୀଙ୍କ ପରି ବ୍ୟକ୍ତିମାନେ ବହୁ ଦିନ ଧରି ସତର୍କ କରିଆସିଛନ୍ତି ଯେ, ଆମ ବାଂଲାଦେଶ ନୀତି ଅହଂକାର କିମ୍ବା ନିର୍ବାଚନୀ ପ୍ରତିଫଳନ ଦ୍ୱାରା ସକ୍ରିୟ ଭାବେ ପରିଚାଳିତ ହୋଇପାରିବ ନାହିଁ। ଢାକାରେ ବଢୁଥିବା ରାଜନୈତିକ ଅସ୍ଥିରତା ଏବଂ ଜାତୀୟତାବାଦୀ ଚାପ କୂଟନୀତିକୁ ଅଧିକ ପ୍ରତିକ୍ରିୟାଶୀଳ କରିଦେଇଛି। ସମ୍ପର୍କ ଭାଙ୍ଗି ପଡୁନାହିଁ; ବରଂ ଏକ ଚାପର ପରୀକ୍ଷା ହେଉଛି। ଏକ ସ୍ଥାୟୀ ସମ୍ପର୍କ ପାଇଁ ଅଭିଜ୍ଞ ଅଧିକାରୀମାନେ ମାର୍ଗଦର୍ଶନ କରିବା ଉଚିତ।

### ଘନିଷ୍ଠତାକୁ ପ୍ରାଧାନ୍ୟ

ଦିଲ୍ଲୀରେ ସମୟ କାଟ ଆଉ ନିଜ କ୍ୟାଡରକୁ ଫେରିଯାଅ ଏବଂ ଆପଣ ପୂର୍ବାପେକ୍ଷା କ୍ଷମତାର ଆହୁରି ନିକଟତର ହୋଇପାରିବେ ବୋଲି ଭାରତୀୟ ଅମଲାତନ୍ତ୍ରରେ ଏକ କୌତୂହଳପ୍ରଦ ନିୟମ ଅଛି। ଗୁଜରାଟ ହେଉଛି ଏହାର ବଡ଼ ଉଦାହରଣ। କେନ୍ଦ୍ର ସରକାରରେ ବିଶେଷକରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଏହା ସହ ଜଡ଼ିତ ଥିବା ଯେକୌଣସି ମନ୍ତ୍ରଣାଳୟରେ କାର୍ଯ୍ୟ କରିଥିବା ଅଧିକାରୀମାନେ ରାଜ୍ୟର ସବୁଠାରୁ ପ୍ରଭାବଶାଳୀ ପଦବୀରେ ନିଯୁକ୍ତ ହେଉଛନ୍ତି। ଏକ ରାଜ୍ୟ ସରକାର ତାଙ୍କ ବ୍ୟବସ୍ଥାରେ ଜଣେ ପରିଚିତ ବ୍ୟକ୍ତିଙ୍କୁ ପସନ୍ଦ କରୁଛନ୍ତି। ବାସ୍ତବରେ, ଦିଲ୍ଲୀରୁ ଫେରିଥିବା ଅଧିକାରୀଙ୍କ ଗୁରୁତ୍ୱ ରହିଛି। ପିଏମ୍‌ଓ, ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଏବଂ ଜାତୀୟ ନୀତି ପ୍ରକ୍ରିୟାଗୁଡ଼ିକରେ ରହିବା ସେମାନଙ୍କ ଦକ୍ଷତାର ପରିଚୟଦିଏ। ଯେକୌଣସି ସରକାର ସେହି ବିଶେଷଜ୍ଞଙ୍କୁ ଚାହିଁବା ସ୍ୱାଭାବିକ। ହେଲେ ସମସ୍ୟା ହେଉଛି ସମାନ ଭାବେ ଯୋଗ୍ୟ ଅଧିକାରୀଙ୍କୁ ପଛରେ ରଖି ଏଭଳି ବ୍ୟବସ୍ଥା କରାଯାଉଛି । ଏ କ୍ଷେତ୍ରରେ କେନ୍ଦ୍ର ସହ ସମ୍ପର୍କକୁ ଯୋଗ୍ୟତା ଭାବେ ଦେଖାଯାଏ। ଯେତେବେଳେ ଶାସନ ଏକ ବିଶ୍ୱସ୍ତତା ପରିବେଶକୁ ଆଦରିନିଏ, ସେତେବେଳେ ସଂସ୍ଥାଗତ ସ୍ୱଚ୍ଛତା ପ୍ରଭାବିତ ହୁଏ। ଗୁଜରାଟ ଦକ୍ଷତା ଏବଂ ପ୍ରଶାସନିକ ଶୃଙ୍ଖଳାକୁ ନେଇ ଗର୍ବ କରେ। କିନ୍ତୁ ଦକ୍ଷତା କେବଳ ବିଶ୍ୱସ୍ତତା ଓ ସମ୍ପର୍କର ବିଷୟରେ ନୁହେଁ; ଏହା ବ୍ୟାପକ ପ୍ରତିଭା, ରାଜ୍ୟର ବାସ୍ତବ ସ୍ଥିତି ଉପରେ ଆଧାରିତ ଦକ୍ଷତାକୁ ସୂଚିତ କରେ। ଏହି ଧାରା ରାଜନୈତିକ ପରିଚାଳନାକୁ ସହଜ କରିପାରେ। କିନ୍ତୁ ଦେଖାଯାଏ ନିଯୁକ୍ତି ବେଳେ କାର୍ଯ୍ୟଦକ୍ଷତା ବଦଳରେ ଘନିଷ୍ଠତାକୁ ପ୍ରାଧାନ୍ୟ ଦିଆଯାଏ।

### ଅଧିକାରୀଙ୍କୁ ରିହାତି

ରାଜସ୍ଥାନ ହାଉସିଂ ବୋର୍ଡ (ଆର୍‌ଏଚ୍‌ବି) ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, ନିମ୍ନ ତଥା ମଧ୍ୟମ ଆୟକାରୀ ବ୍ୟକ୍ତିମାନଙ୍କର ବାସଗୃହ ପାଇବା ସ୍ୱପ୍ନକୁ ସାକାର କରିବା ସକାଶେ ପ୍ରତିଷ୍ଠା କରାଯାଇଛି। ହେଲେ ବିଳାସପୂର୍ଣ୍ଣ ଫ୍ଲାଟ କ୍ରୟ କରୁଥିବା ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ପାଇଁ ପ୍ରଶାସନିକ ଶୁଳ୍କ ହ୍ରାସ କରିବା ପାଇଁ ଏକ ନିୟାମକ କୌଶଳ ବ୍ୟବହାର କରାଯାଇଛି। ଏଥିରେ ପ୍ରତି ଫ୍ଲାଟରେ ବରିଷ୍ଠ ଅଧିକାରୀମାନେ ୮–୯ ଲକ୍ଷ ଟଙ୍କା ରିହାତି ପାଇଯାଉଛନ୍ତି। ଏହି ସମୟରେ, ଯେଉଁ ନାଗରିକମାନଙ୍କୁ ବୋର୍ଡ ସମର୍ଥନ କରିବା କଥା ଥିଲା, ସେମାନେ ଏପରି କୌଣସି ରିହାତି ପାଉନାହାନ୍ତି, ବରଂ ପୂରା ମୂଲ୍ୟ ଦେଇ ଫ୍ଲାଟ୍ କିଣୁଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଲାଭ ଦେବା ଲାଗି ନୀତି କରାଯାଉଛି, ଯାହା ଏକ ନିଆରା ଦୃଷ୍ଟାନ୍ତ ଭଳି ମନେହେଉଛି। ପ୍ରାୟ ପାଞ୍ଚ ଦଶନ୍ଧି ପୂର୍ବେ ହାଉସିଂ ବୋର୍ଡ ଆଇନରେ ସ୍ୱଚ୍ଛତା ଏବଂ ନ୍ୟାୟକୁ ଆଧାର କରି ଜନସାଧାରଣଙ୍କ ଆବଶ୍ୟକତା ପୂରଣ କରୁଥିବା ଗୃହ ଯୋଜନାଗୁଡ଼ିକୁ ସହଜ କରିବା ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଏଠାରେ ଦେଖୁଛୁ, ଏହି ସଂସ୍ଥା ଉଚ୍ଚବର୍ଗର ଲୋକଙ୍କୁ ସୁବିଧାରେ ଘର ଯୋଗାଇଦେଉଛି। ଏହା କେବଳ ଏକ କୌଶଳ ନୁହେଁ, ବରଂ ଏହା ଏକ ପୁରୁଣା ଧାରାର ସୂକ୍ଷ୍ମ ସୁଦୃଢ଼ୀକରଣ। କିନ୍ତୁ ତାହାକୁ ଶ୍ରମ ଦେଇ ଗଢ଼ିଥିବା ଲୋକଙ୍କୁ କୌଣସି ସୁବିଧା ଦେଉନାହିଁ। ଯଦି ଆମେ ସମସ୍ତଙ୍କ ପାଇଁ ଘର ମିଳିବା ବିଷୟକୁ ନେଇ ଗମ୍ଭୀର ଭାବେ ଚିନ୍ତା କରୁଛେ, ତେବେ ବାବୁ ପ୍ରୋତ୍ସାହନ ସାମାଜିକ ସମାନତା ସହିତ ସମନ୍ୱିତ ହେବା ଆବଶ୍ୟକ। ଅଧିକାରୀ ଶ୍ରେଣୀ ପାଇଁ ସୁବିଧା କରାଯିବା ଉଚିତ ନୁହେଁ। ଏବକାର ସ୍ଥିତିରେ, ଆର୍‌ଏଚ୍‌ବି ଏହାର ସାର୍ବଜନୀନ ସମର୍ଥନ ହରାଇଥିବା ପରି ମନେହେଉଛି।

Email: dilipcherian@gmail.com

# ଡାଇଓଜିନୀଜଙ୍କ ଅନ୍ୱିଷ୍ଟ ମଣିଷ



ଡ. ବ୍ରଜମୋହନ ମିଶ୍ର

ସୁଦୂର ଅତୀତର (କାରଣ ଖ୍ରୀଷ୍ଟପୂର୍ବ) ଏଇ ବିସ୍ମୟକର ଅଥଚ ଆଧାତ୍ମିକ ଭାବସମ୍ପନ୍ନ ଅଲୌକିକ କ୍ରିୟା, ମାନବ ସଭ୍ୟତାର ଇତିହାସରେ ଏକ ମାଇଲ ଖୁଣ୍ଟ। ସୃଷ୍ଟିର ରାଜମୁକୁଟ ପୁଣି ସୃଷ୍ଟିର ସବୁଠାରୁ ମହାନ୍ ସୃଜନ ମଣିଷ ସମ୍ପର୍କରେ ମଣିଷର କୌତୂହଳ ପ୍ରତୁଳ। ବିବର୍ତ୍ତନରେ ମାଙ୍କଡ଼ରୁ ମଣିଷ ହୋଇଥିବା ଏଇ ସତ୍ତା ଏକାଧାରରେ ଆଧାତ୍ମିକ ଓ ପାଶବିକ, ସୁନ୍ଦର ଓ କୁତ୍ସିତ, ଆଲୋକିତ ଓ ଅନ୍ଧାରିତ, ଅମୃତର ସନ୍ତାନ ଅଥଚ ମୃତ୍ୟୁ କବଳିତ ଇତ୍ୟାଦି ବିଷମ ଯୁଗ୍ମତାସମ୍ପନ୍ନ। ଏଥିପାଇଁ 'ସବୁ ଉପରେ ମଣିଷ' ବୋଲି କେଡ଼େ ବହପ ଓ ବିଜ୍ଞତାରେ କୁହାଯାଇଥିବା ପହଲିପ୍ରତି ଅନେକ ସମୟରେ ବ୍ୟକ୍ତି ସନ୍ଦିଗ୍ଧ ହୋଇପଡ଼େ। ଯଦି ମଣିଷ, ସୃଷ୍ଟିର ସମସ୍ତଙ୍କ ଠାରୁ (ଉଦ୍ଭିଦ ସମାଜ, ପ୍ରାଣୀ ସମାଜ) ଶ୍ରେଷ୍ଠତର, ମହତ୍ତର, ତା'ହେଲେ ସେ କାହିଁକି ଯୁଦ୍ଧ ଭିଆଏ। ଫଳରେ ଅକାରଣ ଅସଂଖ୍ୟ ଜୀବନ ତଥା ଅପରିମିତ ସମ୍ପତ୍ତି ନଷ୍ଟ ହୁଏ ? କାହିଁକି ମଣିଷ ଆପଣାର ଜୀବନକାଳ ଅଳ୍ପ ଓ ଅନିଶ୍ଚିତ ଜାଣି ସୁଦ୍ଧା ତାହାକୁ ବଦଖର୍ଚ୍ଚ କରି ବରବାଦ୍ କରିଦିଏ ? କାହିଁକି ସେ ସଂସାର ରାସ୍ତାରେ ଫୁଲଟିଏ ହୋଇ ଫୁଟିବାକୁ ପ୍ରାର୍ଥନା ନ କରି କଣ୍ଟାଟିଏ ହୋଇ ପଡ଼ିରହି ପଥିକର ପାଦରେ ଫୁଟି ଯିବାକୁ କାମନା କରେ ? କାହିଁକି ସେ ଅନ୍ୟ ଆଖିରୁ ଲୁହ ପୋଛିବାର ସାତ୍ତ୍ୱିକତାରେ ଶିହରି ଉଠିବା ପରିବର୍ତ୍ତେ ତା' ଜୀବନର ରାହୁ ହୋଇ ତା' ଆଖିରୁ ଦୁଃଖ ଓ ଯନ୍ତ୍ରଣାର ଅଶ୍ରୁପାତ କରାଏ ? ମୋଟ ଉପରେ ଈଶ୍ୱରଙ୍କ ଢାଞ୍ଚାରେ ଗଢ଼ାଯାଇଥିବା ମଣିଷ କାହିଁକି ସଇତାନର କ୍ରୀତଦାସ ପାଲଟି ତା' ଦିବ୍ୟ ପିତାଙ୍କର ଅଦିବ୍ୟ ସନ୍ତାନ ପାଲଟିଯାଏ ? କାହିଁକି?

ଏହିପରି କାହିଁକିର ମର୍ମଭେଦୀ ଆହ୍ୱାନରେ ସେଦିନ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ ଡାଇଓଜିନୀଜ ନିଶ୍ଚିତ ବିଚଳିତ ହୋଇଥିଲେ। ଫଳରେ ସେ ଅସଲ ମଣିଷ ଖୋଜିବାକୁ ବାହାରି ପଡ଼ିଥିଲେ ଏଥେନ୍ସର ରାଜରାସ୍ତାରେ ଏକ ଜଳନ୍ତା ଲଣ୍ଠନ ଧରି। ତାହା ପୁଣି ଦିନ ଦ୍ୱିପ୍ରହରେ। ତାଙ୍କର ଏପରି ଅସାଧାରଣ କର୍ମକାଣ୍ଡ ଯୁଗଯୁଗ ଧରି ମାନବଜାତି ପାଇଁ ଏକ ଆଧାତ୍ମିକ ଆହ୍ୱାନ ହୋଇ ରହିଆସିଛି। ସତରେ ସେ କେଉଁ ପ୍ରକାର ମଣିଷର ଅନ୍ୱେଷଣ କରୁଥିଲେ ଏବଂ ଏଥେନ୍ସର ରାଜରାସ୍ତାରେ ଚାଲିଯାଉଥିବା ମଣିଷମାନଙ୍କ ମୁହଁରେ ଲଣ୍ଠନ ପକାଇ ଦେଖିବାକୁ ଚାହୁଁଥିଲେ ଆକୃତିରେ ମଣିଷ ସତରେ ମଣିଷ ତ? ଏହି ମହାନ୍ ଦାର୍ଶନିକଙ୍କ ଜୀବନୀ ନ ଜାଣିଲେ ଦିନ ଦିପ୍ରହରେ ଜଳନ୍ତା ଲଣ୍ଠନ ଧରି ରାଜରାସ୍ତାରେ ଖୋଜିଥିବା (ଏବଂ ବୋଧେ ନ ପାଇ ନିରାଶାରେ ଦୀର୍ଘଶ୍ୱାସ ପକାଇଥିବା) ଆବେଗିକ ଆଲୋଡ଼ନକାରୀ ଏକର୍ମକାଣ୍ଡର ସର୍ବକାଳୀନ



ବ୍ୟଞ୍ଜନାଟିକୁ ଧରି ହେବ ନାହିଁ କି ଧାରଣ କରିହେବ ନାହିଁ। ବିଶ୍ୱବିଜୟୀ ଆଲେକଜାଣ୍ଡାର (ଖ୍ରୀ.ପୂ. ୩୫୬ –୩୨୩) ଓ ମହାନ୍ ଦାର୍ଶନିକ ସକ୍ରେଟିସ୍ (ଖ୍ରୀ.ପୂ. ୪୬୯ – ଖ୍ରୀ.ପୂ.୩୯୯) ଙ୍କ ସମସାମୟିକ ଡାଇଓଜିନୀଜ ( ଯାହାଙ୍କ ପୂରାନାମ ଡାଇଓଜିନୀଜ ଲେରଟିୟସ – ଖ୍ରୀ.ପୂ.୪୧୨ – ଖ୍ରୀ.ପୂ. ୩୨୩) ହେଉଛନ୍ତି ଅନ୍ୟ ଜଣେ ବିଶିଷ୍ଟ ଗ୍ରୀକ୍ ଦାର୍ଶନିକ – ଯେ ନିଜକୁ ''କସ୍‌ମୋପଲିଟାନ୍'' ଅର୍ଥାତ୍ ବିଶ୍ୱ ନାଗରିକ ବୋଲି ଘୋଷଣା କରିଥିଲେ। 'ସିନିକ୍' ବାଦର ପ୍ରଚାରକ ଓ ପ୍ରସାରକ ଏହି ନିଆରା ମଣିଷ ଥିଲେ ଜଣେ ଧନୀ ମହାଜନ। ବହୁ ବ୍ୟକ୍ତିଙ୍କୁ କରଜ ଦେଇ ଦେଇ ପରିଶେଷରେ ଦେବାଳିଆ ପାଲଟିଗଲେ। ତେଣୁ ସେ ଭିକ୍ଷାବୃତ୍ତି ଅବଲମ୍ବନ କଲେ। ତା'ପରେ ସେ ଘର ଦ୍ୱାର ଛାଡ଼ି ସିନିକବାଦର ପ୍ରତିଷ୍ଠାତା ଆଣ୍ଟିସ୍ଥିନୀଜ – (ଖ୍ରୀ.ପୂ. ୪୪୫ – ଖ୍ରୀପୂ. ୩୬୫)ଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ। ଗୁରୁଙ୍କୁ ପ୍ରଥମେ ସାକ୍ଷାତ୍ କଲାବେଳେ ଗୁରୁ ତାଙ୍କୁ ପଳାଇଯିବାକୁ କହିଥିଲେ କିନ୍ତୁ ଡାଇଓଜିନୀଜ ତାହା ନ ମାନିବାରୁ ସେ ତାଙ୍କୁ ଏକ ବାଡ଼ିରେ ପିଟିଥିଲେ। ତଥାପି ଅବିଚଳିତ ରହିଥିଲେ ଡାଇଓଜିନୀଜ କାରଣ ''He wanted wisdom and saw that Antisthenes had it to give''–ବର୍ଟ୍ରାଣ୍ଡ ରସେଲ। ''ସୁଖଦୁଃଖ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ରହିବାକୁ ତଥା କଠୋର ଜୀବନ ଯାପନକୁ ଆଦର୍ଶ ମନେକରୁଥିବାରୁ ସେ ଗୋଟିଏ କୁଣ୍ଡ ମଧ୍ୟରେ ବାସ କରୁଥିଲେ'' – ଶରତ ମହାନ୍ତି।

ଲୋକମତକୁ ବେଖାତିର କରି ସିନିକମାନେ ସମାଜବିରୋଧୀ ହେବାକୁ ଚେଷ୍ଟା କରୁଥିଲେ। ଡାଇଓଜିନୀଜ ଏକ କୁକୁରପରି ବଞ୍ଚିବାକୁ ଚାହିଁଲେ। ସେଥିପାଇଁ ତାଙ୍କୁ 'ସିନକ' କୁହାଗଲା ଯାହାର ଅର୍ଥ CANINE– କୁକୁର ସମ୍ବନ୍ଧୀୟ। ସମସ୍ତ ପ୍ରଚଳିତ ସାମାଜିକ ପ୍ରଥା (ତାହା ଧର୍ମ, ସାମାଜିକ ବ୍ୟବହାର, ପୋଷାକ, ଖାଦ୍ୟ, ଶାଳୀନତା)କୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ରସେଲଙ୍କ ଭାଷାରେ ''He lived like an Indian Fakir, by begging'' କେବଳ ମାନବଜାତି ସହ ନୁହେଁ, ପଶୁମାନଙ୍କ ସହ ସେ ଭ୍ରାତୃତ୍ୱରେ ଥିଲେ ବିଶ୍ୱାସୀ। ନୈତିକ ଉତ୍କୃଷ୍ଟତା (VIRTUE) ପ୍ରତି ତାଙ୍କର ଥିଲା ପ୍ରବଳ ଉତ୍ସାହ। ଏହାକୁ ସେ ପାର୍ଥିବ ସମ୍ପଦଠାରୁ ଯଥେଷ୍ଟ ଉଚ୍ଚ ବୋଲି ବିବେଚନା କରୁଥିଲେ। କାମନାରୁ ମୁକ୍ତ ହୋଇ ସେ ସାଧୁତା ଓ ନୈତିକ ଉତ୍କୃଷ୍ଟତା ଅନ୍ୱେଷୀ ଥିଲେ। ଭାଗ୍ୟଦେବୀଙ୍କୁ ଥିବା କୌଣସି ବସ୍ତୁ (ପଦାର୍ଥ) ପ୍ରତି ବୀତସ୍ପୃହ ହେବାକୁ ସେ କହୁଥିଲେ। ଫଳରେ ବ୍ୟକ୍ତି ଭୟମୁକ୍ତ ହୋଇପାରିବ। ସଭ୍ୟତା ସୃଷ୍ଟ ସକଳ ସୁବିଧା ସେ ବର୍ଜନ କରିଥିଲେ। ସେଇଥିପାଇଁ ସେ ପ୍ରମିଥିଅସ୍‌ଙ୍କ ଦଣ୍ଡକୁ ଯଥାର୍ଥ ବୋଲି ବିଚାରିଥିଲେ। ତାଙ୍କ ମତରେ ପ୍ରମିଥିଅସ୍ ମଣିଷ ପାଇଁ ସେହିସବୁ କଳା ଆଣିଥିଲା ଯାହା ଆଧୁନିକ ଜୀବନରେ ଜଟିଳତା ଓ କୃତ୍ରିମତା ସୃଷ୍ଟି କରିଥିଲା।

ଏହି ଋଷି ପ୍ରତିମ ବ୍ୟକ୍ତି ଥିଲେ ବିଜ୍ଞ ଏବଂ ବଞ୍ଚୁଥିଲେ ଏକ ସରଳ ଜୀବନ ଯାହା ନୈତିକତା ଉପରେ ଥିଲା ପ୍ରତିଷ୍ଠିତ। ନିଜକୁ 'ମୁଁ କୁକୁର' ବୋଲି ବିପୁଳ ଆନନ୍ଦରେ ଘୋଷଣା କରୁଥିବା ଏହି ଦାର୍ଶନିକଙ୍କର ଖ୍ୟାତି ତତ୍କାଳୀନ ଆଲେକ୍‌ଜାଣ୍ଡାରଙ୍କ ଖ୍ୟାତି ସମକକ୍ଷ ଥିଲା। ଏ ଉଭୟ ମହାନାୟକଙ୍କର ଥରେ ଭେଟ ହୋଇଗଲା, ଥିବୀଜ୍ ନଗରର ଏକ ସ୍ଥାନରେ। ଦାର୍ଶନିକ ମହୋଦୟ ଖରା ପୋଉଁଥାନ୍ତି। ତାଙ୍କ ପାଖରେ ପହଞ୍ଚିଗଲେ ମହାପରାକ୍ରମୀ ଆଲେକଜାଣ୍ଡାର ଏବଂ ପରିଚୟ ଦେଲେ ଯେ ସେ ସମ୍ରାଟ ଆଲେକ୍‌ଜାଣ୍ଡାର। ଦାର୍ଶନିକ ଉତ୍ତର ଦେଲେ ସେ ହେଉଛନ୍ତି 'କୁକୁର ଡାଇଓଜିନୀଜ। 'ଆପଣ ଯାହାଇଚ୍ଛା ତାହା ମୋତେ ମାଗନ୍ତୁ' – କହିଲେ ଆଲେକ୍‌ଜାଣ୍ଡାର। ମୋ ଉପରେ ଆପଣଙ୍କ ଛାଇ ପଡୁଛି, ଦୟାକରି ଟିକିଏ ଘୁଞ୍ଚିବେ କି? ଏହି ମାଗୁଣି ଥିଲା ଦାର୍ଶନିକଙ୍କର। ମୁଗ୍ଧ ହୋଇ ଆଲେକଜାଣ୍ଡାର କହିଥିଲେ, 'ଯଦି ମୁଁ ଆଲେକଜାଣ୍ଡାର ହୋଇ ନ ଥାନ୍ତି, ତେବେ ଡାଇଓଜିନୀଜ ହୁଅନ୍ତି'। (ଏକାଦିନେ ଉଭୟଙ୍କର ମୃତ୍ୟୁ ହୋଇଥିଲା)। ଡାଇଓଜିନୀଜଙ୍କ ଉଚ୍ଚାରଣ ଓ ଆଚରଣ ଅକ୍ଷୁଣ୍ଣ ଥିଲା। ବାସ୍ତବିକ ସେ ଥିଲେ ଜଣେ ସଂଯମୀ ତପସ୍ୱୀ ଯେ ସଂସାରର ମଙ୍ଗଳ ପାର୍ଥିବ ସୁଖ ସମ୍ପଦରେ ନାହିଁ ଅଛି ନୈତିକତାରେ ଓ ସାଧୁତାରେ ବୋଲି କହୁଥିଲେ।

ଏପରି ନିଆରା ଦାର୍ଶନିକ ଏଥେନ୍ସର ରାଜରାସ୍ତାରେ ଦିନ ଦିପ୍ରହରେ ଏକ ଜଳୁଥିବା ଲଣ୍ଠନ ଧରି ଖୋଜିଥିବା ମଣିଷ (ଯାହା ତାଙ୍କ ମନ ଓ ହୃଦୟର ମଣିଷ– ଅର୍ଥାତ୍ ପ୍ରକୃତ ମଣିଷ) ହେଉଛି କାମନା ବାସନା ଶୂନ୍ୟ ସତ୍‌ପୁରୁଷ। ସେ ଆମର ଗାନ୍ଧୀ, ଗୋପବନ୍ଧୁ, ସ୍ୱାମୀ ବିବେକାନନ୍ଦ କି ସେଣ୍ଟ ଫ୍ରାନ୍ସିସ ଅଫ୍ ଆସମ ହୋଇପାରନ୍ତି। ତାଙ୍କର ସେହି ଅମ୍ଳିକ ଅନ୍ୱେଷଣର ଚିରନ୍ତନ ବାର୍ତ୍ତା ଆମ ଭିତରକୁ ପଶନ୍ତାନି? ଫଳରେ ଆମେ 'ହଲୋମ୍ୟାନ' (ଫମ୍ପା ମଣିଷ) ନ ହୋଇ ହୁଅନ୍ତେ 'ହୋଲିମ୍ୟାନ'' (ପବିତ୍ର ମଣିଷ), ଯେ ପୃଥିବୀମାତାଙ୍କର ଯଥାର୍ଥ ସନ୍ତାନ ହୁଅନ୍ତେ।

ଭଦ୍ରକ
ମୋ: ୮୦୧୮୦୮୭୮୩୧

# ପାରିବାରିକ ଉତ୍ତରଦାୟିତ୍ୱ



ଡ. ଭାରତ ଭୂଷଣ ରଥ

ମାନବର ଅତ୍ୟଧିକ ମାଦକ ଦ୍ରବ୍ୟ ସେବନ ଏବଂ ଅମାନବୀୟ ଚାରିତ୍ରିକ ସ୍ଖଳନ ସମାଜର ମେରୁଦଣ୍ଡକୁ ଭାଙ୍ଗିବାକୁ ବସିଛି। କିଛି ପରିବାରରେ ଏହା ଆଭିଜାତ୍ୟର ରୂପ ନେଇସାରିଛି। ଆଉ କିଛି ପରିବାରରେ ଜ୍ୟେଷ୍ଠମାନଙ୍କର କନିଷ୍ଠଙ୍କୁ ଆକଟ କରିବାରେ ସାମର୍ଥ୍ୟ ନାହିଁ। ଏହାକୁ ରୋକିବ କିଏ ? ଯଦି ରୋକା ନ ଯାଏ ତେବେ ଏ ଦେଶର କ'ଣ ଅବସ୍ଥା ହେବ?

ଭାରତୀୟମାନେ ମୋଗଲ, ଇଂରେଜ ତଥା ବିଭିନ୍ନ ଏକଚ୍ଛତ୍ରବାଦୀ ଶାସକଙ୍କ ଦ୍ୱାରା ଶାସିତ ହୋଇଛନ୍ତି। ସମୟ କ୍ରମେ ସେହି ଶାସକମାନଙ୍କର କୁସଂସ୍କାର ପ୍ରଭାବରେ ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏହି କୁସଂସ୍କାର ସାମାଜିକ ବ୍ୟାଧିର ରୂପ ନେଇସାରିଛି। ଭାରତୀୟମାନେ ବିଶୃଙ୍ଖଳିତ ପରମ୍ପରାରେ ପରିଚାଳିତ ହେବା ଦ୍ୱାରା ପାରିବାରିକ ଅଶାନ୍ତି, ଅସମୟରେ ମୃତ୍ୟୁ ଏବଂ ମାନବ ଭିତରେ ଭେଦଭାବ ସୃଷ୍ଟି ହୋଇଛି। କିଏ ରୋକିବ ଏ ସବୁ ବିଶୃଙ୍ଖଳାକୁ। କାରଣ ସମାଜର ଶୃଙ୍ଖଳା ସେତେବେଳେ ରକ୍ଷା ହୁଏ ଯେତେବେଳେ ମାନବର ନୈତିକ ଜ୍ଞାନ ରୁହେ। ନୈତିକ ଜ୍ଞାନ ଆହରଣ ପାଇଁ ତିନୋଟି ପ୍ରମୁଖ ମାର୍ଗ ଅଛି। ପ୍ରଥମତଃ ନିଜ ଘରେ ଜ୍ୟେଷ୍ଠମାନଙ୍କଠାରୁ କନିଷ୍ଠମାନେ ନୈତିକ ମୂଲ୍ୟବୋଧ ଶିକ୍ଷା କରନ୍ତି। କିନ୍ତୁ ବର୍ତ୍ତମାନ ଅନେକ ଘରେ ମୁରବିଙ୍କୁ କନିଷ୍ଠମାନେ ସମ୍ମାନ ଦେଉନାହାନ୍ତି। ଅନେକ କ୍ଷେତ୍ରରେ ମୁରବିମାନଙ୍କର ନୈତିକତା ହ୍ରାସ ହୋଇଛି। ବିଭାଜନକାରୀ ରାଜନୀତି, ଅନ୍ୟାୟ ମାର୍ଗରେ ଧନ ଅର୍ଜନ, ନିଶାଦ୍ରବ୍ୟ ସେବନ ଏବଂ ଚାରିତ୍ରିକ ସ୍ଖଳନରେ ଯଦି ଘରର ମୁରବିମାନେ ପୌରୋହିତ୍ୟ କରିବେ ତେବେ ଶିଶୁ କ'ଣ ବା ଶିକ୍ଷା କରିବେ। ନୈତିକତାଶିକ୍ଷାର ଦ୍ୱିତୀୟ ମାର୍ଗ ହେଉଛି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ଶିକ୍ଷା ଗ୍ରହଣ। କିନ୍ତୁ ସମାଜର ଅନେକ ବିଶିଷ୍ଟ ବ୍ୟକ୍ତି ଯଦ୍ୟପି ନିଜନିଜ କର୍ମ କ୍ଷେତ୍ରରେ ବିଶିଷ୍ଟ କିନ୍ତୁ ନୈତିକତା ହ୍ରାସ ତାଙ୍କର ବ୍ୟକ୍ତିଗତ ଜୀବନର କାଳିମା ହୋଇଛି। ବିଶେଷତଃ ଯୁବସମାଜ ସଂଗୀତ, ନୃତ୍ୟ ଏବଂ ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାରମାନଙ୍କର ଅନୁଗାମୀ ହେଉଛନ୍ତି। ସେହି ବିଶିଷ୍ଟ କଳାକାରମାନେ ଯଦି ଶୃଙ୍ଖଳିତ ଜୀବନ ଅତିବାହିତ କରନ୍ତେ ତେବେ ଦେଶର ଯୁବସମାଜ ଖୁବ୍ ସଂଯତ ହୋଇପାରନ୍ତେ। ଏଇ କିଛି ବର୍ଷର ବ୍ୟବଧାନରେ ଓଡ଼ିଶାରେ ଅନେକ ବିଶିଷ୍ଟ କଳାକାରଙ୍କର ନିଶାସେବନଜନିତ ଅକାଳ ମୃତ୍ୟୁ, ବମ୍ବେର ଫିଲ୍ମ ଜଗତରେ ନାଁ କମେଇଥିବା ବରିଷ୍ଠ କଳାକାରମାନଙ୍କର ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ତଥା ଚାରିତ୍ରିକ ସ୍ଖଳନ ସୂଚେଇଦେଉଛି ସମାଜ ଉପରେ ଏହା କେତେ କୁପ୍ରଭାବ ପକାଇଛି। ଯେଉଁ କିଛି ଉତ୍ତମ କଳାକାର ନିଜ କଳା ସହିତ ସମାଜ ମଙ୍ଗଳ ପାଇଁ ପ୍ରୟାସ କରନ୍ତି ସେମାନେ ହାତଗଣତି ମାତ୍ର। ଶାସ୍ତ୍ର କୁହେ ମହାଜନ ଯେନ ଗତଃ ସ ପନ୍ଥା। ଅର୍ଥାତ୍ ମହାନ ବ୍ୟକ୍ତିମାନେ ଯେଉଁ ସୁନ୍ଦର ରାସ୍ତାରେ ଯାଇଛନ୍ତି ତାହା ହିଁ ପରବର୍ତ୍ତୀ ପିଢିର ମାର୍ଗ ହେଉ। କିନ୍ତୁ ଆଜିର ସମାଜରେ ମହାଜନଙ୍କୁ ଚିହ୍ନିବା କଷ୍ଟକର। ତେଣୁ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ସମାଜ ସଂସ୍କାରର ଶିକ୍ଷା ଗ୍ରହଣ କରିବା ସଫଳ ହେଉନାହିଁ।

ସମାଜ ସଂସ୍କାରର ତୃତୀୟ ମାର୍ଗ ହେଉଛି ନୈତିକ ଜ୍ଞାନ ଆଧାରିତ ପୁସ୍ତକ। ଛାତ୍ରୀଛାତ୍ରଙ୍କ ପାଠ୍ୟପୁସ୍ତକରେ ଯଦି ନୈତିକ ଆଧାରିତ ଶିକ୍ଷା ଦିଆଯାଏ ତେବେ ତାହା ସେମାନଙ୍କ ଜୀବନକୁ



ଶୃଙ୍ଖଳିତ କରେ। ତେଣୁ ପୂର୍ବରୁ ପଞ୍ଚତନ୍ତ୍ର ଏବଂ ହିତୋପଦେଶ ପ୍ରଭୃତି କଥା ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦିଆଯାଉଥିଲା। ବଣଜଙ୍ଗଲର କଥା ପାଠ୍ୟପୁସ୍ତକରେ ରହିବା ଦ୍ୱାରା ପିଲାମାନେ ଅରଣ୍ୟ ଏବଂ ପରିବେଶ ସୁରକ୍ଷା ଦିଗରେ ସଚେତନ ହେଉଥିଲେ। ବିଭିନ୍ନ ବିଶ୍ୱମଙ୍ଗଳ ପ୍ରାର୍ଥନା ଦ୍ୱାରା ପିଲାମାନେ ବିଶ୍ୱକୁ ସମାନ ଦୃଷ୍ଟିରେ ଦେଖୁଥିଲେ। ବେଦରେ ବର୍ଣ୍ଣିତ ଅଗ୍ନି, ବାୟୁ, ଜଳ, ପର୍ବତ, ବୃକ୍ଷଲତା ପ୍ରଭୃତି ପ୍ରାକୃତିକ ସମ୍ପଦର ସମ୍ମାନ ମନ୍ତ୍ର ମାଧ୍ୟମରେ ଶିକ୍ଷା ଦିଆଯାଉଥିଲା, ଯଦ୍ୱାରା ମାନବ ପ୍ରକୃତିକୁ ନଷ୍ଟ କରିବନାହିଁ। ରାମାୟଣର ସମାଜ ସଂସ୍କାର, ମହାଭାରତର ଶାନ୍ତି ପ୍ରତିଷ୍ଠା, ଉପନିଷଦର ଯମ ନଚିକେତା ସଂବାଦ ପ୍ରଭୃତି ମାନବକୁ ସତ୍ ମାର୍ଗ ପ୍ରଦର୍ଶିତ କରୁଥିଲା। ଆଜି କିନ୍ତୁ ଏ ସବୁକୁ ଧର୍ମ ଗ୍ରନ୍ଥର ରୂପ ଦେଇ ପାଠ୍ୟକ୍ରମରୁ ଦୂରେଇ ରଖାଗଲା। ଭାରତ ଏକ ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ହେଲା। ଏଠି ସମାଜ ସଂସ୍କାର ଦିଆଯାଉଥିବା ଗ୍ରନ୍ଥଗୁଡ଼ିକ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ବାରଣ କରାଗଲା। ଆଜିର ପିଲା କେବଳ ପାଠ ବ୍ୟତୀତ କୌଣସି ସଂସ୍କାରମୂଳକ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଲା ନାହିଁ। ତେଣୁ ତୃତୀୟ ମାର୍ଗଟି ବନ୍ଦ ହୋଇଗଲା।

ବର୍ତ୍ତମାନ ବିଚାର କରିବା ଏ ତିନୋଟି ଯାକ ରାସ୍ତା ବନ୍ଦ ହୋଇଯିବାର ଫଳାଫଳ। ବର୍ତ୍ତମାନ ଭାରତରେ କ୍ୱଚିତ୍ ପରିବାରରେ ସଂସ୍କାର ନାମକ ଶବ୍ଦ ସାକାର ରୂପ ନେଉଛି। ପ୍ରତି ପରିବାର ଆଜି ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଅନ୍ଧକାର ଭିତରେ ରହିଛି। ପରିବାରରେ ନୂତନ ପ୍ରଥା ସ୍ଥାନ ପାଇଛି, ପିଲାମାନେ ଦଶ ବାରବର୍ଷର ହୋଇଗଲେ ବାପା ମା'ଙ୍କ ମୁହଁରେ ଜବାବ ଦେଉଛନ୍ତି। ସେମାନେ ନିଜକୁ ସ୍ୱତନ୍ତ୍ର ମନେକରୁଛନ୍ତି। ମୋବାଇଲରୁ ଭଲ ତଥ୍ୟ ବଦଳରେ ଖରାପ ତଥ୍ୟ ଶୁଣିବା ଏବଂ ଦେଖିବା ପାଇଁ ବାପା ମା'ଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ପ୍ରତିଯୋଗିତା। ଯୋଗ, ଧ୍ୟାନ, ସକାଳସଂଧ୍ୟାରେ ଠାକୁର ପୂଜା, ଗୁରୁଜନଙ୍କୁ ମୁଣ୍ଡିଆ ମାରିବା ଇତ୍ୟାଦି ସଂସ୍କାର ସମ୍ପୂର୍ଣ୍ଣ ବିଲୀନ। ଘରୋଇ ଖାଦ୍ୟ ପ୍ରତିବଦଳରେ ନାନା ପ୍ରକାର ହାନିକାରକ ଖାଦ୍ୟ। ବସ୍ତ୍ର ପରିଧାନରେ ମାନବର ବିକୃତ ମାନସିକତା। ଏଭଳି ଅନେକ ସାମାଜିକ ବିଶୃଙ୍ଖଳା ପ୍ରତି ଘରେ ରୂପନେଇଛି। ଏ ସବୁ ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ସଜାଗ ହେବାର ଆବଶ୍ୟକତା ରହିଛି। ପ୍ରତି ପରିବାରରୁ ପିଲାମାନଙ୍କୁ ସଂସ୍କାର ଦିଆ ନ ଗଲେ କେହି ମଧ୍ୟ ଶାନ୍ତିରେ ରହିପାରିବେ ନାହିଁ। ଏଥିପାଇଁ ନିଜେ ସତର୍କ ରହିବା ସହିତ ସନ୍ତାନସନ୍ତତିଙ୍କୁ ନୈତିକ ଜ୍ଞାନ ଦେବା ଅନିବାର୍ଯ୍ୟ। ଧର୍ମଗ୍ରନ୍ଥଗୁଡ଼ିକର ଶିକ୍ଷଣୀୟ ତତ୍ତ୍ୱ ପିଲାଙ୍କୁ ବାଲ୍ୟକାଳରୁ ଜଣେଇବା ଜ୍ୟେଷ୍ଠଙ୍କ କର୍ତ୍ତବ୍ୟ ହେଉ। ପ୍ରତି ଶିକ୍ଷାନୁଷ୍ଠାନ ସଜାଗ ହେବାର, ପ୍ରତିଷ୍ଠିତ ବ୍ୟକ୍ତିଙ୍କର ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ ହେବାର ସମୟ ଆସିଛି। ଏବେ ବି ଯଦି ସମାଜକୁ ସଂସ୍କାରଠାରୁ ଦୂରେଇ ରଖିବା ତେବେ ସେ ସମୟ ବେଶି ଦିନ ନାହିଁ ଯେତେବେଳେ କାଳ ସମସ୍ତଙ୍କୁ ଗ୍ରାସ କରିଦେବ।

ଉପ ନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି,
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ଆଜାଦ୍ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ। ସ୍କୁଲ ପାସ୍ କରିବା ପରେ କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ସେ ଆହତ ହେବା ପରେ ସେଥିରୁ ଓହରିଆସିଥିଲେ। ଏହିସମୟରେ ତାଙ୍କ ପିଲାଦିନର ଶିକ୍ଷାପ୍ରାପ୍ତିର ସଂଘର୍ଷପୂର୍ଣ୍ଣ ସମୟ ସ୍ମରଣକୁ ଆସିଥିଲା ଓ ସେ ପିଲାଙ୍କ ପାଇଁ ଫରେଷ୍ଟ ସ୍କୁଲ ଖୋଲିଥିଲେ। ଆଜାଦୱାଡ଼ି ନାମକ ଏହି ଫରେଷ୍ଟ ସ୍କୁଲ ସେ ଉଦୟପୁରରେ ଖୋଲିଛନ୍ତି। ଆଜାଦୱାଡ଼ିର ଅର୍ଥ ହେଉଛି 'ସ୍ୱାଧୀନତାର ଉପତ୍ୟକା'। ସ୍କୁଲ ପରିଚାଳନାରେ ଆଜାଦ୍‌ଙ୍କ ସ୍ତ୍ରୀ ଇମ୍ଲୀ ସାହାଯ୍ୟ କରୁଛନ୍ତି। ଏହି ସ୍କୁଲର ବିଶେଷତ୍ୱ ହେଉଛି ଏଠାରେ ଶ୍ରେଣୀଗୃହ ନାହିଁ। ଏହା ଏକ ଉଦ୍ୟାନରେ ଚାଲୁଛି। ପିଲାମାନେ ଏହି ସ୍କୁଲରେ ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ କୌଶଳ ଶିକ୍ଷା କରୁଛନ୍ତି। କାହାଣୀ, ସଙ୍ଗୀତ ମାଧ୍ୟମରେ ସେମାନଙ୍କୁ ପଢ଼ାଯାଉଛି। ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣୁଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନେ ଶିଖୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜାନୁଆରୀ ୧୯୭୭

- ଆନ୍ତର୍ଜାତିକ ସବ୍‌ସ୍କ୍ରାଇବର ଡାଏଲିଂ ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀ–ଲଣ୍ଡନ ମଧ୍ୟରେ ଟେଲିଫୋନ ସଂଯୋଗ ପ୍ରତିଷ୍ଠା କରାଯାଇଛି।
- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ବି.ପି. କୋଇରାଲା ଭାରତରେ ୮ ବର୍ଷ ଆଶ୍ରୟ ନେଇ ନିଜ ଦେଶକୁ ଫେରିବା ପରେ ଜାତୀୟତା ବିରୋଧୀ ଅଭିଯୋଗରେ ଗିରଫ।
- କାନାଡାରୁ ପାକିସ୍ତାନକୁ ଜାହାଜ ଯୋଗେ ଆଣବିକ ସରଞ୍ଜାମ ଯୋଗାଣକୁ କାନାଡ଼ା ସରକାର ବନ୍ଦ କରିଦେଇଛନ୍ତି।

## ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ–
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 4 | | | | | | | 9 |
| | | | | 8 | 9 | | | |
| 1 | | | | 2 | | | | |
| | 7 | | 2 | 9 | | 5 | | |
| | | | | | 1 | | | |
| 4 | 2 | | | 3 | | | | 8 |
| 8 | | | | | | | 2 | |
| | 5 | | | | | | 4 | |
| | 9 | | | 4 | | 7 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 8 | 4 | 9 | 3 | 1 | 6 | 5 |
| 9 | 5 | 6 | 8 | 1 | 7 | 2 | 4 | 3 |
| 1 | 3 | 4 | 2 | 6 | 5 | 9 | 7 | 8 |
| 7 | 2 | 3 | 1 | 5 | 8 | 4 | 9 | 6 |
| 5 | 4 | 1 | 6 | 3 | 9 | 8 | 2 | 7 |
| 8 | 6 | 9 | 7 | 4 | 2 | 3 | 5 | 1 |
| 6 | 8 | 2 | 3 | 7 | 4 | 5 | 1 | 9 |
| 4 | 1 | 5 | 9 | 8 | 6 | 7 | 3 | 2 |
| 3 | 9 | 7 | 5 | 2 | 1 | 6 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁମୁଲ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ସରକାର ବିମୁଖ

ମହାଶୟ,

ପୁରୀ ଜିଲା ଦୁଗ୍ଧ ସମବାୟ ସଂଘ (ପୁମୁଲ) ସାରା ଓଡ଼ିଶାରେ ଓମ୍‌ଫେଡ୍‌ର ୨ୟ ସର୍ବବୃହତ୍ ସଂସ୍ଥା ଥିଲା। ୧୯୮୦ରୁ ୨୦୧୪ ମସିହା ପର୍ଯ୍ୟନ୍ତ ୨୫ ହଜାରରୁ ଊର୍ଦ୍ଧ୍ୱ ଗୋପାଳକଙ୍କୁ ନେଇ ଦୈନିକ ୧ ଲକ୍ଷ ଲିଟର ପର୍ଯ୍ୟନ୍ତ ଦୁଗ୍ଧ କ୍ରୟ ବିକ୍ରୟ କରୁଥିଲା। କିନ୍ତୁ ପରିତାପର ବିଷୟ, ଓମ୍‌ଫେଡ୍‌ର କୁପରିଚାଳନା ଯୋଗୁ ଏବେ ଏହି ସଂସ୍ଥା ବାର୍ଷିକ ୨୦ କୋଟି ଟଙ୍କା ଆର୍ଥିକ କ୍ଷତି ସହୁଛି। ୩୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ବ୍ୟତୀତ ବର୍ତ୍ତମାନର କାର୍ଯ୍ୟରତ ୬୨ କର୍ମଚାରୀଙ୍କ ଦରମା, ଇପିଏଫ୍ ସଂସ୍ଥା ଦେଇ ନ ପାରିବାରୁ ସମସ୍ତ କର୍ମଚାରୀ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ଏହି ସମସ୍ୟାର ସମାଧାନ ନିମିତ୍ତ କର୍ମଚାରୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ ବି ଫଳ ଶୂନ। ଏତଦ୍‌ବ୍ୟତୀତ କୋର୍ଟରେ ବିଚାରାଧୀନ ୪୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମାମଲା ବାବଦକୁ ସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ସମାଧାନ ନିମିତ୍ତ ପୁମୁଲର କର୍ମଚାରୀ ନିବେଦନ କରୁଛନ୍ତି।

–ଶରତ କୁମାର ପ୍ରଧାନ, ଅବସରପ୍ରାପ୍ତ ପୁମୁଲ କର୍ମଚାରୀ, ପିପିଲି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅକ୍ଷୟ ସୁନୀଲ ଅଗ୍ରୱାଲ ଗଜପତି ଜିଲାପାଳ



ପାରଳାଖେମୁଣ୍ଡି,୨।୧(ଗିରିଧାରୀ ପରିଚ୍ଛା) ଅକ୍ଷୟ ସୁନୀଲ ଅଗ୍ରୱାଲ ଗଜପତି ଜିଲାର ନୂଆ ଜିଲାପାଳ ହୋଇଛନ୍ତି। ଗତ କିଛି ଦିନ ହେଲା ଜିଲାପାଳ ମଧୁମିତା ଛୁଟିରେ ଥିବାରୁ ଶୁକ୍ରବାର ସରକାର ଅଗ୍ରୱାଲଙ୍କୁ ଗଜପତିର ନୂଆ ଜିଲାପାଳ ରୂପେ ନିଯୁକ୍ତି ଦେଇଛନ୍ତି। ଏବେ ଅଗ୍ରୱାଲ ନୟାଗଡ଼ ଜିଲାପାଳ ଭାବରେ କାର୍ଯ୍ୟରତ ଅଛନ୍ତି। ତେବେ ପୂର୍ବତନ ଜିଲାପାଳ ମଧୁମିତାଙ୍କ ପରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମୁନିନ୍ଦ୍ର ହନେଗା ଭାରପ୍ରାପ୍ତ ଜିଲାପାଳ ଦାୟିତ୍ୱ ତୁଲାଉଥିଲେ।

### ଅବ୍ୟବସ୍ଥାରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନାହାନ୍ତି ବିଶେଷଜ୍ଞ ଡାକ୍ତର, ନାହିଁ ପାନୀୟ ଜଳ,ଶୌଚାଳୟ ସୁବିଧା




### ବର୍ଷା ଦିନେ ଘରେ ଜରିପାଲ ପକାଇ ରହୁଛନ୍ତି ଡାକ୍ତର, କର୍ମଚାରୀ

ମୋହନା,୨।୧(ମନ୍ମଥ ମିଶ୍ର) ଜଗପତି ଜିଲା ମୋହନା ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଯୋଗୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କଷ୍ଟକର ହୋଇପଡିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ ଜଣ ଡାକ୍ତର ରହିବା କଥା, ମାତ୍ର ୭/୮ ଜଣ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି। ଏଠାରେ ଦୀର୍ଘଦିନ ଧରି କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ମେଡ଼ିସିନ, ଗାଇନିକ, ସର୍ଜରୀ ଓ ପେଡିଆଟିକ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଫଳରେ ୩୯ ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ମୋହନାରେ କୌଣସି ପ୍ରକାର ଚିକିତ୍ସା ସୁବିଧା ନ ପାଇ ରୋଗୀ ବ୍ରହ୍ମପୁର, ଭୁବନେଶ୍ୱର ଓ ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ରାୟଗଡା ଓ କନ୍ଧମାଳ ଜିଲାର କେତେକ ପଞ୍ଚାୟତର ବାସିନ୍ଦାନିର୍ଭର କରିଥାନ୍ତି। ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିବାରୁ ଅନେକ ସମୟରେ ଗୁରୁତର ଅବସ୍ଥାରେ ଲୋକେ ଆସିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଅତି ଖରାପ ହୋଇପଡିଛି। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ରୂପେ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ରହିଥିବା କ୍ୱାର୍ଟର୍ସ ଅବସ୍ଥା ଅତି ଶୋଚନୀୟ। ବର୍ଷା ଦିନେ ଡାକ୍ତର ଓ କର୍ମଚାରୀମାନେ ରହୁଥିବା ଘରେ ଜରିପାଲ ପକାଇ ରହୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଇନ ସଚେତନତା ଶିବିର



ଛତ୍ରପୁର/ଗଞ୍ଜାମ,୨।୧(ବିଦ୍ୟାଧର ସାହୁ/ଦିଲୀପ ସାମଲ) ଗଞ୍ଜାମ ତାଲୁକ ଆଇନ ସେବା କମିଟି ପକ୍ଷରୁ ଗଞ୍ଜାମସ୍ଥିତ ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପରିସରରେ ପରିବେଶଗତ ନ୍ୟାୟ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ ସାମଲ ଅଧ୍ୟକ୍ଷତା କରି ଆଇନର ବିଭିନ୍ନ ଦିଗ ଉପରେ ସଚେତନ କରିବା ସହ ସମସ୍ତେ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ଡିଜେଏମ ପ୍ରୀତିଶ ରଥ, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ତାଲୁକ ଆଇନ ସେବା କମିଟି ସଭ୍ୟ ମନୋଜ ପାଢ଼ୀ, ଛତ୍ରପୁର ଓକିଲ ସଂଘ ସମ୍ପାଦକ ଏସ. ଶ୍ୟାମ କୁମାର ରାଓ, ଇଣ୍ଡଷ୍ଟ୍ରିଜର ଫାଇନାନ୍ସ ହେଡ୍ ବିଜୟ ବ୍ରହ୍ମା ଓ ଏଚଆର ହେଡ୍ ନିରୋଜ ପଟ୍ଟନାୟକ ଓ ପିଆରଓ ସୁସ୍ମିତା ବେହେରା ଉପସ୍ଥିତ ଥିଲେ।

## ବ୍ଲକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧରାକୋଟ,୨।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ କନିଷ୍ଠ ସହାୟକ କାହ୍ନୁ ଚରଣ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଅମେସ ବେହେରା ସଂଯୋଜନା ଏବଂ ଏବିଡିଓ ସୁଶିଲ ପଟନାୟକ ପରିଚାଳନା କରିଥିଲେ। ବିଡିଓ ସଂଗ୍ରାମ କେଶରୀ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପାଣିଗ୍ରାହୀ, ବିଭାଗୀୟ ଅଧିକାରୀ ସଞ୍ଜୟ ପରିଛା,ସହକାରୀ ଯନ୍ତ୍ରୀ ବିକ୍ରମ ସୋରେନ,ଡି କନ୍ୟା କୁମାରୀ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ କାହ୍ନୁ ଚରଣ ପ୍ରଧାନଙ୍କ ନିଷ୍ଠାପର, ସହଯୋଗୀ, ସମୟାନୁବର୍ତ୍ତିତା ଓ ବିନମ୍ର ଗୁଣାବଳୀର ପ୍ରଶଂସା କରାଯାଇଥିଲା।

# ଆସିକା ଡାକ୍ତରଖାନା: ତତ୍କାଳ ମିଳିଲା ଜନ୍ମ ପ୍ରମାଣପତ୍ର



ଆସିକା,୨।୧(ସୁରେନ୍ଦ୍ର ନାଥ ସାହୁ) ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାରଠାରୁ ସେଠାରେ ଜନ୍ମିତ ଶିଶୁଙ୍କ ଅଭିଭାବକଙ୍କୁ ତତ୍କାଳ ଜନ୍ମ ପ୍ରମାଣ ପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା ଆରମ୍ଭ ହୋଇଛି। ଗୁରୁବାର ନୂଆ ବର୍ଷର ପ୍ରଥମ ଦିନ ଏହି ଡାକ୍ତରଖାନାରେ ଜନ୍ମ ନେଇଥିବା କବିସୂର୍ଯ୍ୟନଗର ବ୍ଲକ ଜେନାପୁର ଗ୍ରାମର ଶିଶୁକନ୍ୟା ପ୍ରତିମୟୀଙ୍କ ବାପା ସଞ୍ଜୟ ନାୟକ, ମା' ଭାରତୀ ନାୟକ ଏବଂ ଆସିକା ବ୍ଲକ କମାଗଡ ଗ୍ରାମର ଶିଶୁପୁତ୍ର ସୌରଭଙ୍କ ବାପା ସାଗର ବିଶ୍ୱାଳ ଓ ମା' ରୂପାଲି ଜେନାଙ୍କୁ ପିଲାଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଡାକ୍ତରଖାନା ଅଧୀକ୍ଷକ ଡା. ବାଲ ଗୋପାଲ ବେହେରା ସୂଚନା ଦେଇଛନ୍ତି।

ନବଜାତକଙ୍କ ମା' ବାପା ଶିଶୁର ନାମ ଉଲ୍ଲେଖ କରି ଏକ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କଲେ ପ୍ରମାଣପତ୍ର ଦିଆଯିବ ବୋଲି ଜଣାପଡିଛି। ନବଜାତକର ପରିବାର ଶିଶୁ ଜନ୍ମ ହେବା ପରେ ଡାକ୍ତରଖାନା ଛାଡିବା ସମୟରେ ଏହି ପ୍ରମାଣପତ୍ର ପାଇବେ। ପୂର୍ବରୁ ଏଥିପାଇଁ ଶିଶୁଙ୍କ ପରିବାରକୁ ଏକାଧିକବାର ପଞ୍ଜୀକରଣ ଅଧିକାରୀଙ୍କ ନିକଟକୁ ଆସିବାକୁ ପଡୁଥିଲା। ଶୁକ୍ରବାର ଅପରାହ୍ନରେ ଡାକ୍ତରଖାନା ପରିସରରେ ଜନ୍ମ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ବେଳେ ଡା. ଆଶୁତୋଷ ପଟ୍ଟନାୟକ, ଡା. ଆଦିତ୍ୟ ଦାସ, ଡା. ସତ୍ୟପ୍ରଜ୍ଞା ପଟ୍ଟନାୟକ, ଡା. ପ୍ରିୟଦର୍ଶିନୀ ବେହେରା, ଡା. ପି. ଶ୍ୟାମ ସୁନ୍ଦର, ଡା. ଗୋପାଳ ଚନ୍ଦ୍ର ପାତ୍ର, ଡା. ସଂଗ୍ରାମ ସାହୁ, ଡା. ସୁରପ୍ରକାଶ ଦାସ, ଡା. ସତିଶ ପାତ୍ର, ଡା. ସୌମ୍ୟଶ୍ରୀ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ସ୍ୱାସ୍ଥ୍ୟସେବିକା ପ୍ରଭାତୀ ବେହେରା, ଦୀପକ ସାହୁ, ଲିପିକା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ମାନସିକ ରୋଗୀଙ୍କୁ ବୃଦ୍ଧାଶ୍ରମ ସ୍ଥାନାନ୍ତର

ଜି.ଉଦୟଗିରି,୨।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ) ମାନସିକ ବିକୃତ ଅବସ୍ଥାରେ ଅସହାୟ ଜୀବନ କାଟୁଥିବା ସ୍ଥାନୀୟ ଅଞ୍ଚଳର ମହିଳା ଅଲକା ପ୍ରଧାନଙ୍କୁ ସୋଶିଆଲ ୱାର୍କର୍ସ ଅଫ କନ୍ଧମାଳ (ସ୍ୱାକ) ପରିବାର ତରଫରୁ ଚକାପାଦ ବ୍ଲକ୍ ପସରା ଠାରେ ଥିବା ବୃଦ୍ଧା ଆଶ୍ରମକୁ ସ୍ଥାନାନ୍ତର କରାଯାଇଛି।

ଏନେଇ ଗତ ଡିସେମ୍ବର ୮ରେ ଟିକାବାଲି ବ୍ଲକ୍ କାର୍ଯ୍ୟାଳୟରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସ୍ୱାକ ତରଫରୁ ଜିଲାପାଳଙ୍କୁ ମାନସିକ ରୋଗୀଙ୍କୁ ଥଇଥାନ ସମ୍ବନ୍ଧରେ ଏକ ନିବେଦନ ପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଗୁରୁତ୍ୱ ଦେଇ ଜଲାପାଳ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଅଧିକାରୀଙ୍କୁ ଅସହାୟ ମହିଳାଙ୍କ ଥଇଥାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ପିଲାଙ୍କ ପଦ୍ମଙ୍କ ତତ୍ତ୍ୱାବଧାନ ତଥା ସ୍ୱାକ ପରିବାରର ସହଯୋଗରେ ଅସହାୟ ଅଲକାଙ୍କୁ ବୃଦ୍ଧା ଆଶ୍ରମକୁ ନେଇ ଥଇଥାନ କରାଯାଇଛି। ଅଲକା ବହୁ ବର୍ଷ ଧରି ମୁଣ୍ଡରେ ଏକ ବୁଜୁଲା ବୋହି ଅଞ୍ଚଳରେ ବୁଲୁଥିଲେ। ସ୍ୱାକ ପରିବାର ସଭାପତି ଆମନ ଚନ୍ଦ୍ର ନାୟକ, କୋଷାଧ୍ୟକ ସାମନ୍ତ ଶେଖର ନାୟକ, ବରିଷ୍ଠ ପରାମର୍ଶଦାତା ସମୀର ପାଢ଼ୀ, ସଦସ୍ୟ ଚିନ୍ମୟ ସେଠୀ, ସହଯୋଗୀ ମନୋଜ ନାୟକ ଏବଂ ଉକ୍ତ ଅସହାୟ ମହିଳାଙ୍କ ସମ୍ପର୍କୀୟ ଭାଇ ମହାଜନ ମଲିକଙ୍କ ଉପସ୍ଥିତିରେ ଜି.ଉଦୟଗିରି ଗାନ୍ଧୀ ଛକରୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ।


### ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ: **ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଓଟି-ଟିଏଲ୍‌ବିଆଇ-ଏସ୍‌ଏଲ୍‌ବିପି-କେଜିପି-୨୫-୨୬, ତାରିଖ: ୦୧.୦୧.୨୦୨୬; କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ମଣ୍ଡଳରେ ଟିଏଲ୍‌ବିଆଇକୁ ଏସ୍‌ଏଲ୍‌ବିପି ଦ୍ୱାରା ବଦଳାଇବା; **ଟେଣ୍ଡର ମୂଲ୍ୟ:** ₹୨,୫୫,୭୨,୭୭୪.୦୦; **ଇଏମ୍‌ଡି:** ₹୨,୭୭,୯୦୦.୦୦; **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ; **ଖୋଲାଯିବା ତାରିଖ:** ୨୮/୦୧/୨୦୨୬; **ସମାପ୍ତି ଅବଧି:** ୧୨ ମାସ; **ଦାଖଲ ତାରିଖ:** ତା୨୮/୦୧/୨୦୨୬ରିଖ ୧୨ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଓ ବର୍ଣ୍ଣନା ତଥା ବିନିର୍ଦ୍ଦିଷ୍ଟତା ଓ ଅନ୍‌ଲାଇନରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। (PR-1023)

### REQUIREMENT OF BUILDINGS FOR 2 ODISHA BN NCC, BERHAMPUR

2 Odisha BN NCC, Berhampur requires building/house for the following purpose:

| Sl. No. | Purpose | Period | Plinth Area including Parking (Approx.) in Sq.ft. |
|---|---|---|---|
| 1. | PI Staff Accommodation of 2 (O) BN, 10 (O) Bn, 3 (O) Med Coy & 1(O) Naval Unit NCC, Berhampur | 03 years w.e.f. 01.03.2026 | 15759.02 Sq.ft. |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Berhampur, Dist.: Ganjam. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 20 days from the date of publication of the advertisement.

**The Defence Estates Officer**
**Govt. of India, Ministry of Defence**
163, Prachi Enclave, Chandrasekharpur, Bhubaneswar, Odisha - 751016
Tele: 0674-2747631, 345, E-mail: deobhub-stats@nic.in


## ପଲିଥିନମୁକ୍ତ ହେବ ହୁମା ବଜାର

ଗଞ୍ଜାମ,୨।୧(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ହୁମା ବଜାର ପଲିଥିନ, ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ସହକାରୀ ନିର୍ବାହୀଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ସରପଞ୍ଚ ଜାନକୀ ଦାସଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ପରେ ବିଧାୟକ ହୁମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କରି ଲୋକଙ୍କ ମୌଳିକ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକରେ ଚାଲିଥିବା ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଥିଲେ।

# ସେବା ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ପାତ୍ରପୁର,୨।୧(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ବରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଲଙ୍କା ଗ୍ରାମରେ ନୂତନ ସେବା ସମବାୟ ସମିତି ଗୋଦାମ ଗୃହ ପୂର୍ତ୍ତ ବିଭାଗ ତରଫରୁ ନିର୍ମାଣ ହୋଇଥିଲା। ଶୁକ୍ରବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉକ୍ତ ଗୃହର ଉଦଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ନିଜ ବକ୍ତବ୍ୟରେ କହିଥିଲେ, ପୂର୍ବ ସରକାର ସମୟରେ କେବଳ କାଗଜ କଲମରେ ସମବାୟ ସମିତଗୁଡିକରେ ମଣ୍ଡି ପରିଚାଳନା କରାଯାଉଥିଲା। ରାଜ୍ୟରେ ଭାଜପା ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀମାନେ କିପରି ଉନ୍ନତି ହୋଇ ପାରିବେ ସେ ଦିଗରେ ଦୃଢ଼ ପଦକ୍ଷେପ ନେଉଥିବା ବିଧାୟକ କହିଥିଲେ। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀର ସମସ୍ତ ସେବା ସମବାୟ ସମିତିରେ ଯେପରି ଗୋଦାମ ଗୃହ ନିର୍ମାଣ ହୋଇପାରିବ ସେ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସୂଚନା ଦେଇଥିଲେ।

ଗୃହ ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ମୀନା ଦ୍ୟାନସାମନ୍ତରା,ବରଙ୍ଗ ସରପଞ୍ଚ ଭି ଦେବୀ ପ୍ରସାଦ, ସମିତି ସଭ୍ୟ ସୋମାୟା ରେଡ୍ଡୀ, ଆନନ୍ଦ ବେହେରା, ଟୁନା ପ୍ରଧାନ,ପୂର୍ତ୍ତ ବିଭାଗର ବ୍ରହ୍ମପୁର ଅଧିକ୍ଷଣ ଯନ୍ତ୍ରୀ ଚନ୍ଦ୍ରଇ ମାରାଣ୍ଡି, ଚିକିଟି ନିର୍ବାହୀ ଯନ୍ତ୍ରୀ ସ୍ୱରାଜ୍ୟ ପାଣିଗ୍ରାହୀ, ଅଶୋକ ପଣ୍ଡାଙ୍କ ସହିତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।


### ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ

(ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ, ଭାରତ ସରକାର)
ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ପାଖ), ଭୁବନେଶ୍ୱର-୭୫୧୦୦୧ (ଓଡ଼ିଶା)
ଇମେଲ୍: dirbhubaneswar@iwai.gov.in ଏବଂ iwainw5@gmail.com
ୱେବ୍‌ସାଇଟ୍: www.iwai.gov.in ଏବଂ https://eprocure.gov.in/eprocure/app

**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ଆର୍ଥିକବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଜଳପୋତ ଏମ୍‌ଭି ଭୂପେନ ହଜାରିକାର "ଡ୍ରାଏ ଡକ୍ ମରାମତି କାର୍ଯ୍ୟ" ଲାଗି ଅଭିଜ୍ଞ, ପ୍ରତିଷ୍ଠିତ ମ୍ୟାନ୍‌ପାୱାର ସପ୍ଲାଏ ଏଜେନ୍ସିଠାରୁ ଅନ୍‌ଲାଇନ୍ ବିଡ୍/ ଟେଣ୍ଡର ଆହ୍ୱାନ କରୁଛି। ବିବରଣୀ ତଥା ଟେଣ୍ଡର ଦସ୍ତାବିଜ ତା୦୧।୦୧।୨୦୨୬ରିଖରୁ ତା୨୭।୦୧।୨୦୨୬ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ www.iwai.nic.in ଏବଂ ସିପିପିପି ପୋର୍ଟାଲ https://eprocure.gov.in/eprocure/appରୁ ଡାଉନଲୋଡ୍ କରାଯାଇପାରିବ। ଅନ୍‌ଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୨୭।୦୧।୨୦୨୬ରିଖ ୧୫.୩୦ ଘଟିକା ଏବଂ ଟେଣ୍ଡର ଖୋଲାଯିବା ତାରିଖ ହେଉଛି ତା୨୮।୦୧।୨୦୨୬ରିଖ ୧୫.୩୦ ଘଟିକା। ଅନ୍‌ଲାଇନ୍ ବିଡ୍ ଦାଖଲ https://eprocure.gov.in/eprocure/app

(ନିର୍ଦ୍ଦେଶକ)

### असैनिक शल्य चिकित्सक सह मुख्य चिकित्सा पदाधिकारी का कार्यालय, धनबाद

दूरभाषः–9431711098(M) ई–मेलः–cs.dhanbad@gmail.com

**सूचना**

सदर अस्पताल, धनबाद एवं सभी सामुदायिक स्वास्थ्य केन्द्र धनबाद जिलान्र्तगत हेतु पारमेडिकल एवं अन्य कर्मियों की आपूर्ति हेतु दिनांक– 27.12.2025 को दैनिक समाचार पत्र में प्रकाशित ई–निविदा सूचना जिसका P.R. 369469 (HealthMed Edu and Family Welfare) 25-26(D) था इस संबंध में सूचित करना है कि इस से संबंधित सभी कार्रवाई www.jharkhandtenders.gov.in पर देखा एवं उसी के माध्यम से भाग लिया जा सकता है।

Sd/-
सिविल सर्जन,
धनबाद

PR 369874 Health Med Edu and Family Welfare(25-26)#D


## ଯୁବକଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ବୁଗୁଡା,୨।୧(କାଳିଚରଣ ଦାଶ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମରେ ବେଲଗୁଣ୍ଠାର କାହ୍ନୁ ଚରଣ ପତି(୨୧)ଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାର ଅଭିଯୁକ୍ତ ଅରଖପୁର ଗ୍ରାମର ପ୍ରଭାତ ଭୂୟାଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ନଂ.୩/୨୬ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ଗୁରୁବାର କାହ୍ନୁ ତାଙ୍କ ବଡ ମା'ଙ୍କ ଘର ଅରଖପୁର ଗାଁକୁ ଆସିଥିଲେ। ଗାଁରେ ନିଶାସକ୍ତ ଅବସ୍ଥାରେ ଥିବା ପ୍ରଭାତ ତାଙ୍କୁ କୌଣସି କାରଣ ନ ଥାଇ ଗାଳିଗୁଲଜ କରିଥିଲେ। କାହ୍ନୁ ପ୍ରତିବାଦ କରିବାରୁ ପ୍ରଭାତ ତାଙ୍କୁ ତଳେ ପକାଇ ଆକ୍ରମଣ କରିଥିଲେ। କାହ୍ନୁଙ୍କ ଚିତ୍କାର ଶୁଣି ଆଖପାଖ ଲୋକେ ପହଞ୍ଚିବାରୁ ପ୍ରଭାତ ଦୌଡି ପଳାଇଥିଲେ।


### TP CENTRAL ODISHA DISTRIBUTION LIMITED

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER:** NIT No: TPCODL/2025-26/NIT/14

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/ 1000007621 | Architectural and Engineering Consultancy Services for Construction of Residential Training Centre Project at Bhubaneswar |
| 2 | TPCODL/P&S/2025-26/ 1000007689 | One Year Rate Contract for supply of 11KV,33KV Metering cubicle |
| 3 | TPCODL/P&S/2025-26/1000007753 | SITC of 150 TB Storage at TPCODL |
| 4 | TPCODL/CCG/2025-26/1000007767 | SITC of Two Socket Servers under TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. It is suggested to track aforesaid website for said NIT details.

### OFFICE OF THE CHIEF ENGINEER, MEGA LIFT, BHUBANESWAR

Plot No. A-8/2, Bhoinagar, Bhubaneswar, Odisha, PIN - 751022
E-Mail: cemlpwr.od@gmail.com

**Government of Odisha "e" Procurement Notice**
**Bid Identification No. 06ML/2025-26**

No. A-1211: The Chief Engineer, Mega lift on behalf of the Governor of Odisha invites online tender through "E" Procurement for the work as detailed in the Annexure to this bid notice.

**ANNEXURE TO BID NOTICE**

| | |
|---|---|
| Name of the Work | Appointment of Proof Engineering Consultant (PEC) for implementation of mega Lift Projects in Cluster No. XXVI |
| Cost of Tender Paper | Rs.10,000/- |
| EMD/Bid Security | Rs.1,35,000/- |
| Mode of Payment of Tender Paper Cost & EMD | Online |
| Period of Completion | 36 (Thirty Six) Calendar Months |
| Availability of Bid document for sale and receipt through Online | From Dt.07.01.2026, 10.00 A.M. to Dt.27.01.2026 upto 5.00 P.M. |
| Last date/time of receipt of bid in the portal | 27.01.2026 (5.00 P.M.) |
| Date of Pre-bid Conference | 16.01.2026, 11.00 A.M. |
| Date of opening of Techno-Commercial Bid through Online | On Dt.31.01.2026 at 11.00 A.M. in the Office of the Chief Engineer, Mega Lift |
| Class of Contractor | The bidder should be registered under the Companies Act. 1956 |
| Digital Signature Certificate of Bidder | The bidder must possess compatible Digital Signature Certificate (DSC). |
| The detail tender call notice can also be seen in the DOWR Website **https:/dowr.odisha.gov.in** | |
| Name & Address of the OIT | Chief Engineer, Mega Lift Plot No. A-8/2, Bhoi Nagar, Bhubaneswar - 751022, Ph. No.: 0674-2567252 Email ID: **cemlpwr.od@gmail.com** |
| Further details can be seen from the e-Procurement market place. **https://tendersodisha.gov.in**. | |

OIPR-32504/11/0053/2526 Sd./- Chief Engineer, Mega Lift, Bhubaneswar


## ଶାନ୍ତିଝରରେ ଭିଡ଼ ଜମାଇଲେ ପର୍ଯ୍ୟଟକ



ଧରାକୋଟ,୨।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟ ଗଡ଼ ନିକଟରେ ଥିବା ପ୍ରାକୃତିକ ଶୋଭାରଜିରେ ଭରପୁର ପର୍ଯ୍ୟଟନ ସ୍ଥଳୀ ଶାନ୍ତିଝର ପୀଠରେ ଗୁରୁବାର ନୂଆଁବର୍ଷ ଅବସରରେ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ଏନେଇ ଶାନ୍ତିଝର ଉନ୍ନୟନ କମିଟି ପକ୍ଷରୁ ସଭାପତି ସୁନୀଲ ଚୌଧୁରୀ ସତନ୍ତ୍ର ଭାବରେ ପରିବେଶର ସ୍ୱଚ୍ଛତା, ପିଇବା ପାଣିର ସୁବନ୍ଦୋବସ୍ତ, ପାର୍କିଂ ବ୍ୟବସ୍ଥା, ବଜାର ବ୍ୟବସ୍ଥା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିଥିଲେ। ଶାନ୍ତିଝର ପୀଠର ତଳ ଭାଗରେ ଭୋଜି ଭାତ କରିବା ସହ ମା' କଠୁଲିଆ ଦେବୀ, ମଧରେ ଥିବା ମା' ଗଡ଼ଚଣ୍ଡୀ ଓ ଉପର ଭାଗରେ ଥିବା ହନୁମାନ ବାଟିକା ଆଦି ବିଭିନ୍ନ ସ୍ଥାନରେ ପର୍ଯ୍ୟଟକମାନେ ବୁଲିଥିଲେ। ସମ୍ପ୍ରତି ଶାନ୍ତିଝର ପରିସରରେ ଶଙ୍କର ଗିରିରେ ଆଦିଯୋଗି ଶଙ୍କରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଉନ୍ନୟନ କମିଟି ପକ୍ଷରୁ ନିଷ୍ପତି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାହାକି ଶାନ୍ତିଝର ପୀଠର ଶୋଭା ବର୍ଦ୍ଧନରେ ଯଥେଷ୍ଟ ସହାୟକ ହେବ ଏବଂ ପର୍ଯ୍ୟଟକଙ୍କୁ ଆହୁରି ଆକର୍ଷିତ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥିବା ଏହି ପୀଠ ପ୍ରତି ସରକାରୀ ଉଦାସୀନତା। ଏହି ପୀଠକୁ ପକ୍କା ରାସ୍ତା ନିର୍ମାଣ, ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟ କରଣ, ଆଲୋକି କରଣ ଭଳି କାର୍ଯ୍ୟର ଆବଶ୍ୟକତା ରହିଛି। ଏଣୁ ରାଜ୍ୟ ସରକାର ପର୍ଯ୍ୟଟନ ମାନଚିତ୍ରରେ ଶାନ୍ତିଝର ପୀଠକୁ ସାମିଲ କରି ଏହାର ବିକାଶ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


### कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, चतरा।

**ई–अल्पकालीन निविदा आमंत्रण सूचना**

**ई–अल्पकालीन निविदा संख्या–05/2025-26/RWD/CHATRA दिनांक–31.12.2025**

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा जिला खनिज फाउण्डेशन ट्रस्ट (DMFT) मद अन्तर्गत् निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/ पैकेज संख्या | प्रखण्ड | पंचायत /ग्राम | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | कॉल सं. |
|---|---|---|---|---|---|---|---|---|
| 1 | RWD/CHATRA /10/ 2025-26 | टण्डवा | बचरा उत्तरी / बचरा | Construction of PCC Road from Panchwati Pul to Bachra Basti End via Bachra Basti Mandir | 33044200.00 | तीन करोड़ तीस लाख चौआलीस हजार दो सौ मात्र | 15 माह | प्रथम |

2. वेबसाईट में निविदा प्रकाशन की तिथि :– **05.01.2026**
3. ई–निविदा प्राप्ति की अंतिम तिथि एवं समय :– **19.01.2026 अपराह्न 5.00 बजे तक।**
4. ई–निविदा खोलने की तिथि एवं समय :– **21.01.2026 अपराह्न 3.30 बजे।**
5. ई–निविदा आमंत्रित करनेवाले पदाधिकारी का नाम एवं पता :– **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई–निविदा प्रकोष्ठ का दूरभाष संख्या :– 06541–296208
7. यदि बिड्डर/निविदादाता का कोई कार्य अधोहस्ताक्षरी के कार्यालय अथवा किसी भी अन्य विभाग में पिछले 06 (छः) माह से अधिक लंबित पाया जाता है तो उसकी निविदा को प्राथमिकता नहीं दी जायेगी।
8. किसी भी परिस्थिति में बिड्डर/निविदादाता के तकनीकी बिड खुलने/स्वीकृत होने के उपरान्त् ई–निविदा से वापस होने पर बिड्डर/निविदादाता के विरूद्ध SBD के नियमानुसार कार्रवाई की जायेगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा।

PR.NO.369869 Rural Work Department(25-26):D

### Government of Odisha, e-Procurement Notice

**INVITATION FOR BIDS (IFB)**
**Bid Identification No. C.C.E. Dkl. (R&B) 14/2025-26**
**Email Id: sedklpwd@gmail.com**

**Letter No. 2689** **Dt.30.12.2025**

No. B-918: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for building works as detailed below:

1. Name of the work : Building work
2. No. of Works : 01 (One) No.
3. Estimated Cost : Rs.2.99 Crore (as given in Column No. 03 of Table)
4. Cost of Tender Paper : Rs.10,000.00
5. Class of Contractor : 'B' Class, & 'A' Class (as given in Column No. 07 of Table)
6. Period of Completion of Work : 09 (Nine) Calendar Months (as given in Column No. 08 of Table)
7. Date and time of availability of bid document in the website : From Dt.06.01.2026 to 5.00 P.M. of Dt.20.01.2026
8. Date of Opening of Bid : Dt.21.01.2026 at 11.00 A.M.

The bidders have to participate in ONLINE bidding only. Further details can be seen from the e-Procurement portal: **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0052/2526 **Dhenkanal (R&B) Circle, Dhenkanal**

## ସଂକ୍ଷେପରେ

### ତାଲା ବନ୍ଦ ଘରୁ ଟଙ୍କା, ସୁନା ଚୋରି

ବ୍ରହ୍ମପୁର,୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ପୁଣି ତାଲା ବନ୍ଦ ଘରୁ ଚୋରି ହୋଇଛି । ଚୋରମାନେ ସୁନା, ରୂପା ଅଳଙ୍କାର ସହ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନିଗମନଗର ୪ର୍ଥ ଲାଇନରେ ଭଡା ଘରେ ରହୁଥିବା ଦୁଷ୍ମନ୍ତ କୁମାର ନିଜ କମ୍ପାନୀ ଭ୍ରମଣରେ ଚାଲି ଯାଇଥିବା ବେଳେ ତାଙ୍କ ପରିବାର ଲୋକେ ଗାଁକୁ ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା । ତାଙ୍କ ପରିବାର ଲୋକେ ଫେରିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଯାଞ୍ଚ ପରେ ଘର ଭିତରେ ରଖାଯାଇଥିବା ସୁନା ଚୁଡି ଓ ରୂପା ଅଳଙ୍କାର ସହ ନଗଦ ୧୫ ହଜାର ଟଙ୍କା ଗାଏବ ଥିବା ଜଣାପଡିଥିଲା। ଏ ନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି।

### ନୂତନ ସଂକୀର୍ତ୍ତନ ମଣ୍ଡଳୀ ଗଠିତ

ବ୍ରହ୍ମପୁର,୨।୧(ଅଶୋକ କୁମାର ସାହୁ)

ସ୍ଥାନୀୟ ଲାଞ୍ଜିପଲ୍ଲୀ ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏକ ନୂଆ ସଂକୀର୍ତ୍ତନ ମଣ୍ଡଳୀ ଗଠିତ ହୋଇଛି। ସଭାପତି ଭାବେ କେ.ଭେଙ୍କଟେଶ୍ୱରୀ, ଉପସଭାପତି ଭାବେ ଗଣେଶ ରେଡ୍ଡୀ, ସମ୍ପାଦକ ଭାବେ ଉମାଶଙ୍କର, କୋଷାଧ୍ୟକ୍ଷ ହେମନ୍ତ କୁମାର ସିଂହଦେଓ ଓ ମୁଖ୍ୟ ଟ୍ରଷ୍ଟ ଉପଦେଷ୍ଟା ଅଲେଖ ପାଣିଗ୍ରାହୀ, ଜଗନ୍ନାଥ ସାବତ, ଦିଲ୍ଲୀପ ବେହେରା, କାଶୀରାମ ପାତ୍ର, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ବାବୁ ରେଡ୍ଡି, ରାଜେନ୍ଦ୍ର ସାବତ ମନୋନୀତ ହୋଇଛନ୍ତି। ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା କାହ୍ନୁ ସାହୁ, ବିନୋଦ ସ୍ୱାମୀ, ବିଶ୍ୱନାଥ ପାତ୍ର, ମିଁଟି ଓ ସମସ୍ତ କମିଟି ସହଯୋଗ କରିଥିଲେ।

# ଉପେନ୍ଦ୍ର ଭଞ୍ଜଙ୍କ ରଚନା ସମୂହ ବିଶ୍ୱ ସାହିତ୍ୟର ଆକର୍ଷଣ ପାଇଁ ପ୍ରୟାସ ହେଉ

ବ୍ରହ୍ମପୁର, ୨।୧(ସୁବାସ ଚନ୍ଦ୍ର ପାଢ଼ୀ)



କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଜାତୀୟ ସମ୍ମାନରେ ଡା.ପ୍ରଫୁଲ୍ଲ ମହାନ୍ତିଙ୍କୁ ସମ୍ମାନିତ କରୁଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୬୦ ତମ ପ୍ରତିଷ୍ଠା ଦିବସ
## ଡ. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଗଞ୍ଜାମ ମାଟି କଳା ଓ ସଂସ୍କୃତିର ଅନ୍ତୁଡ଼ିଶାଳ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ କୃତି ବିଶ୍ୱ ବିରଳ ସର୍ଜନା। ଆମେ କବିସମ୍ରାଟ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନା ପାଇଁ ଗର୍ବ ଅନୁଭବ କରୁ। କିନ୍ତୁ ସାଧାରଣ ଲୋକଟିଏ ସେହି ମହାନ ବିଭୂତିଙ୍କ କବିତା ମନନ କରି ବୋଲିବା ପାଇଁ ଆଗ୍ରହ ପ୍ରକାଶ ନ କରିବା ଦୁଃଖର ବିଷୟ ବୋଲି ସାହିତ୍ୟିକ ତଥା କଥାକାର ପ୍ରଫେସର ଡ.ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୬୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ ଗ୍ରହଣ କରି ଡ.ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି, ଭଞ୍ଜଙ୍କ ଲାବଣ୍ୟବତୀ, ବୈଦେହୀଶ ବିଳାସ ରଚନା ପ୍ରେମ ପ୍ରଣୟର ପବିତ୍ର ବିଶୁଦ୍ଧତାର ଗୋଟିଏ ଗୋଟିଏ ଭାବ ମୟ ସୃଷ୍ଟି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ କୃତିକୁ ସମୃଦ୍ଧ କରିବା ପାଇଁ ବିଶ୍ୱ ସମୁଦାୟର ସାହିତ୍ୟ ଧାରା ସହ ତାଙ୍କୁ ସଂଯୋଗ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏଥିସହିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ସମୂହ ବିଶ୍ୱ ସାହିତ୍ୟର ଆକର୍ଷଣ ନିମନ୍ତେ ପ୍ରୟାସ ହେଉ ବୋଲି ସେ କହିଛନ୍ତି। ଡ. ମହାନ୍ତିଙ୍କୁ ଜାତୀୟ ସମ୍ମାନ ସହ ୧ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭରତୀୟ ପାଣିପାଗ ବିଜ୍ଞାନ ବିଭାଗର ମହାନିର୍ଦ୍ଦେଶକ ଡ ମୃତ୍ୟୁଞ୍ଜୟ ମହାପାତ୍ର କହିଲେ, ପାଣିପାଗ ପରିବର୍ତ୍ତନ ମାନବ ଜାତି ପାଇଁ ଚିନ୍ତା କାରଣ। ପରିବେଶ ପର୍ଯ୍ୟାବାରଣ ପ୍ରଦୂଷଣ ପୃଥିବୀର ପାଣିପାଗକୁ ପ୍ରଭାବିତ କରୁଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୂଚନା ସଂଗ୍ରହ କରି ଯୁବ ପ୍ରତିଭା ନିଜ ନିଜ ସୃଜନ ସାଧନା ବଳ ରେ ଅଧ୍ୟୟନ କରି ପାଣିପାଗ ପରିବର୍ତ୍ତନର ବିଶଦ ଭାବେ ଗବେଷଣା ନିବନ୍ଧ ପ୍ରକାଶ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗ ଦେଇଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କୃତି ମଧ୍ୟ ବିଶେଷ ଭାବରେ ଆଲୋଚନା କରି ଗବେଷଣା ଆବଶ୍ୟକ ବୋଲି ସେ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ନେଇ ମତପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ୬୦ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟ ବହୁ ମାଇଲଖୁଣ୍ଟ ଛୁଇଁଛି। ଭଞ୍ଜବିହାର ଗବେଷଣା କ୍ଷେତ୍ରରେ ନିଜର ପରାକାଷ୍ଠା ଦ୍ୱାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି ବୋଲି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରି ନିଜର ମତ ରଖିଥିଲେ। ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଓ ଆଦିବାସୀ କଳା ସଂସ୍କୃତି ଗବେଷକ ଡ.ରାଜେନ୍ଦ୍ର କୁମାର ପାଢ଼ୀଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା । ରାମ ଲୀଳା ଗୁରୁ ହୃଷୀକେଶ ପାଣିଗ୍ରାହୀ ଓ ଜଗଦୀଶ ପାଣିଗ୍ରାହୀଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ସହ ଅଙ୍ଗ ବସ୍ତ୍ର ମାନପତ୍ର ଫଳକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଫେସର ୟୁ. ଟି. ରାଓଙ୍କୁ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭଞ୍ଜବାଣି ପତ୍ରିକା ଓ ଅନ୍ୟାନ୍ୟ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

## ଭେଣ୍ଡିଂ ଜୋନ୍‌ରେ ଅଗ୍ନିକାଣ୍ଡ
# ଜଳିଗଲା ୭ ଦୋକାନ, ୨୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ

ବ୍ରହ୍ମପୁର,୨।୧(ସୁବାସ ଚନ୍ଦ୍ର ପାଢ଼ୀ):



ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ନିକଟ ଧୋବାବନ୍ଧ ହୁଡ଼ା ଭେଣ୍ଡିଂ ଜୋନରେ ଶୁକ୍ରବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୭ଟି ଦୋକାନ ଗୃହ ସହ ପ୍ରାୟ ୨୦ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ମୁଖ୍ୟ ରାସ୍ତାରେ ଭେଣ୍ଡିଂ ଜୋନ ଥିବାରୁ ଦୀର୍ଘ ସମୟ ରାସ୍ତା ଜାମ୍ ହୋଇଥିଲା। ଏପରିକି ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ପୋଲିସ ପହଞ୍ଚି ଗାଡ଼ି ଚଳାଚଳ ସ୍ୱାଭାବିକ କରିଛି।

ସନ୍ଧ୍ୟା ପ୍ରାୟ ୬ଟାରେ ଭେଣ୍ଡିଂ ଜୋନ୍‌ରେ ଥିବା ଏକ ଦୋକାନ ହୁତୁହୁତୁ ହୋଇ ଜଳିଥିଲା। କ୍ଷଣକ ମଧ୍ୟରେ ନିଆଁ ପାଖରେ ଥିବା ୭ଟି ଦୋକାନକୁ ବ୍ୟାପି ଯାଇଥିଲା। ଖବରପାଇ ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ର କର୍ମଚାରୀ ୩ଟି ଗାଡି ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ । ଏହି ଭେଣ୍ଡିଂ ଜୋନ୍‌ରେ ମୋବାଇଲ ସାମଗ୍ରୀ ଓ ଗିଫ୍ଟ ଦୋକାନ କରିଥିବା ସନ୍ତୋଷ ବେହେରାଙ୍କ ୮ରୁ ୧୦ ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଥିବା ସେ କହିଛନ୍ତି। ସେହିପରି କନା ଦୋକାନୀ ବି. ଯଶବନ୍ତଙ୍କ ଦୋକାନରେ ଥିବା ୧୦ ଲକ୍ଷ ଟଙ୍କାର ଡ୍ରେସ ପୋଡି ଯାଇଥିବା ବେଳେ ହେମ ଚନ୍ଦ୍ର ଦାସଙ୍କ ଏକ ୱେଲ୍ଡିଂ ଦୋକାନ, ପଞ୍ଚାନନ ସାହୁଙ୍କ ଟାୟାର ଦୋକାନ, ହରିହର ଶୁକ୍ଳା ସମେତ କେତେଜଣ ପରିବା ଦୋକାନୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ସ୍ଥାନୀୟ ଭାଜପା ନେତା ତଥା ଆଇନଜୀବୀ ଅଶୋକ ଶୁକ୍ଳ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ଏକାଧିକ ଦୋକାନୀଙ୍କ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି ବୋଲି କହିଛନ୍ତି। ଭେଣ୍ଡିଂ ଜୋନର ଦୋକାନଗୃହ ଟିଣରେ ନିର୍ମିତ ହୋଇଛି ଏବଂ ସେଗୁଡ଼ିକୁ ପକ୍କା କରିବାକୁ ପୂର୍ବରୁ ବିଏମସି କମିଶନରଙ୍କୁ କହିଥିଲେ ବୋଲି ଅଶୋକ କହିଛନ୍ତି।

# ଶ୍ମଶାନ, ଶିଶୁ ଉଦ୍ୟାନ ପୁନରୁଦ୍ଧାର ପାଇଁ ୮୬ ଲକ୍ଷ ବ୍ୟୟ ହେବ


ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଫଳକ ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମର ୪ନଂ. ୱାର୍ଡରେ ଥିବା ଦେବାଙ୍ଗ ଶିବଲୋକମ୍ ଶ୍ମଶାନର ପୁନରୁଦ୍ଧାର ହେବ। ଏଥିପାଇଁ ୪୦ ଲକ୍ଷ ୬୧ ୫୭୧ ଟଙ୍କା ବ୍ୟୟ କରାଯିବ। ସେହିପରି ଧୋବା ବନ୍ଧ ହୁଡ଼ା ନିକଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶିଶୁ ଉଦ୍ୟାନ ପୁନରୁଦ୍ଧାର ପାଇଁ ୪୫ ଲକ୍ଷ ୪୭ ହଜାର ୪୦୦ ଟଙ୍କା ବ୍ୟୟ କରାଯିବ। ଏଭଳି ଦୁଇ ପ୍ରକଳ୍ପ ପାଇଁ ୮୬ ଲକ୍ଷ ଟଙ୍କା ବ୍ୟୟ ହେବ। ଏହା ବିଧାୟକ ପାଣ୍ଠିରୁ ମଞ୍ଜୁର କରାଯିବ ବୋଲି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର କହିଛନ୍ତି। କାର୍ଯ୍ୟକ୍ରମରେ ବିଏମସି ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି ମେୟର ଇ. ବିବେକ ରେଡି , ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଓୟୁଆଇଡିଏଫରୁ ଋଣ ପାଇଁ ବିଏମସିର ପ୍ରସ୍ତୁତି, ସପ୍ତାହକ ମଧ୍ୟରେ ହେବ ଆବେଦନ

ବ୍ରହ୍ମପୁର,୨।୧(ସ୍ମୃତି ରଞ୍ଜନ ମହାଲିକ)

ଗିରି ମାର୍କେଟ ନୂତନ କୋଠା ନିର୍ମାଣ କ୍ଷେତ୍ରରେ ୪୦ କୋଟି ଋଣ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଶୁକ୍ରବାର ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ନିଗମ ପରିସରରେ ଏକ ବୈଠକ ହୋଇଥିଲା। ଋଣ ଆବେଦନ ପାଇଁ ଆବଶ୍ୟକ କାଗଜପତ୍ର ବିଷୟରେ ଆଲୋଚନା ହୋଇଥିଲା। ସପ୍ତାହକ ମଧ୍ୟରେ ଓୟୁଆଇଡିଏଫ (ଓଡିଶା ଅର୍ବାନ ଇନଫ୍ରାଷ୍ଟ୍ରକର ଡେଭଲେପମେଣ୍ଟ ଫଣ୍ଡ)ରୁ ଋଣ ଟଙ୍କା ପାଇଁ ବିଏମସି ଆବେଦନ କରିବ ବୋଲି ସୂଚନା ମିଳିଛି। ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ର, ଯନ୍ତ୍ରୀ ସଂଯୁକ୍ତା ରାଇ ପାତ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଗତ ୧୮ ତାରିଖରେ ବିଏମସିର ସ୍ୱତନ୍ତ୍ର କର୍ପୋରେସନ ବୈଠକରେ ଗିରି ମାର୍କେଟର ନୂତନ କୋଠାର ଡିପିଆର ଓ ଋଣ ଆବେଦନ ପ୍ରସ୍ତାବକୁ କର୍ପୋରେଟରମାନେ ସହମତି ଜଣାଇଥିଲେ। ନୂତନ କୋଠାରେ ୨ଟି ବେସମେଣ୍ଟ ସହିତ ଜି ପ୍ଲସ ୩ ମହଲା ବିଶିଷ୍ଟ କୋଠା ରହିବ। ନୂତନ କୋଠାରେ ପାର୍କିଂକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କୋଠାରେ ୫୦% ଅଂଶ ପାର୍କିଂ ପାଇଁ ସୁବିଧା ରହିବ। ଗିରି ମାର୍କେଟ ପୁରୁଣା କୋଠା ଭାଙ୍ଗିବା ପାଇଁ ୨୦୨୨ ମେ ୧୩ ତାରିଖରେ ନିଗମର କର୍ପୋରେସନ ବୈଠକରେ ନିଷ୍ପତ୍ତି ହୋଇଥିଲା। ପୁରୁଣା କୋଠାରୁ ବ୍ୟବସାୟୀଙ୍କୁ ଖାଲି କରାଯିବା ପରେ ନଭେମ୍ବର ୧୭ ତାରିଖରେ କୋଠା ଭଙ୍ଗାଯାଇଥିଲା। ଏହାପରେ ୪୯.୧୫ କୋଟି ବ୍ୟୟରେ ନୂତନ କୋଠା ନିର୍ମାଣ ପାଇଁ ଅଟ୍ଟକଳ କରାଯାଇଥିଲା। ଯାହାକୁ ନେଇ ଡିପିଆର ପ୍ରସ୍ତୁତ ହୋଇଥିଲା। କିନ୍ତୁ କାମ କୋଠା ଭଙ୍ଗାରେ ହିଁ ସୀମିତ ରହିଥିଲା। ଏଭଳି ଭାବେ ବିଏମସି ପକ୍ଷରୁ ୩ ଥର ଲେଖାଏଁ ଡିପିଆର ପ୍ରସ୍ତୁତ ହୋଇ ନାକଚ ହୋଇଥିଲା। ୩ ବର୍ଷ ହେଲା କୋଠା ନିର୍ମାଣ ହୋଇପାରୁନି। ଫଳରେ ବ୍ୟବସାୟୀମାନେ ସମସ୍ୟାଗ୍ରସ୍ତ ହୋଇପଡିଛନ୍ତି।

# ସରିଲା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ,ପରିବହନ ବିଭାଗକୁ ହେବ ହସ୍ତାନ୍ତର

ବ୍ରହ୍ମପୁର,୨।୧(ସ୍ମୃତି ରଞ୍ଜନ ମହାଲିକ)


କମିଶନରଙ୍କ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିଦର୍ଶନ।

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡ଼ିଏ) ପକ୍ଷରୁ ଫାଷ୍ଟଗେଟ ସ୍ଥିତ ଡୁଡୁମା କଲୋନୀ ନିକଟରେ ଚାଲିଥିବା ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରିଛି। ବର୍ତ୍ତମାନ ଏହାକୁ ପରିବହନ ବିଭାଗକୁ ହସ୍ତାନ୍ତର କରାଯିବ। ଏ ନେଇ ବିଡ଼ିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଶୁକ୍ରବାର ଉକ୍ତ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶନିବାର ବିଇଡିଏ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ଜିଲାପାଳ ଭୀ କିର୍ତ୍ତି ଭାସନ, ବିଇଡ଼ିଏ ଉପାଧ୍ୟକ୍ଷ ,ପରିବହନ ବିଭାଗର ଅଧିକାରୀ ଓ ବସ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହିବେ। ସେହିପରି କମିଶନର ଅଙ୍କୁଶପୁର ଠାର ଥିବା କର୍ମଜୀବୀ ମହିଳା ହଷ୍ଟେଲ ଓ ଗଞ୍ଜାମ ହାଟର ନିର୍ମାଣ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଉଭୟ କୋଠା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଫେବୃୟାରୀରେ ଏହାର ଉଦଘାଟନ ଲକ୍ଷ୍ୟ ରହିଛି। ବୈଠକରେ ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ରଙ୍କ ସମେତ ନିଗମର ଅନ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ଗେଟବଜାର ଛକରେ ଟ୍ରାଫିକ ହ୍ରାସ ପାଇଁ ଫ୍ଲାଏଓଭର୍ ନିର୍ମାଣ ଚାଲିଛି। ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ବିଶେଷକରି ଦିଗପହଣ୍ଡି ଏବଂ ଆସ୍କା ଆଡୁ ଆସୁଥିବା ବସ୍‌ଗୁଡ଼ିକ ଗେଟବଜାର ଛକ ଦେଇ ନୂଆବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଉଛି। ଏହାର ସମାଧାନ ପାଇଁ ବିଇଡିଏ ପକ୍ଷରୁ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ଯୋଜନା ହୋଇଥିଲା। ଏଠାରେ ଯାତ୍ରୀଙ୍କ ରହଣୀ, ବସ୍‌ଗୁଡ଼ିକର ଆଗମନ ଏବଂ ପ୍ରସ୍ଥାନ ପାଇଁ ପ୍ରସ୍ତୁତ କରାଯାଇଛି। ବସଷ୍ଟାଣ୍ଡକୁ ସଂଯୋଗ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଆସିକା ଏବଂ ଦିଗପହଣ୍ଡି ପଟୁ ଆସୁଥିବା ବସଗୁଡ଼ିକ ସେଠାରେ ପହଞ୍ଚିବ। ସହର ଭିତରକୁ ଆସିବନି। ଫାଷ୍ଟଗେଟରେ ବସ ଅଟକିବା ପରେ ଯାତ୍ରୀମାନେ କିଭଳି ସହର ଭିତରକୁ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ, ତାହାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଆମ ବସ ଗୁଡ଼ିକ ବ୍ୟାପକ ଭାବେ ଚଳାଇବା ପାଇଁ ଯୋଜନା ରହିଛି। ଅସ୍ଥାୟୀ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହେବ ବୋଲି ମତ ପ୍ରକାଶ ପାଇଛି।

# ନୋ ଫିସିଂ ଜୋନ୍ କଟକଣାକୁ କଡ଼ାକଡ଼ି କରାଯିବ

ବ୍ରହ୍ମପୁର,୨।୧(ସ୍ମୃତି ରଞ୍ଜନ ମହାଲିକ)

ଅଲିଭ ରିଡଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆନ୍ତରାଜ୍ୟ ସମନ୍ୱୟ କମିଟି ବୈଠକ ଶୁକ୍ରବାର ବ୍ରହ୍ମପୁର ବନ ବିଭାଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ଏନ ଶ୍ରୀକାକୁଲମ, ଡିଏଫଓ ସିଏସ ଭେଙ୍କଟେଶ ଉପସ୍ଥିତ ଥିଲେ। କଇଁଛଙ୍କ ଆଗମନ ସମୟରେ କିଭଳି ଉଭୟ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ଅଧିକ ସତର୍କ ଓ ସଚେତନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଏଥିସହ ସମୁଦ୍ରରେ ପାଟ୍ରୋଲିଂ, ଆନ୍ଧ୍ରପ୍ରଦେଶରେ ନୋ ଫିସିଂ ଜୋନ କଟକଣାକୁ କଡ଼ାକଡ଼ି କରିବା ଦିଗରେ ଆଲୋଚନା ହୋଇଥିଲା। ନୋ ଫିସିଂ ଜୋନ ସମୟରେ ଋଷିକୂଲ୍ୟା ଉପକୂଳରୁ ଅନେକ ସମୟରେ ମାଛ ଧରା ଟ୍ରଲର ଜବତ ହେଉଛି। ଅଧିକାଂଶ ଆନ୍ଧ୍ର ପ୍ରଦେଶର । ଚଳିତ ଋତୁରେ ଆନ୍ଧ୍ରର ୨ଟି ଟ୍ରଲର ଜବତ ହୋଇଛି। ଟ୍ରଲର ଜବତ ହେବା ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ ହେଉଛି। କଇଁଛଙ୍କ ମୃତ୍ୟୁର ଏହା ପ୍ରମୁଖ କାରଣ ବୋଲି ଡିଏଫଓ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ( ସାମୁଦ୍ରିକ) ଦେବିଦତ୍ତ ମହାନ୍ତି, ବ୍ରହ୍ମପୁର ଏସିଏଫ ସସ୍ମିତା ବିଶାଳ, ମାଣିକେଶ୍ୱରୀ ହାଂସଦା, ଖଲ୍ଲିକୋଟ ଏସିଏଫ ଦିବ୍ୟ ଶଙ୍କର ବେହେରା, ଦକ୍ଷିଣ ଓ ଟ୍ରି ଫାଉଣ୍ଡେସନର କର୍ମକର୍ତ୍ତା, ଗଞ୍ଜାମ ଏବଂ ଆନ୍ଧ୍ରର ଶ୍ରୀକାକୁଲମ ଜିଲାର ତଟରକ୍ଷୀ ବାହିନୀ, ପୋଲିସ ଓ ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଖବରକାଗଜ ବିତରକଙ୍କ ବିୟୋଗ


ଏସ.ଆନନ୍ଦ ରାଓ।

ବ୍ରହ୍ମପୁର,୨।୧(ଅଶୋକ କୁମାର ସାହୁ)

ସ୍ଥାନୀୟ ଗୋଲାପଲ୍ଲୀ ସାହିର ଖବରକାଗଜ ବିକ୍ରେତା ଏସ.ଆନନ୍ଦ ରାଓଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ତାଙ୍କର ଦୁଇ ପୁଅ ଅଛନ୍ତି। ସକାଳେ ଖବରକାଗଜ ବଣ୍ଟନ ପରେ ପ୍ରାୟ ୯ଟା ବେଳକୁ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୪୦ ବର୍ଷ ହେଲା ବ୍ରହ୍ମପୁର ସହରରେ ଘର ଘର ବୁଲି ଖବରକାଗଜ ଦେଉଥିଲେ। ବ୍ରହ୍ମପୁର ଖବରକାଗଜ ବିତରକ ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ଦୋରା, ଉପସଭାପତି ଦୀନବନ୍ଧୁ ସାମନ୍ତରା, ସମ୍ପାଦକ ଆର.ଲିଙ୍ଗରାଜ ଆଚାରୀ, ଯୁଗ୍ମ ସମ୍ପାଦକ ନିରଞ୍ଜନ ନାହାକ ଓ କୋଷାଧ୍ୟକ୍ଷ ଭାଗୀରଥି ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ପରିବାରଙ୍କୁ ସମବେଦନା ଜଣାଇବା ସହିତ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜିଲାର ୪ ମହିଳା ବକ୍ସର, କୋଚ ଓ ରେଫରିଙ୍କ ନୋଏଡ଼ା ଯାତ୍ରା

ବ୍ରହ୍ମପୁର,୨।୧(ସୁବାସ ଚନ୍ଦ୍ର ପାଢ଼ୀ)



ଆସନ୍ତା ୪ରୁ ହେବାକୁ ଥିବା ୯ମ ଏଲିଟ ମହିଳା ଜାତୀୟ ଚାମ୍ପିୟନଶିପରେ ଭାଗ ନେବା ପାଇଁ ଗଞ୍ଜାମ ଜିଲାର ୪ ମହିଳା ବକ୍ସର, ୨ କୋଚ ଓଡ଼ିଶା ବକ୍ସିଂ ଦଳରେ ସ୍ଥାନ ପାଇ ଉତ୍ତର ପ୍ରଦେଶର ନୋଏଡା ଅଭିମୁଖେ ଯାତ୍ରା କରଛନ୍ତି। ମହିଳା ବକ୍ସର ହେଲେ ଏ.ରିତୁ ରାଓ, ମନସ୍ୱିନୀ ସାବତ, ସୃତିଶା ପାଣିଗ୍ରାହୀ ଓ ଶ୍ୟାମା ମୁଖୀ ଏବଂ କୋଚ ମ୍ୟାନେଜର ହେଲେ ରେଣୁ ମହାପାତ୍ର ଓ ବୁଲୁ ପାତ୍ର। ଏହି ଦଳ ସହ ଅନ୍ତର୍ଜାତୀୟ ବକ୍ସିଂ ରେଫରି ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଯାତ୍ରା କରିଛନ୍ତି। ପ୍ରତିଯୋଗିତା ନୋଏଡା ଗୌତମ ବୁଦ୍ଧ ୟୁନିଭର୍ସିଟି ଠାରେ ଅନୁଷ୍ଠିତ ହେବ ବୋଲି ଜିଡିଏର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ସମ୍ପାଦକ ଜେ. କାମେଶ୍ୱର ରାଓ କହିଛନ୍ତି। ସମସ୍ତ ବକ୍ସର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରେ ଅଭ୍ୟାସ କରୁଛନ୍ତି। ଏମାନଙ୍କୁ ବକ୍ସିଂ କୋଚ ତଥା ରାଜ୍ୟ ରେଫରି ଶିବରାମ ପାତ୍ର, ଲଡୁ କିଶୋର ସାହୁ, ଅଶୋକ ସାହୁ, ବାବୁ ରାଓ, ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, କାଲୁ ଚରଣ ପାଣିଗ୍ରାହୀ, କାଜଲ ସାହୁ, ସଞ୍ଜୀବ ସାହୁ, ସୀତା ଜେନା, ସୁମନ ଦାସ, ଅବିନାଶ ନାୟକ, ମୁନା ଗୌଡ଼, ବି.ଏସ.ସାମନ୍ତରାୟ, ସୀତାରାମ ବେବର୍ତ୍ତା, ପୂର୍ଣ୍ଣ ପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ରାଉତ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ସ୍ଥାନୀୟ ବକ୍ସର, ଜିଡିଏ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ବୃତ୍ତି ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ଉପସ୍ଥିତ କୃତୀ ଛାତ୍ରଛାତ୍ର, ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨।୧(ସ୍ମୃତି ରଞ୍ଜନ ମହାଲିକ):

ଗୋସାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶୁକ୍ରବାର ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବା ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ପାଢ଼ି, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସଂପାଦକ ପ୍ରଦୀପ୍ତ କୁମାର ସାହୁ, ସଭାପତି ପ୍ରଦୀପ କୁମାର ଦାଶ, କୋଷାଧ୍ୟକ୍ଷ ଦଣ୍ଡପାଣି ସାହୁ ଉପସ୍ଥିତ ଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବି କାଠି ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ୩ୟ ଶ୍ରେଣୀର ସଞ୍ଜୀବ ସାହୁ, ପ୍ରିୟାଂଶୁ ଜେନା, ରାଣୀ ପାତ୍ର, କୃଷ୍ଣ ଦଳାଇ ଓ ୫ମ ଶ୍ରେଣୀର ଅର୍ପିତା ଶତପଥୀ, ଅୟଦାନ୍ତ ଶତପଥୀ, ଅଂଶୁମାନ ପାଢ଼ି ଏବଂ ଶ୍ରୀୟା ବରାଡଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ସହ ପ୍ରଧାନଚାର୍ଯ୍ୟ ପତିତପାବନ ଶତପଥୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ଫିଟନେସ, ଓଭରଲୋଡ ଯାଞ୍ଚ ପାଇଁ କେହିନାହିଁ

## ପିକ୍‌ନିକ୍ ଋତୁରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତା
## ଗ୍ୟାସ ସିଲିଣ୍ଡର ବସ୍‌ରେ ପରିବହନ ବିପଦ
## ଅଘଟଣ ଏଡ଼ାଇବାକୁ ମାର୍ଗଦର୍ଶିକା ନାହିଁ

ବ୍ରହ୍ମପୁର, ୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ନୂଆବର୍ଷରେ ଚାରିଆଡେ ପିକ୍‌ନିକ୍‌ର ଆସର। ପର୍ଯ୍ୟଟନ ସ୍ଥଳରେ ଭିଡ ଜମିବାରେ ଲାଗିଛି। ବିଶେଷ କରି ଶିକ୍ଷାନୁଷ୍ଠାନଗୁଡିକ ସେମାନଙ୍କ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ବାହାରୁଛନ୍ତି । ଗୋଟିଏ ବସ୍‌ରେ ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଛାତ୍ରୀଛାତ୍ରଙ୍କ ସହ ଗ୍ୟାସ ସିଲିଣ୍ଡର ପରି ଦହନଶୀଳ ସାମଗ୍ରୀ ନେଉଛନ୍ତି। ବସ୍‌ର ଫିଟନେସ ଓ ଓଭରଲୋଡିଂ’ ଯାଞ୍ଚ କରିବାକୁ କେହି ନାହାନ୍ତି। ଫଳରେ ପର୍ଯ୍ୟଟନ ଋତୁରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଥିବାରୁ ଅଭିଭାବକ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ଏହାକୁ ଯାଞ୍ଚ କରିବାକୁ ପ୍ରଶାସନିକ ସ୍ତରରେ କୌଣସି ବିଧିବଦ୍ଧ ବ୍ୟବସ୍ଥା ହୋଇନାହିଁ। ନଭେମ୍ବରରୁ ପିକ୍‌ନିକ୍ ଋତୁ ଆରମ୍ଭ ହେଇଥିବା ବେଳେ ପ୍ରତି ଶନିବାର ଓ ରବିବାର ପର୍ଯ୍ୟଟନ ସ୍ଥଳୀରେ ଭିଡ଼ ଲାଗୁଛି। ଗୁରୁବାର ନୂଆବର୍ଷ ପାଦ ଥାପିଛି। ସବୁ ପର୍ଯ୍ୟଟନସ୍ଥଳରେ ଭୋଜି ଭାତର ଆସର ଦେଖାଦେଇଛି। ବିଶେଷ କରି ଶିକ୍ଷାନୁଷ୍ଠାନଗୁଡିକ ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲିବାକୁ ବାହାରୁଛନ୍ତି। ବସର ୩ ଜଣିଆ ସିଟ୍‌ରେ ୪ ଜଣ ଓ ୨ ଜଣିଆ ସିଟ୍‌ରେ ୩ ଜଣ ଲେଖାଏ ବସି ଧାର୍ଯ୍ୟ ଠାରୁ ଢେର ଅଧିକ ପିଲା ଯାଉଛନ୍ତି। ବାଟରେ ଖରାପ ହେଉଥିବାରୁ ବସ୍‌ର ଫିଟନେସକୁ ନେଇ ମଧ୍ୟ ସନ୍ଦେହ ହେଉଛି। ଯେଉଁ ବସ୍‌ରେ ପିଲା ଯାଉଛନ୍ତି ସେହି ବସ୍‌ରେ ଦହନଶୀଳ ସାମଗ୍ରୀ ପ୍ରେରଣ ସବୁଠୁ ବିପଦ ସାଜିଛି। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ପ୍ରତିବର୍ଷ ପରି ଚଳିତ ଥର କୌଣସି ମାର୍ଗଦର୍ଶିକା ଜାରି ହୋଇନି। ରାସ୍ତାରେ ପୋଲିସ ଯାଞ୍ଚ ବି କରୁନାହିଁ। ପରିବହନ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିପଦ ମୁଣ୍ଡାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସରକାର ମାର୍ଗଦର୍ଶିକା ଆଣିବାକୁ ଅଭିଭାବକ ଓ ଶିକ୍ଷାବିତ ମାନେ ଦାବି କରିଛନ୍ତି। ପିକନିକ ସ୍ପଟରେ ପୋଲିସ କର୍ମଚାରୀ, ପରିବହନ ବିଭାଗର କର୍ମଚାରୀ ମୁତୟନ, ପିକନିକ ଗାଡ଼ି ପାଇଁ ସ୍ୱତନ୍ତ୍ର ଅନୁମତି, ପିକନିକ ଗାଡ଼ିରେ ଦହନଶୀଳ ସାମଗ୍ରୀ ପରିବହନକୁ ବାରଣ, ଓଭରଲୋଡ଼ି ଯାଞ୍ଚ, ମଦ୍ୟପ ଡ୍ରାଇଲର ଧରା ପଡ଼ିଲେ ଗିରଫ ସହ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଗଲେ ବିପଦକୁ କିଛି ମାତ୍ରାରେ ରୋକାଯାଇପାରେ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ୨ ବିଦ୍ୟାଳୟରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୨।୧(ନବୀନ ରାଜ ଆଚାରୀ)

ଶୀତୁଆ ରାତିରେ ସୁଯୋଗନେଇ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ବିଦ୍ୟାଳୟରୁ ଦୁର୍ବୃତ୍ତ ମାନେ କଳାକନା ବୁଲେଇଥିବା ଜଣାପଡ଼ିଛି। ଏନେଇ ଶୁକ୍ରବାର ସନ୍ଧ୍ୟାରେ ୨ ପ୍ରଧାନ ଶିକ୍ଷୟିତ୍ରୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ଏହି ଥାନା ଅଧିନସ୍ଥ ଦାସପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ରାତିରେ ଦୁର୍ବୃତ୍ତ ମାନେ ବିଦ୍ୟାଳୟ ଶେଷ କୋଠରୀର ତାଲା ଭାଙ୍ଗି ପଶି ୧୫ରୁ ଉର୍ଦ୍ଧ୍ୱ କମ୍ପ୍ୟୁଟର ଚେୟାର, ଖେଳ ସାମଗ୍ରୀ, ଅନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ଏହି ବିଦ୍ୟାଳୟରେ ପୂର୍ବରୁ ୨ଥର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ନାୟକ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ସେହିପରି ବିଳମ୍ବିତ ରାତିରେ କନିସି ହାଟସ୍ଥିତ ବ୍ଲକ୍ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁର୍ବୃତ୍ତମାନେ ପଶି ରୁମର ତାଲା ଭାଙ୍ଗି ୨ଟି କମ୍ପ୍ୟୁଟର, ପ୍ରିଣ୍ଟର, ବ୍ୟାଟେରି, ହାର୍ଡ଼ଡ଼ିସ୍କ ଓ ଅନ୍ୟ ସାମଗ୍ରୀ ନେଇ ଚମ୍ପଟ ମାରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପି.ପଦ୍ମ ବିଦ୍ୟାଳୟରେ ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ଠିକ ଭାବେ ପୋଲିସ ପେଟ୍ରୋଲିଂ ହେଉ ନ ଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି।

### ୧୧ ଦିନରେ ମହିଳା କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚ୍ ଗଞ୍ଜାମ କ୍ରିକେଟ୍ ଆସୋସିଏଶନ ବିଜୟୀ

ରମ୍ଭା,୨।୧(ବନବାସୀ ସେଠୀ)

ରମ୍ଭା ହାଇସ୍କୁଲ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ୧୧ ଦିନରେ ଗଞ୍ଜାମ ମହିଳା କ୍ରିକେଟ ଆସୋସିଏଶନ ସହ ପୁରୀ ମହିଳା କ୍ରିକେଟ୍ ଆସୋସିଏଶନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା ପ୍ରତିନିଧି ସୁରଥ ପ୍ରାଧନ ଏବଂ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମ୍ଭା କ୍ରିକେଟ୍ କ୍ଲବ ସଭାପତି ସୀମାଞ୍ଚଳ ବାତାତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ଏବଂ ପୁରୀର ଅଭିଭାବକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଅନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟର ୧୧ ଦିନରେ ପ୍ରଥମ ଇନିଂସରେ ପୁରୀ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୬ ଟି ଉଇକେଟ ବିନିମୟରେ ୧୨୨ ରନ୍ ସଂଗୃହିତ କରିଥିଲେ। ପୁରୀ ଦଳ ପକ୍ଷରୁ ଅଧିନାୟିକା ସାଲିନି ଦାଶ ସର୍ବାଧିକ ୪୦ ବଲରେ ୪୩ ରନ୍ ସଂଗୃହିତ କରି ବେଷ୍ଟ ବ୍ୟାଟସ୍ ମ୍ୟାନ ଘୋଷିତ ହୋଇଥିଲେ। ଜବାବରେ ଗଞ୍ଜାମ କ୍ରିକେଟ ଆସୋସିଏଶନ ଅଧିନାୟିକା ଜୁଲି ବେହେରା ୬ଟି ବଲ ହାତରେ ରଖି ୬ ଗୋଟି ଉଇକେଟ ବିନିମୟରେ ସହଜ ବିଜୟ ହାସଲ କରିଥିଲେ। ଗଞ୍ଜାମ ଦଳ ତରଫରୁ ମିନତୀ ବେହେରା ୪୩ ଟି ବଲରେ ୩୯ରନ୍ ସଂଗୃହିତ କରି ମ୍ୟାନ୍ ଅଫ୍ ମ୍ୟାଚ୍ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମିନତୀ ବେହେରାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତା ୪ରେ ରମ୍ଭା କ୍ରିକେଟ କ୍ଲବ୍ ସହ ଆଇସିସି ଇଚ୍ଛାପୁରମ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ଆଇନଜୀବୀ ହିରାଧର ସହକାରି ପିପି ନିଯୁକ୍ତ

**ଚନ୍ଦାହାଣ୍ଡି, ୨।୧( ହିମାଂଶୁ ଦାସ)**

ଓଡ଼ିଶା ରାଜ୍ୟ ସରକାରଙ୍କ ଆଇନ ବିଭାଗର ବିଜ୍ଞପ୍ତି ଅନୁସାରେ ଚନ୍ଦାହାଣ୍ଡି ଜେମ୍ଏଫ୍ସି କୋର୍ଟରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଆଇନଜୀବୀ ହିରାଧର ମାଳିଙ୍କୁ ସହକାରି ଆସିଷ୍ଟାଣ୍ଟ ପିପି ଭାବେ ନିଯୁକ୍ତି ମିଳିଛି। ଏଥିପାଇଁ ଆଇନଜୀବୀ ହିରାଧର ମାଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଏବଂ ବରିଷ୍ଠ ଆଇନଜୀବୀ ସରୋଜ ଅଗସ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୧୦ ସୁଦ୍ଧା ପ୍ରଦତ୍ତ ଅର୍ଥ ଖର୍ଚ୍ଚ କରି ନ ପାରିଲେ କାର୍ଯ୍ୟାନୁଷ୍ଠାନ: ନିର୍ଦ୍ଦେଶକ

ଭଞ୍ଜନଗର,୨।୧(ବାବୁଲା ପ୍ରଧାନ)

ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଅର୍ଥ ନିର୍ଦ୍ଧାରିତ ସମୟ ମଧ୍ୟରେ କିଭଳି ଖର୍ଚ୍ଚ ହେବ ସେନେଇ ଅନ୍ଲାଇନ ମାଧ୍ୟମରେ ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଅଧୀନ ସମସ୍ତ ବିଶ୍ୱ ବିଦ୍ୟାଳୟ ଅଧିକାରୀ, ଜାତୀୟ ସେବା ଯୋଜନା ଅଧିକାରୀ , ଜାତୀୟ ସେବା ଯୋଜନା ଶାଖାର ସଂପୃକ୍ତ କଲେଜ ଓ ବିଶ୍ୱ ବିଦ୍ୟାଳୟ ଅଧିକାରୀ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଏଥିରେ ଅଧ୍ୟକ୍ଷତା କରି ଯୋଜନା କିଭଳି ଠିକ ଭାବେ କାର୍ଯ୍ୟକାରୀ ହେବ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଆସନ୍ତା ୧୦ ତାରିଖ ସୁଦ୍ଧା ପ୍ରଦାନ କରାଯାଇଥିବା ଅର୍ଥ ଖର୍ଚ୍ଚ କରି ବିନିଯୋଗ ପ୍ରମାଣପତ୍ର ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।




ଆଲୋଚନାରେ ନିର୍ଦ୍ଦେଶକ ବିଭିନ୍ନ ପରାମର୍ଶ ଦେଉଛନ୍ତି ।

ଯେଉଁଠି ଅର୍ଥ ଖର୍ଚ୍ଚ ହୋଇପାରିବ ନାହିଁ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶକ କହିଥିଲେ। ପ୍ରଦତ୍ତ ଅର୍ଥ ଖର୍ଚ୍ଚ କଲେ ପୁଣି ଅର୍ଥ ପ୍ରଦାନ କରାଯିବ। ଯେଉଁ ଶାଖା ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରିବାରେ ବିଫଳ ହେଉଛି ସେଠାରୁ ଅର୍ଥ ଉଠାଇ ଆଣି ସକ୍ରିୟ ଥିବା ଶାଖାକୁ ପ୍ରଦାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସେବା ଯୋଜନା ରାଜ୍ୟ ନୋଡାଲ ଅଧିକାରୀ ରମେଶ ଚନ୍ଦ୍ର ବେହେରା ଆଲୋଚନାରେ ଭାଗ ନେଇ ରାଜ୍ୟରେ ଜାତୀୟ ସେବା ଯୋଜନା ଶାଖାଗୁଡ଼ିକ କିଭଳି ଠିକ ଭାବେ କାର୍ଯ୍ୟ କରିବ ସେନେଇ କହିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧୀନରେ ଥିବା ଅଧିକାଂଶ ଶାଖା ସକ୍ରିୟ ରହିଛନ୍ତି। ସେମାନେ ମଧ୍ୟ ପ୍ରାପ୍ୟ ଅର୍ଥ ଖର୍ଚ୍ଚ କରିବାରେ ଆଗୁଆ ଥିବା ବେହେରା ସୂଚନା ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିକାରୀ ଡ. ଜୟନ୍ତ ପଣ୍ଡା, ପୋଲସରା ଜାତୀୟ ସେବା ଯୋଜନା ଅଧିକାରୀ ବ୍ରହ୍ମପୁର ଜୋନରୁ ଆଲୋଚନାରେ ଭାଗ ନେଇ ନିଜ ମତ ରଖିଥିଲେ। ଗଞ୍ଜାମ ଜିଲା ଜାତୀୟ ସେବା ଯୋଜନା ସଂଯୋଜକ ଗଣେଶ ସାହୁ, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପୁରୁଷ ଶାଖା ଅଧିକାରୀ ବି.ପ୍ରଧାନ, ମହିଳା ଶାଖା ଅଧିକାରୀ ସସ୍ମିତା ଦାସ, ଗାଲେରୀ ଯୋଜନା ଅଧିକାରୀ ଦୁର୍ଗା ମାଧବ ଦାସ, ଜଗନ୍ନାଥପ୍ରସାଦ, ବିଡ଼ିପୁର, ବେଲଗୁଣ୍ଠା ଆଦି କଲେଜ ଶାଖା ଅଧିକାରୀମାନେ ଅନ୍ଲାଇନରେ ଯୋଡ଼ି ହୋଇ ଆଲୋଚନାରେ ଭାଗ ନେଇଥିଲେ।

# ପ୍ରେମିକଙ୍କୁ ପାଇବାକୁ ଅପହରଣ ନାଟକ ରଚିଥିଲେ ପ୍ରେମିକା

ଫୁଲବାଣୀ, ୨।୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଗୋଛାପଡା ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ କେତେ ଜଣ ଯୁବକ ତାଙ୍କ ଗାଁ ନିକଟରୁ ଏକ କାରରେ ଅପହରଣ କରି ନେବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଯୁବତୀଙ୍କୁ ଅପହରଣ ନୁହେଁ, ପ୍ରେମ ପାଇଁ ସେ ପ୍ରେମିକଙ୍କ ସହ ମିଶି ଏପରି ଅପହରଣ ନାଟକ ରଚିଥିଲେ ବୋଲି ତଦନ୍ତରୁ ଜଣାପଡିଛି।

ଖବରରୁ ପ୍ରକାଶ, ଫୁଲବାଣୀ ସଦର ଥାନା ଦଡିକି ପଞ୍ଚାୟତ ଜାମଝିରି ଗାଁର ଜଣେ ଯୁବକଙ୍କୁ ସମ୍ପୃକ୍ତା ଯୁବତୀ ପ୍ରେମ କରି ଆସୁଥିଲେ । ତେବେ ଉଭୟଙ୍କ ସମ୍ପର୍କକୁ ଯୁବତୀଙ୍କ ପରିବାର ଲୋକେ ପସନ୍ଦ କରୁ ନ ଥିଲେ। ଫଳରେ ଗତ ମଙ୍ଗଳବାର ଯୁବତୀ ଜଣକ ତାଙ୍କ ପ୍ରେମିକଙ୍କ ସହ ଫେରାର ହେବାକୁ ଯୋଜନା କରିଥିଲେ। ସେହି ଅନୁସାରେ ପ୍ରେମିକ ଜଣକ ବୁଧବାର ସକାଳୁ ଏକ କାରରେ କେତେ ଜଣ ସହଯୋଗୀଙ୍କୁ ଧରି ବନ୍ଧୁଲି ଛକକୁ ଆସିଥିଲେ। ଯୁବତୀ ଜଣକ ସେଠାରେ ପହଞ୍ଚି କାରରେ ବସି ତାଙ୍କ ପ୍ରେମିକଙ୍କ ସହ ଚାଲି ଯାଇଥିଲେ। ଯୁବତୀଙ୍କୁ ପଚରାଉଚୁରା ପରେ ଏପରି ଅପହଣଣ ନାଟକ ସେ ନିଜେ କରିଥିବା ପ୍ରକାଶ କରିଛନ୍ତି। ଶନିବାର ସମ୍ପୃକ୍ତା ଯୁବତୀଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଚିରଞ୍ଜୀବ ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ୬ ଜଣ ଯୁବକ ଏକ କାରରେ ଆସି ବନ୍ଧୁଲି ଛକ ନିକଟରୁ ସମ୍ପୃକ୍ତା ଯୁବତୀଙ୍କୁ ମଙ୍ଗଳବାର କାରରେ ବସାଇ ନେଇ ଯାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଜଣାଇ ଗାଡ଼ି ପଛରେ ଗୋଡାଇ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ କୁମେଲବନ୍ଧ ପାଖରୁ ଦୁଇ ଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରଖିଥିଲା।

# ୬୪୩ ଥାନାରୁ ଦଶମ ସ୍ଥାନରେ ଧରାକୋଟ

## ଲୋକଙ୍କୁ ନ୍ୟାୟ ଦେବାରେ ବିଭିନ୍ନ ପଦକ୍ଷେପ ନେଇଥିଲେ ଥାନା ଅଧିକାରୀ

ଧରାକୋଟ,୨।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଓଡିଶା ସରକାଙ୍କ ଗୃହ ବିଭାଗ ର କ୍ରାଇମ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ୍ସ ଅନୁଯାୟୀ ରାଜ୍ୟର ୬୪୩ ଥାନା ମଧ୍ୟରୁ ଧରାକୋଟ ଥାନା ଦଶମ ସ୍ଥାନରେ ରହିଛି। ଧରାକୋଟ ଥାନା ଅପରାଧ, ଅପରାଧୀ ଏବଂ ନିଖୋଜ ବ୍ୟକ୍ତିଙ୍କ ଟ୍ରାକିଂ ପ୍ରକୃତ ସମୟରେ କରିବା , ଅନ୍ଲାଇନ ଅଭିଯୋଗ ପଞ୍ଜୀକରଣ ଏବଂ ଟ୍ରାକିଂକୁ ସକ୍ଷମ କରିବା, ଆନ୍ତଃ କାର୍ଯ୍ୟକ୍ଷମ ଅପରାଧିକ ନ୍ୟାୟ ବ୍ୟବସ୍ଥା ମାଧ୍ୟମରେ ଇ-କୋର୍ଟ, ଇ-କାରାଗାର ସହ ସମନ୍ୱିତ କରିବା, ଡାଟା ବିଶ୍ଳେଷଣ, ରିପୋର୍ଟିଂ ଏବଂ ସୂଚନା ଓ ପ୍ରଯୁକ୍ତି ଭିତ୍ତିଭୂମିର ବ୍ୟବହାରରେ ସଫଳତା ଲାଭ କରିଛି । ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଏଠାରେ ଯୋଗ ଦେବା ପରଠାରୁ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭିଯୋଗର ସଠିକ ନ୍ୟାୟ, ସଫଳ ଟିମ ୱାର୍କ, କର୍ମଚାରୀଙ୍କ ସହିତ ଉତ୍ତମ ସମନ୍ୱୟ ସ୍ଥାପନ, ଅପରାଧ ଦମନ, ଭିତ୍ତିଭୂମିର ସୁଦୃଢ଼ୀକରଣ, ମହିଳା ଓ ଶିଶୁମାନଙ୍କ ପ୍ରତି ନ୍ୟାୟିକ ପଦକ୍ଷେପ, ଉତ୍ତମ ଆଚରଣ, ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବାରେ ପଦକ୍ଷେପ ନେଇଛନ୍ତି। ଫଳରେ ଧରାକୋଟ ଥାନା ସମଗ୍ର ରାଜ୍ୟରେ ଦଶମ ସ୍ଥାନରେ ରହି ଗଞ୍ଜାମ ଜିଲାର ଗୌରବ ବଢ଼ାଇଛି । ଥାନା ଅଧିକାରୀଙ୍କୁ ଆସିକା ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ହରିହର ପାଢ଼ୀ, ଧରାକୋଟ ପ୍ରେସ୍ କ୍ଲବ ଉପଦେଷ୍ଟା ହୃଦାନନ୍ଦ ଜେନା, ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ନାୟକ, ଶିଶିର ମହାନ୍ତିଙ୍କ ସମେତ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି ।

### ପ୍ରଭାକର ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଫାଇନାଲରେ ବ୍ରହ୍ମପୁର ପାୱାର ସିକ୍ସ

ଦିଗପହଣ୍ଡି, ୨।୧(ଅଶେଷ ନାଥ ମିଶ୍ର)- ଗଞ୍ଜାମ ଜିଲା ଦିଗପହଣ୍ଡି ମିନି ଷ୍ଟାଡିୟମରେ ଚାଲିଥିବା ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିବା ପଞ୍ଚମ ଦିବସ। ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମ୍ ପ୍ରତିପକ୍ଷ କନ୍ଧମାଳ ଜିଲା ଦାରିଙ୍ଗିବାଡି ଭଲିବଲ ଟିମ୍କୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ପଞ୍ଚମ ଦିବସ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ହୋଇଥିଲା। ଏହାକୁ ଦିଗପହଣ୍ଡି ଏନଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବିନାରାୟଣ ରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, କାଉନସିଲର ନୀଳମାଧବ ଗୌଡ଼,ସୁଶାନ୍ତ ପାତ୍ର, ସାମାଜିକ କର୍ମୀ ତାରା ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ଜେନା, ନିଗମ ପ୍ରସାଦ ପଣ୍ଡା, ପ୍ରଶାନ୍ତ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ରୂପେ ବ୍ୟବସାୟୀ ସୀମାଞ୍ଚଳ ପାଢ଼ୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜକ ଅର୍ଦ୍ଧୁ . ଗୋବିନ୍ଦ ସଂଯୋଜନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାନ୍ତୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ. ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପରିଚାଳନା କରିଥିଲେ । ଗୋବିନ୍ଦ ନାୟକ ରେଫେରି ଦାୟିତ୍ୱ ତୁଲାଇଥିଲେ। ଦାରିଙ୍ଗିବାଡି ଭଲିବଲ ଟିମ୍ର ଶ୍ରେଷ୍ଠ ଖେଳାଳି ଅମନ ନାୟକ ମ୍ୟାନ ଅଫ ଦି ମ୍ୟାଚ ରୂପେ ବିବେଚିତ ହୋଇଥିଲେ। କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟ ହୃଦୟ ନନ୍ଦ, ସମୀର ପଣ୍ଡା, ସନାତନ ରେଡ୍ଡୀ, ନରେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

# ଟିକିଟି କଲେଜ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ



ଟିକିଟି, ୨।୧ (ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟିଗଡ଼ ସ୍ଥିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପୁରୁଷ ଶାଖା ଦ୍ୱାରା ଏକ ସପ୍ତାହ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ଯାପିତ ହୋଇଛି। ଏହି ଶିବିରକୁ ମାଉଁଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବିନ୍ଦ୍ର ବେହେରା ଉଦ୍ଘାଟନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଭବାନୀ ପ୍ରସାଦ ପଣ୍ଡା ଯୋଗଦେଇ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କାହ୍ନୁ ଚରଣ ଜେନା ଓ ଜିତେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା କରିବାର ସୁଯୋଗକୁ ସଠିକ୍ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ବିଦ୍ୟାଳୟ ପରିସର ସଫା କରିବା ସହ ବ୍ରହ୍ମପୁର ଏମ୍କେସିଜି ମେଡିକାଲ ଓ ସିଟି ହସ୍ପିଟାଲ ଆଇସିଟିସି କାଉନ୍ସଲରଙ୍କ ଉପସ୍ଥିତିରେ ଏଡ୍ସ ସଚେତନତା, ସ୍ୱଚ୍ଛତା ଅଭିଯାନ, ଯୋଗାଭ୍ୟାସ ସହିତ ପଲିଥିନ ମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଶେଷ ଦିନରେ ଚାରା ରୋପଣ ସହିତ ଗ୍ରାମର ପରିମଳ ସର୍ଭେ କରାଯାଇଥିଲା। ମୁଖ୍ୟ ଅତିଥି ଅଧ୍ୟକ୍ଷ ଡ.ଭବାନୀ ପ୍ରସାଦ ପଣ୍ଡା, ଅଧ୍ୟାପକ ପବିତ୍ର ମହାରଣା ଓ ଦିବ୍ୟ ରଞ୍ଜନ ଜାଲି ଯୋଗଦେଇ ଛାତ୍ରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଅଧ୍ୟାପକ ଲକ୍ଷ୍ମଣ ବେହେରା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରକାଶ ବେହେରା, ଅଲେଖ ସେଠୀ, ରବୀନ୍ଦ୍ର ମହାରଣା, ଡା.ସନ୍ତୋଷ ବକ୍ସି, ଡା. ବିଶନାଥ ପାଣିଗ୍ରାହୀ, ରାଧାକାନ୍ତ ପାଢ଼ୀ, ରାକେଶ ରୋଶନ ମଣ୍ଡଳ, ଅଧ୍ୟାପିକା ରସ୍ମିତା ସବର, ନିମ୍ପ୍ରା ବେହେରା ଓ ସୁକାନ୍ତ ନାୟକ ଯୋଗଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

# ବେଲଗୁଣ୍ଠା ବ୍ଲକ୍ର ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍ଘାଟିତ

ବେଲଗୁଣ୍ଠା,୨।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗୋବରା ସେବା ସମବାୟ ସମିତି ପରିସରରେ ଶୁକ୍ରବାର ସେବା ସମବାୟ ସମିତି ସଭାପତି ରଙ୍କନିଧି ସ୍ୱାଇଁ ଧାନମଣ୍ଡି ଉଦ୍ଘାଟନ କରିଛନ୍ତି। ପରେ ଉପସ୍ଥିତ ଚାଷୀକୁ ଉଦ୍ବୋଧନ ଦେଇ ସରକାର ଧାନ ପାଇଁ ଧାର୍ଯ୍ୟ ଦର ୨୩ଶହ ଟଙ୍କା ଉପରେ ୮ଶହ ଟଙ୍କା ବୋନସ୍ ପ୍ରଦାନ କରୁଥିବା ବେଳେ ଚଳିତ ବର୍ଷ ଏଥିରେ ଆଉ ଅତିରିକ୍ତ ୬୯ ଟଙ୍କା ମିଶାଇ ଚାଷୀଙ୍କ ପରିଶ୍ରମର ପ୍ରକୃତ ମୂଲ୍ୟ ଦେବା ପାଇଁ ସରକାର ଚେଷ୍ଟା କରିଛନ୍ତି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ନାୟକ, ରାଧାସ୍ୱାମୀ ରାଜୁ ଗୁରୁନାଥ ମହାନ୍ତି, ସମିତି ସଭ୍ୟ ବିଭୁପାଦ ଜେନା, ସାମାଜିକ କର୍ମୀ କୁନା ପରିଡ଼ା, ନାରାୟଣ ନାୟକ, ବିନୋଦ ବିହାରୀ ମହାନ୍ତି, ସନ୍ତୋଷ ମଲ ଉପସ୍ଥିତ ଥିଲେ। ସେବା ସମବାୟ ସମିତି ସମ୍ପାଦକ ରୋହିତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



ଧାନ ମଣ୍ଡି ଉଦଘାଟନ କରୁଛନ୍ତି ଅତିଥି ।

ସେହିପରି କ୍ଷତ୍ରିୟବରପୁର ସେବା ସମବାୟ ସମିତି ପକ୍ଷରୁ ବିଞ୍ଝଣା ଆର୍ଏମ୍ସି ପରିସରରେ ସେବା ସମବାୟ ସମିତି ସଭାପତି ଲକ୍ଷ୍ମଣ ପଣ୍ଡା ଧାନମଣ୍ଡି ଉଦ୍ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ସମବାୟ ସମିତି ସମ୍ପାଦକ ହରପ୍ରସାଦ ବେହେରା, ନୋଡ଼ାଲ୍ ଅଧିକାରୀ ତଥା ଗାଙ୍ଗପୁର ରାଜସ୍ୱ ନିରିକ୍ଷକ ଗୌରୀ ଶଙ୍କର ସ୍ୱାଇଁ, ଡିଇଓ ସୁଶାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାଷୀ ଦୋଳ ଗୋବିନ୍ଦ ବିଷୋୟୀ, ସୁବାଷ ଗୌଡ଼, ସୁବୋଷ ସ୍ୱାଇଁ, ଟୁନା ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଜିଲା ସେବା ସମବାୟ ସମିତିରେ ମଧ୍ୟ ଧାନ କିଣା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ସେବାସମବାୟ ସମିତିର ସଭାପତି ରାଜକୁମାର ବିଶୋଇ, ସମ୍ପାଦକ ବଳରାମ ଗୌଡ଼ ଓ ସମିତିର ବହୁ ସଦସ୍ୟ ଓ ବହୁ ଚାଷୀ ଉପସ୍ଥିତ ଥିଲେ। ନୋଡାଲ ଅଫିସର ଭାବେ ବଙ୍କା ଆର୍ଆଇ ଯୋଗଦେଇଥିଲେ।

# କମ୍ୟୁନିଷ୍ଟ ନେତାଙ୍କ ସ୍ମୃତିସଭା

ଛତ୍ରପୁର,୨।୧(ଦିଲୀପ ସାମଲ):

ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନଠାରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ବାମପନ୍ଥୀ ଆନ୍ଦୋଳନର କର୍ଣ୍ଣଧାର ସିପିଆଇର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ଏ. ବି. ବର୍ଦ୍ଧନଙ୍କ ୯ମ ସ୍ମୃତିସଭା ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ଶ୍ରମିକ ଓ କୃଷକ ବିରୋଧୀ ନୀତି ଆପଣେଇଛନ୍ତି ବୋଲି କହି ଏହି ସରକାରଙ୍କୁ ହଟାଇବାକୁ ଆହ୍ୱାନ ଦେଇଥିଲେ। ସିପିଆଇର ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାଶ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଏନ. ଗିରିଜାପ୍ରସାଦ ରେଡ୍ଡୀ, ତ୍ରିନାଥ ରେଡ୍ଡୀ, ଆଦିତ୍ୟ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବର୍ଦ୍ଧନଙ୍କ ସ୍ମୃତି ଚାରଣ କରିଥିଲେ।

## ନୂଆବର୍ଷ ଆଣିଲା ଦୁଃଖ
# ଦୁର୍ଘଟଣାରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ବେଲଗୁଣ୍ଠା,୨।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ନୂଆବର୍ଷ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ପରିବାରକୁ ଦୁଃଖ ଆଣି ଦେଇଛି। କୌଣସି କାର୍ଯ୍ୟରେ ଯାଇ ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବେଲଗୁଣ୍ଠା କୋଳିସାହିର ଏସ୍.ବରୁଣ କୁମାର (୨୦)। କୌଣସି କାମରେ ବାଇକ୍ରେ ଜଗନ୍ନାଥପ୍ରସାଦ ଯାଇ ବେଲଗୁଣ୍ଠା ଅଭିମୁଖେ ଫେରୁଥିବା ବରୁଣଙ୍କ ବାଇକ୍ ଉଡୁରା-କୋକଲୁଣ୍ଡା ମଝି ରାସ୍ତାରେ ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ବରୁଣ ବାଇକ୍ ସହ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଅଟୋଟି ମଧ୍ୟ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋରେ ଥିବା ଜଣେ ଶିଶୁ ଏବଂ ମହିଳା ସାମାନ୍ୟ ଆହତ ହୋଇଥିଲେ। ବରୁଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଅଟୋରେ ଥିବା ମହିଳା ଏବଂ ଶିଶୁଙ୍କୁ ବେଲଗୁଣ୍ଠା ଡାକ୍ତରଖାନା ପଠାଯାଇଥିବା ବେଳେ ବରୁଣଙ୍କୁ ଭଞ୍ଜନଗର ନିଆଯାଇଥିଲା। ସେଠାରେ ଡାକ୍ତର ବରୁଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ବ୍ରହ୍ମପୁର ନେବା ସମୟରେ ଆସିକା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆସିକା ମେଡିକାଲ୍ରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ବେଲଗୁଣ୍ଠା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବରୁଣ ଜଣେ ମେଧାବୀ, ମେଳାପୀ ଏବଂ ଶାନ୍ତ, ସରଳ ସ୍ୱଭାବର ଛାତ୍ର ଥିଲେ। ସେ ଭୁବନେଶ୍ୱରରର ଏକ ଘରୋଇ କଲେଜ୍ରେ ଇଞ୍ଜିନିୟରିଂ କରୁଥିଲେ। ଛୁଟିରେ ଗାଆଁକୁ ଆସିଥିବା ବେଳେ ଏପରି ଘଟଣା ଘଟିଛି। ବରୁଣଙ୍କ ମାଆ ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଲାଇବ୍ରେରିଆନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବାପା ଉଦୟଗିରିରେ କାର୍ଯ୍ୟରତ ଅଛନ୍ତି।



# ଜିଲାର ଦାବି ଉପସ୍ଥାପନ କଲେ ବିଧାୟକ

## ରେଲ୍ୱେ ଷ୍ଟାଣ୍ଡିଂ କମିଟି ବୈଠକ

ପାରଳାଖେମୁଣ୍ଡି,୨।୧(ଗିରିଧାରୀ ପରିଚ୍ଛା)

ରେଳବାଇ ଷ୍ଟାଣ୍ଡିଂ କମିଟି ବୈଠକ ପୁରୀଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ତଥା ରାଜ୍ୟସଭା ଏମ୍ପି ଡ. ସିଏମ୍ ରମେଶ ସଭାପତିତ୍ୱ କରିଥିଲେ। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ରେଳୱେ କ୍ଷେତ୍ରରେ ରହିଥିବା ବିଭିନ୍ନ ମୌଳିକ ଆବଶ୍ୟକତା ସମ୍ପର୍କରେ ଜଣାଇ ଜିଲାର ଦାବି ରଖିଥିଲେ। ପାରଳାଖେମୁଣ୍ଡି ରେଳ ଷ୍ଟେସନକୁ ଲାଗି ରେଳ ଲାଇନ ଆରପଟେ ଥିବା ଶାନ୍ତିନଗର, ଝିଙ୍ଗା ଓ ବଡଝିଙ୍ଗା ଗ୍ରାମକୁ ଯାତାୟାତ ନେଇ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଠାରେ ଫୁଟପାଥ ସହ ଏକ ଓଭର ବ୍ରିଜ ନଚେତ୍ ଭୂତଳ ରାସ୍ତା ନିର୍ମାଣ ପାଇଁ ଲୋକେ ବିଧାୟକଙ୍କୁ ଜଣାଇଥିଲେ। ଷ୍ଟାଣ୍ଡିଂ କମିଟି ବୈଠକରେ ବିଧାୟକ ପାଣିଗ୍ରାହୀ ଲୋକଙ୍କ ଏହି ଦାବିକୁ ଉପସ୍ଥାପନ କରିଥିଲେ। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀବାସୀଙ୍କ ଯୋଗାଯୋଗ କ୍ଷେତ୍ରରେ ରେଳ ସୁବିଧା ଏକ ମାତ୍ର ଲାଇଫ ଲାଇନ। ଏଠାକାର ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ମେଡିକାଲ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମୁଖ୍ୟତଃ ହାଇଦ୍ରାବାଦ ଉପରେ ନିର୍ଭର କରିଥାନ୍ତି। ତେଣୁ ଗୁଣୁପୁରଠାରୁ ବିଶାଖାପାଟଣା ଚଳାଚଳ କରୁଥିବା ଟ୍ରେନକୁ ବିଶାଖାପାଟଣାରେ ହଲ୍ଟ ନ କରାଇ ତାହାକୁ ହାଇଦ୍ରାବାଦ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳାଇବା ପାଇଁ ବିଧାୟକ ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇଛନ୍ତି। ସେହିଭଳି ଭଦ୍ରକଠାରୁ ପାଲାସା ଆସୁଥିବା ଡିଏମୟୁ ଟ୍ରେନକୁ ରାତିରେ ପଲାସାରେ ରହଣି ନ କରାଇ ତାହାକୁ ଗୁଣପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଚଳାଚଳ କରାଇବାକୁ ସେ ଦାବି ଜଣାଇଛନ୍ତି ।



ଷ୍ଟାଣ୍ଡିଂ କମିଟି ସହ ଆଲୋଚନା କରୁଛନ୍ତି ବିଧାୟକ।

ଅନ୍ୟପକ୍ଷରେ ପାରଳା ମହାରାଜା ତଥା ନବାଉତ୍କଳର ନିର୍ମାତା ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ରହିଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଏକପ୍ରତିମୂର୍ତ୍ତି ରେଳଷ୍ଟେସନଠାରେ ସ୍ଥାପନ ପାଇଁ ବିଧାୟକ ଆଲୋଚନା ବେଳେ ପ୍ରସ୍ତାବ ରଖିଥିଲେ। ସବୁ ଦାବିକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବେ ବୋଲି ଲୋକସଭା ଏମ୍ପି ତଥା କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଏମ୍ପି ଦମଦାର ଅଗ୍ରୱାଲ, ଏମ୍ପି ତାରିକ ଅନୱାର, ଏମ୍ପି ସଂଗୀତା ସିଂଦେଓ, ଏମ୍ପି ଶତାବ୍ଦୀ ରାୟ ଓ ଅନ୍ୟମନେ ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଳିଙ୍ଗନଗର ଗୁଳିକାଣ୍ଡକୁ ୨୦ ବର୍ଷ ପୂରିଲା

**ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨।୧**

ଯାଜପୁର ଜିଲା କଳିଙ୍ଗନଗର କାରଖାନା ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ବିରୋଧରେ ୨୦୦୬ ଜାନୁଆରୀ ୨ରେ ଆନ୍ଦୋଳନ ବେଳେ ପୋଲିସ ଚଳାଇଥିଲା ଗୁଳି। ଏଥିରେ ୧୩ ଜଣ ଆଦିବାସୀଙ୍କ ଜୀବନ ଯାଇଥିଲା। ଏହାପରେ ଜିଲାବାସୀ ଶିଳ୍ପାୟନ ପାଇଁ ଜମି ଅଧିଗ୍ରହଣକୁ ସାଦରେ ଗ୍ରହଣ କରିନେବାରୁ ସମ୍ପ୍ରତି କଳିଙ୍ଗନଗର ଦେଶର ଏକ ପ୍ରମୁଖ ଶିଳ୍ପ କାରଖାନାର ଅଞ୍ଚଳ ଭାବରେ ପ୍ରତିଷ୍ଠା ଲାଭ କରିଛି। କିନ୍ତୁ ଶିଳ୍ପାୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୬ରେ ପ୍ରଣିତ ପୁନର୍ବାସ ଥଇଥାନ ନୀତିରେ ୧୮ ବର୍ଷ ହେଉଥିବା ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ପରିବାର ମାନ୍ୟତା ଦାବି ପୂରଣ ହୋଇପାରୁନାହିଁ। ଏଥିପାଇଁ ପ୍ରାୟ ୨୦୦୦ ବିସ୍ଥାପିତ ପରିବାର ସିଧାସଳଖ ପ୍ରଭାବିତ ହେଉଛନ୍ତି। ଏହିକ୍ରମରେ ଗୁଳିକାଣ୍ଡ ଘଟଣାକୁ ୨୦ ବର୍ଷ ପୂରିଯାଇଥିଲେ ହେଁ ଆଦିବାସୀଙ୍କ ବଳିଦାନର ଫଳ ବିସ୍ଥାପିତଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।




## ସ୍ମୃତିସଭା, ଉତ୍ତରାଧିକାରୀଙ୍କ ନିଯୁକ୍ତି ଦାବି

ଶହୀଦ ଆଦିବାସୀଙ୍କୁ ମନେରଖିବା ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ୨କୁ ଶହୀଦ ଦିବସ ଭାବେ ବିସ୍ଥାପନ ଜନମଞ୍ଚ ପାଳନ କରୁଛି। ଶୁକ୍ରବାର ସକାଳୁ ଗୁଳିକାଣ୍ଡସ୍ଥଳ ଚମ୍ପାକୋଇଲି ଠାରେ ଆଦିବାସୀ ମହିଳା ଓ ପୁରୁଷମାନେ ପାରମ୍ପରିକ ବେଶ ପୋଷାକରେ ପହଞ୍ଚିଥିଲେ। ସେଠାରେ ପୂଜାକାର୍ଯ୍ୟ ଶେଷ କରି ଏକ ବିଶାଳ ପଦ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ବାରଗଡ଼ିଆ ଗାଁ, ଡୁବୁରୀ ଛକ, ଟାଟା କାରଖାନା ଫାଟକ ଦେଇ ବୀରଭୂମି ଆମ୍ବଗାଡ଼ିଆଠାରେ ପହଞ୍ଚିଥିଲା। ସେଠାରେ ଥିବା ସ୍ମୃତିସ୍ତମ୍ଭ ନିକଟରେ ପୂଜାକାର୍ଯ୍ୟ ସମ୍ପନ୍ନ ହେଇଥିଲା। ଏହି ଅବସରରେ ମଞ୍ଚର ସଭାପତି ଅମର ସିଂ ବାନରାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ପରିଚାଳନାରେ କାର୍ଯ୍ୟକାରୀ ସଭାପତି ସନିଆ ତିରିଆ, ବିସ୍ଥାପିତ ଉନ୍ନୟନ ପରିଷଦ ସମ୍ପାଦକ ବୀରେନ୍ଦ୍ର ଜାମୁଦା, ସଭାପତି ତ୍ରିଲୋଚନ ମହାନ୍ତ, ଜନମଞ୍ଚ ନେତ୍ରୀ ସିନି ସଏ, ସ୍ୱର୍ଣ୍ଣଲତା ବାନରା, ସାଧୁ ଡିଉ, ଗୋବରଘାଟି ସମିତି ସଭ୍ୟା ରୀନା ହାଇବ୍ରୁ, ବାବୁଲି ହାଇବ୍ରୁ, ଲକ୍ଷ୍ମଣ ଜାମୁଦା, ସିପିଆଇଏମ୍ଏଲ୍ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇଏମ୍ଏଲ୍ ୱେଷ୍ଟ ବେଙ୍ଗଲ ନେତା ମାନସ ସରକାର, ଲୋଡ଼ ଶିକାକା, ଲେଲିନ ମହାନ୍ତି, ଅବଦୁଲ ୱାଲୀ, ପ୍ରହ୍ଲାଦ ପୃଷ୍ଟି, ଚିମିଲ ଗାମଏ ପ୍ରମୁଖ ଯୋଗଦେଇ ବିସ୍ଥାପିତମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

ଶିଳ୍ପାୟନ କାରଣରୁ ଶତାଧିକ ପରିବାର ଘରଦ୍ୱାରା ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ୨୦ ବର୍ଷ ତଳର ବିସ୍ଥାପନ ନୀତିକୁ ବିରୋଧ କରି ଏହାର ସଂଶୋଧନ ଆଇନ ପ୍ରଣୟନ କରିବାକୁ ଦାବି ହେଉଥିଲେ ହେଁ କେହି କିଛି ଶୁଣୁନାହାନ୍ତି। ନିଯୁକ୍ତି ଓ ଥଇଥାନ ସୁବିଧା ପାଇବା ପାଇଁ ବିସ୍ଥାପିତ ଓ ବିସ୍ଥାପନ ଅପେକ୍ଷାରେ ଥିବା ଲୋକେ ଏବେ ବି ସଂଗ୍ରାମ କରି ଚାଲିଥିବାବେଳେ ଏହି ସମସ୍ୟାର ସମାଧାନ ଦିଗରେ ସରକାର ତଥା ପ୍ରଶାସନ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା ହେଉନାହିଁ। ଫଳସ୍ୱରୂପ ଅର୍ଥନୈତିକ ଅବରୋଧ, ଅନଶନ, ରାଲି, ଆନ୍ଦୋଳନ ଆଦି ଲାଗି ରହିଛି। ଆଗକୁ ପୁଣି କଳିଙ୍ଗନଗରରେ ୩୫ଟି ଛୋଟବଡ଼ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ରହିଥିବାରୁ ପ୍ରଶାସନର ତତ୍ପରତା ବଢ଼ିଛି, କିନ୍ତୁ ବିସ୍ଥାପନଙ୍କ ଦାବି ଉପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ଏହି ପ୍ରକ୍ରିୟାରେ ବିସ୍ଥାପନ ନିୟମ-୨୦୦୬କୁ ପରିବର୍ତ୍ତନ କରାଯାଇ ନ ଥିବାରୁ କେତେକ ପରିବାରରେ କଳହ, ଅଶାନ୍ତି ଏବଂ ଭାଇ-ଭାଇ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବା ଆଶଙ୍କା ରହୁଛି। କିନ୍ତୁ ଏମାନଙ୍କ ଦାବିକୁ ନିକଟରେ ରାଜ୍ୟ ସରକାର ଅଗ୍ରାହ୍ୟ କରି ଦେଇଥିବାର ସୂଚନା ମିଳିଛି। ଯଦି ସରକାର ଏହାକୁ ମଞ୍ଜୁର ନ କରନ୍ତି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କଳିଙ୍ଗନଗର ବିସ୍ଥାପିତ ବିରୋଧୀ ଜନମଞ୍ଚ ପକ୍ଷରୁ ବିଜୟ କୁମାର ଦାସ ଚେତାବନୀ ଦେଇଛନ୍ତି।

# ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କ ପରଲୋକ

**ନୀଳଗିରି,୨।୧(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରୁ ଦୁଇ ଥର ବିଧାୟକ ହୋଇଥିବା ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ ଆଚାର୍ଯ୍ୟ(୭୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। କିଛି ମାସ ହେବ ସେ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରୁ ସଂକଟାପନ୍ନ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଜୟନ୍ତୀ ଆଚାର୍ଯ୍ୟ, ପୁଅ ଦିବ୍ୟଜ୍ୟୋତି, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



**ଦକ୍ଷ ରାଜନେତା, ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ**

ଅକ୍ଷୟ ନୀଳଗିରି ଆସନରୁ ୧୯୮୦-୮୫ ଏବଂ ୧୯୯୫-୨୦୦୦ ଯାଏ ଦୁଇ ଥର ବିଧାୟକ ହୋଇଥିଲେ। ନୀଳଗିରି ନିର୍ବାଚନମଣ୍ଡଳୀର ବିକାଶ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଶୁକ୍ରବାର ନୀଳଗିରିସ୍ଥିତ କାହାଳିଆ ବାସଭବନରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସୁକାନ୍ତ କୁମାର ନାୟକ ଓ ସୁଦର୍ଶନ ଜେନା, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କଂଗ୍ରେସ ଯୁବନେତା ଆଶିଷ ପଟ୍ଟନାୟକ, ସମର ଦାସ, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ସେ ଜଣେ ଦକ୍ଷ ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ନୂଆ ଓ ଉନ୍ନତ ନୀଳଗିରି ଗଢ଼ିବା ସ୍ୱପ୍ନ ଦେଖିଥିଲେ ଅକ୍ଷୟ ନନା। ହାତିଆଗଣ୍ଡ ପୋଲଠୁ ଆରମ୍ଭ କରି ନୀଳଗିରି ବସ୍‌ଷ୍ଟାଣ୍ଡ ତାଙ୍କ ସମୟରେ ହୋଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନୀଳଗିରି କଂଗ୍ରେସ ଭବନକୁ ଅଣାଯିବା ପରେ କଂଗ୍ରେସ ଦଳର ସଂଜୀବ ଗିରି, ଯୁବନେତା ତପନ ରାଉତ, ନିଶିତ କୁମାର ବାରିକ, ତୁଷାରକାନ୍ତି ତପସ୍ୱୀ, ତରୁଣ ଦାସ, ନିରଞ୍ଜନ ବେହେରା, କୃଷ୍ଣଗୋପାଳ ପଣ୍ଡା, ଅମିତ ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଜ, ଅନାଦି ରାଉତଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶେଷରେ କାହାଳିଆ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଦିବ୍ୟଜ୍ୟୋତି ମୁଖାଗ୍ନି ଦେଇଥିଲେ।

# ବରପୁତ୍ରମାନଙ୍କୁ ସମ୍ମାନ ଦେବା ଆମର ନୈତିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଡ. ହରେକୃଷ୍ଣ ମହତାବ ତାଙ୍କ ଜୀବନକାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାରେ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିସବୁ ଆନ୍ଦୋଳନ ପଛରେ ମହତାବଙ୍କ ଦୃଢ଼ ପ୍ରେରଣା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ମହତାବଙ୍କ ଶ୍ରାଦ୍ଧବାର୍ଷିକୀ ତଥା ୩୯ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରାଯିବା ଏକ ଅପୂର୍ବ ସଂଯୋଗ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କ ପାଇଁ କୁଟୁମ୍ବ ଯୋଜନା ପ୍ରକ୍ରିୟାରେ ରହିଛି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ବରପୁତ୍ରମାନଙ୍କୁ ସମ୍ମାନ ଦେବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ଜରୁରିକାଳୀନ ପରିସ୍ଥିତିରେ ଲଢ଼େଇ କରିଥିବା ସଂଗ୍ରାମୀମାନଙ୍କୁ ଯଥୋଚିତ ସମ୍ମାନ ଦେଉଛନ୍ତି। ବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନ୍‌ସନ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା କରାଯାଇଛି। ସେମାନଙ୍କ ଅନ୍ତେ ତାଙ୍କ ପତ୍ନୀ ଓ ଅବିବାହିତା ଝିଅ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନ୍‌ସନ ୯ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରତୀକ ଭତ୍ତା ଭାବେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିସହିତ ଜରୁରିକାଳୀନ ପରିସ୍ଥିତି ସମୟରେ ମିଶା ଆଇନରେ ଗିରଫ ହୋଇଥିବା ୧୫୨ ଜଣ ଲୋକତନ୍ତ୍ର ସେନାନୀଙ୍କ ପାଇଁ ମଧ୍ୟ ମାସିକ ୨୦ ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ଲୋକତନ୍ତ୍ର ସେନାନୀଙ୍କୁ ପେନ୍‌ସନ ଦିଆଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଆଉ ଏକ ସଂଗ୍ରାମର ଆବଶ୍ୟକତା ଅଛି। ତାହା ହେଉଛି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଂଗ୍ରାମ। ଏଥିରେ ସମସ୍ତେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ଯଦି ଡକ୍ଟର ମହତାବ ଜନ୍ମ ନେଇ ନ ଥା'ନ୍ତେ, ତେବେ ଓଡ଼ିଶା ପ୍ରଦେଶର ଆମେ ଯେଉଁ ମାନଚିତ୍ର ପାଇଛୁ, ତାହା ଦେଖିବାକୁ ମିଳି ନ ଥା'ନ୍ତା। ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଏ ମାଟିରେ ଶହ ଶହ ସ୍ୱାଧୀନତା ସଂଗ୍ରାମୀ ଦେଶ ମାତୃକାର ସ୍ୱାଧୀନତା ପାଇଁ ଲୁହ ଓ ଲହୁ ଢାଳି ଆମକୁ ମୁକ୍ତିର ସ୍ୱାଦ ଚଖାଇଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ପୂର୍ବରୁ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିବସ ନାମିତ ହୋଇ ନ ଥିଲା। ୧୯୮୭ରୁ ଏହି ଦିବସଟିକୁ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଓଡ଼ିଶାକୁ ଭାରତ ବର୍ଷର ପ୍ରଥମ ରାଜ୍ୟ ଭାବେ ପରିଣତ କରିବାକୁ ଯେଉଁ କେତେଜଣ କାମ କରୁଥିଲେ, ସେମାନଙ୍କ ମଧ୍ୟରେ ମହତାବ ଅନ୍ୟତମ।

# ଏଟିଏମ୍ ତାଡ଼ି ନେଇଗଲେ ଦୁର୍ବୃତ୍ତ



ଦୁର୍ବୃତ୍ତ ଛାଡ଼ି ଯାଇଥିବା ଅଟୋ ଓ ଭଙ୍ଗା ଏଟିଏମ୍।

**ବିଞ୍ଝାରପୁର,୨।୧(ରାମକୃଷ୍ଣ ଦାସ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଧୀନ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ମଇନ୍ଦା ଛକରେ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଏକ ଏଟିଏମ୍‌କୁ ଗୁରୁବାର ରାତିରେ ଦୁର୍ବୃତ୍ତ ତାଡ଼ି ନେଇଛନ୍ତି। ଏହି ଘଟଣା ଶୁକ୍ରବାର ସକାଳୁ ଜଣାପଡ଼ିବା ପରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରେ ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ସାମିଲ ହୋଇଥିଲେ।

**୫ ଲକ୍ଷ ୭୫ ହଜାର ଲୁଟ୍**

ସିସିଟିଭି ଫୁଟେଜରେ ଦେଖାଯାଇଛି ଯେ, ଦୁର୍ବୃତ୍ତ ଏଟିଏମ୍ ତାଡ଼ିବା ପରେ ଏକ ଡାଲା ଅଟୋ ସାହାଯ୍ୟରେ ତାହାକୁ ନିକଟ ଜଙ୍ଗଲକୁ ନେଇ ସେଠାରେ ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ଏହାପରେ ସେଠାରେ ଭଙ୍ଗାଯାଇଥିବା ଏଟିଏମ୍ ଓ ଡାଲା ଅଟୋକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ଏଟିଏମ୍‌ରେ ୫ଲକ୍ଷ ୭୫ ହଜାର ୫୦୦ ଟଙ୍କା ଥିଲା ବୋଲି ବ୍ୟାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ବୃତ୍ତଙ୍କ ସୁରାକ ମିଳି ପାରିନାହିଁ।

# ଆଦିବାସୀଙ୍କ ଜମି ଉପରେ ସରକାରଙ୍କ ଲୋଲୁପ ଦୃଷ୍ଟି: କଂଗ୍ରେସ

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ଯାଜପୁର ଜିଲା ବଡ଼ଚଣା ଅନ୍ତର୍ଗତ ପ୍ରସିଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଉପଲକ୍ଷେ ମଝିପଡ଼ା ପାହାଡ଼ ଅଞ୍ଚଳରେ ଅସ୍ଥାୟୀ ଶିବିର ତିଆରି କରିବାକୁ ସେଠାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟଙ୍କ ଘର ବୁଲ୍‌ଡୋଜର ଦ୍ୱାରା ଭଙ୍ଗାଯାଇଛି। ଏହି ଘଟଣାକୁ ବିରୋଧ କରି କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂ ଲାଗୁରି କହିଛନ୍ତି, ଗତ କିଛିମାସ ହେଲାଣି ଭାଜପା ସରକାର ଆଦିବାସୀଙ୍କ ଜମି ଉପରେ ଲୋଲୁପଦୃଷ୍ଟି ପକାଇଛନ୍ତି। ରାଜଗାଙ୍ଗପୁରର ଏୟାରଷ୍ଟ୍ରିପ, ସୁନ୍ଦରଗଡ଼ ଲାଞ୍ଜିବେର୍ଣ୍ଣା ଜମି ଅଧିଗ୍ରହଣ, କେନ୍ଦୁଝରରେ ପୋସ୍କୋ, ଚିକରପଡ଼ାରେ ଷ୍ଟାରାଲାଇଟ ପାଇଁ ଆଦିବାସୀଙ୍କ ଜମି ଅଧିଗ୍ରହଣ ବେନିୟମ ହିସାବରେ ସରକାର କରୁଛନ୍ତି। ଏବେ ଯାଜପୁର ଜିଲାର ଉଦୟଗିରିଠାରେ ହେବାକୁ ଥିବା ବୌଦ୍ଧ ସମ୍ମିଳନୀ ପାଇଁ ମଝିପଡ଼ା ଗ୍ରାମାଞ୍ଚଳରେ ପ୍ରଶାସନ ଆଦିବାସୀଙ୍କ ଘରଭଙ୍ଗା ସହିତ ଗଛ କାଟିଛନ୍ତି। ଯଦି ସମ୍ମିଳନୀର ଅସ୍ଥାୟୀ ଶିବିର ପାଇଁ ଜମି ଦରକାର ଥିଲା, ଅନ୍ୟ ସ୍ଥାନରେ ମଧ୍ୟ ସରକାରୀ ଜମି ରହିଛି; ସେଠାରେ ସରକାର କରନ୍ତୁ। କିନ୍ତୁ ଆଦିବାସୀ ବିରୋଧୀ ସରକାର ଆଦିବାସୀଙ୍କ ଘର ଭାଙ୍ଗି ଶିବିର ସ୍ଥାପନ କରିବା କେତେ ନ୍ୟାୟସଙ୍ଗତ ଚିନ୍ତା କରନ୍ତୁ। ନୂଆବର୍ଷ ଦିନ ସେମାନଙ୍କ ଘର ଭାଙ୍ଗି ଦିଆଗଲା। କିନ୍ତୁ ନିରୀହ ଗରିବ ଆଦିବାସୀ କେଉଁଠି ରହିବେ ସରକାର ଚିନ୍ତା କରୁନାହାନ୍ତି ବୋଲି ଲାଗୁରି କହିଛନ୍ତି। ଏହି ଅବସରରେ କଂଗ୍ରେସ ନେତା ସୁଧାଂଶୁ ଶେଖର ଦେଓ ଉପସ୍ଥିତ ଥିଲେ।

## ନାଳରେ ପଡ଼ି ହାତୀ ମୃତ

**ଟିଟିଲାଗଡ଼,୨।୧(ଶରତ ମିଶ୍ର):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପଞ୍ଚାୟତର ଲିମପଡ଼ା ନାଳରେ ପଡି ଶୁକ୍ରବାର ଏକ ମାଈହାତୀର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟିଟିଲାଗଡ଼ ବନାଞ୍ଚଳରେ ଦୀର୍ଘ ମାସ ହେଲା ହାତୀପଲ ବିଚରଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଗୋଠଛଡ଼ା ଏକ ମାଈହାତୀ ଅସୁସ୍ଥ ହୋଇ ଲିମପଡ଼ା ନାଳପାଣିରେ ପଡିଯିବାରୁ ତା'ର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଟିଟିଲାଗଡ଼ ରେଞ୍ଜର, ବଲାଙ୍ଗୀର ଏସିଏଫ୍ ଏବଂ ଡିଏଫ୍‌ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ମୃତ ହାତୀର ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ ଜଣାପଡିଛି।



# ଟ୍ରକ୍‌ରେ ପିଟିହେଲା ବାଇକ୍: ୨ ଭାଇଙ୍କ ମୃତ୍ୟୁ

**ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କଳମ ଗାଁରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗାଁ ମଣ୍ଡି ପାଖରେ ଅଟକି ରହିଥିବା ଏକ ଟ୍ରକ୍ ପଛରେ ପିଟିହୋଇ ବାଇକ୍‌ରେ ଆସୁଥିବା ୨ ଭାଇଙ୍କ ମୃତ୍ୟୁ ହୋଇଛି। ମୃତ ୨ ଭାଇ ହେଲେ ଟଙ୍କଧର ଶବର (୪୨) ଓ ବୈକୁଣ୍ଠ ଶବର (୩୮)। ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନରେ ୨ ଭାଇ ଏକ ବାଇକ୍‌ରେ ନିଜ ଘରକୁ ଆସୁଥିବାବେଳେ ବାଟରେ ଅଟକିଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

Classified Everyday 0674-2580101, 9692975378

FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

Healthcare

All types of physiotherapy and massage. Contact: 9556924059/ 7656969134. D-3013

Professional body massage & steam-bath. Please contact TRUPTI SPA CENTER, PH.-9861550765. D-3012

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated-03.11.2025, I, Biswambar Malik, Address: At-Panasaganda, P.O.-Barha Damodarpur, P.S.- Rajkanika, Dist.-Kendrapara, PIN- 755016, Odisha declare that I have changed my daughter's name from Priyanshu Priyadarsini Malik to Priyanshi Priyadarsini Malik. Henceforth, she shall be known as Priyanshi Priyadarsini Malik for all future purposes.
Biswambar Malik D-3014

By virtue of an affidavit sworn before the Executive Magistrate, Attabira, No.- 627, Dtd.-31.12.25, I, Kartika Miri, R/o.- Tangarpali, P.O.-B.Khamunda, P.S./Tah-Attabira, Dist.- Bargarh, Odisha- 768038 declare that I have changed the name of my son from Gopinatha Miri to Shashi Miri. Henceforth, he shall be known as Shashi Miri for all puposes.
Kartika Miri D-3015

I, Prashvitaben Pravinbhai Patel, W/o.- Jay Kumar Patel, Resident of At-Mahatab Road New Colony, P.O.- Buxi Bazar, P.S.- Badambadi, Dist.-Cuttack- 753001, Odisha declare by this affidavit No. 12, dated- 01.01.2026, that now onwords I shall be known as Prasvi Patel for all future purposes. D-3017

By virtue of an affidavit dtd.-23.12.2025 sworn before Executive Magistrate, Chandabali, I, Jnyana Ranjan Sahoo, S/o.- Maheswar Sahoo, Vill.-Nayahat, P.O.- Gopalpur, P.S.- Chandabali, Dist.-Bhadrak, Odisha, PIN-756133 declare that I have changed my name from Gyana Ranjan Sahu to Jnyana Ranjan Sahoo. Henceforth, I shall be known as Jnyana Ranjan Sahoo for all purposes. D-3016

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧରଣୀଧର ସାହୁ
କନ୍ତିଓପୁଟସାହି, ଢେଙ୍କାନାଳ
ଆବିର୍ଭାବ- ୦୭।୦୨।୧୯୩୭
ତିରୋଧାନ- ୧୩।୦୧।୨୦୨୫(ପୌଷ ପୂର୍ଣ୍ଣିମା)
ଆପଣ ଆମକୁ ଛାଡି ଚାଲିଯିବା ଏକ ବର୍ଷ ବିତିଗଲାଣି। ଆପଣଙ୍କ ଅନାବିଳ ସ୍ନେହ,ଶ୍ରଦ୍ଧା ଓ ଆକଟ ସବୁବେଳେ ମନେ ପଡୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶିର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ମଣ୍ଟୁ, ଟୁଟୁ, ବାପୁ, ବୁଲୁ, ରୁନୁ, ବନ୍ଧୁ ଓ ପରିବାରବର୍ଗ
ଧ-3009

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସରଳା ଖଟୁଆ
ଖଣ୍ଡହତା, ତିଗିରିଆ, କଟକ
ଆବିର୍ଭାବ: ୨୫।୧୧।୧୯୫୨
ତିରୋଧାନ: ୨୪।୧୨।୨୦୨୫
"ଦଶ ଦିନ ପୂରି ଏଗାର ହୋଇଲା ଚାଲିଗଲ ବହୁଦୂର, ତଥାପି କାହିଁକି ଶୁଖୁନି ଆଖିରୁ ଅମାନିଆ ଲୁହଧାର। ଶୂନ୍ୟ ଘରଦ୍ୱାର ଶୂନ୍ୟ ଏ ଅଗଣା ସଭିଏଁ ହୁଅନ୍ତି ଝୁରି, ବୈକୁଣ୍ଠପୁରକୁ ଚାଲିଗଲ ତୁମେ ପ୍ରଭୁଙ୍କ ନାମକୁ ସ୍ମରି।"
ତୁମର ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଇତି: ତୁମର ହତଭାଗ୍ୟ ସ୍ୱାମୀ
ସଉରୀ ଚରଣ ଖଟୁଆ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)
ଧ-3010

ଏକାଦଶାହ ଉପଲକ୍ଷେ




୰ ଶିଶିର କୁମାର ଦାସ
ଟୁଙ୍ଗା, ଆଳି, କେନ୍ଦ୍ରାପଡା
ଆବିର୍ଭାବ: ୧୯।୦୨।୧୯୭୦
ତିରୋଧାନ: ୨୪।୧୨।୨୦୨୫
ଚାହିଁ ଚାହିଁ ଏଗାର ଦିନ ହୋଇଗଲା। ତୁ କେଉଁ ଏକ ଅଫେରା ରାଜ୍ୟକୁ ଚାଲିଗଲୁ ଯେ ଆଉ ଫେରିଲୁ ନାହିଁ। ତୁ ଯେଉଁଠି ରହ ଶାନ୍ତିରେ ରହ।
-:ଶୋକସନ୍ତପ୍ତ:-
ଦାସ ପରିବାର ଓ ବନ୍ଧୁବର୍ଗ।
ଧ-3011

# ନରେନ୍ଦ୍ର କୋହଲୀ: ପୁରାଣ ଓ ଇତିହାସର ନବ ବ୍ୟାଖ୍ୟାତା

## ଭାରତ-ଭାରତୀ
**ପଞ୍ଚାନନ ଅଗ୍ରୱାଲ**

୧୯୬୦ରେ କୋହଲୀଙ୍କ କାହାଣୀମାନ ପ୍ରକାଶ ପାଇବା ଆରମ୍ଭ ହୁଏ, ଯେଉଁଥିରେ ରେଖାଙ୍କିତ ଥାଏ ସାଧାରଣ ପରିବାରର ଚିତ୍ର ଓ ଘଟଣାକ୍ରମ ମାଧ୍ୟମରେ ସମାଜର ବିଡ଼ମ୍ବନା। ସାମାଜିକ ଓ ରାଜନୈତିକ ଜୀବନର ଅମାନବୀୟତା, କ୍ରୂରତା ତଥା ତର୍କଶୂନ୍ୟତାର ଜଟିଳ ରୂପାୟନ ଘଟେ ତାଙ୍କ ଲେଖାରେ। ୧୯୬୫ ପାଖାପାଖି ସମୟରେ ସେ ବ୍ୟଙ୍ଗ ଲେଖିବା ଆରମ୍ଭ କରନ୍ତି। ତାଙ୍କ ପ୍ରୟୋଗଶୀଳତା, ବିବିଧତା ତଥା ପ୍ରଖରତା ହିନ୍ଦୀ ବ୍ୟଙ୍ଗ ସାହିତ୍ୟରେ ପ୍ରାୟତଃ ବିରଳ। ରାମ କଥାକୁ ନେଇ ଚାରିଖଣ୍ଡରେ ପ୍ରକାଶିତ ତାଙ୍କର ୧୮୦୦ ପୃଷ୍ଠାର ବୃହଦାକାୟ ଉପନ୍ୟାସ ସମ୍ପୂର୍ଣ୍ଣ ରାମ କଥାକୁ ନେଇ ଭାରତୀୟ ଭାଷାରେ ଲେଖାଯାଇଥିବା ଏହା ପ୍ରଥମ ଉପନ୍ୟାସ। ଏହାର ଆଧାରଭୂତ ସାମଗ୍ରୀ ଭାରତର ସାଂସ୍କୃତିକ ପରମ୍ପରାରୁ ଆନୀତ। ତେଣୁ ଏଥିରେ ନିହିତ ଜୀବନର ଉଦାତ୍ତ ମୂଲ୍ୟବୋଧର ଚିତ୍ରଣ ଓ ମନୁଷ୍ୟର ମହାନତା। କୋହଲୀଙ୍କର ଏ ଉପନ୍ୟାସ ପଢ଼ି ହିନ୍ଦୀର ପାଠକେ ତନ୍ଦ୍ରା କାଟି ଚେଇଁ ଉଠିଛନ୍ତି। ପାଠକମାନଙ୍କୁ ମିଳିଛି ତାଙ୍କ ଅନୁତ୍ତରିତ ପ୍ରଶ୍ନଗୁଡ଼ିକର ଉତ୍ତର, ହୋଇଛି ଶଙ୍କାସମୂହର ସମାଧାନ।



ନରେନ୍ଦ୍ର କୋହଲୀ ହିନ୍ଦୀ ଭାଷାର ପ୍ରଖ୍ୟାତ ଲେଖକ। ଗଳ୍ପ, ଉପନ୍ୟାସ, ନାଟକ ଓ ବ୍ୟଙ୍ଗ ସାହିତ୍ୟ ରଚନାରେ ସମଭାବରେ ସ୍ୱଚ୍ଛନ୍ଦ ଓ ସଫଳ। ସର୍ଜନାତ୍ମକ ସାହିତ୍ୟ ସୃଷ୍ଟିରେ ସେ ମୌଳିକ। ମନୋଭାବନାରେ ଆଧୁନିକ, ଅଥଚ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ଅନାଗ୍ରହୀ। ଭାରତୀୟତାର ଉତ୍ସ ତାଙ୍କର ଧ୍ୟେୟ; କିନ୍ତୁ ପନ୍ଥାରେ ଅଭିନବ। ଯଶସ୍ୱୀ ଏଇ ଲେଖକଙ୍କର ଜନ୍ମ ୬ ଜାନୁଆରୀ ୧୯୪୦ରେ ଅବିଭକ୍ତ ସିଆଲ୍‌କୋଟ୍‌ରେ (ଏବେ ପାକିସ୍ତାନ) ଓ ପରଲୋକ ୧୭ ଏପ୍ରିଲ ୨୦୨୧ରେ ନୂଆଦିଲ୍ଲୀରେ। କୋହଲୀଙ୍କ ଜନ୍ମ ଦିନକୁ ହିନ୍ଦୀ ସାହିତ୍ୟରେ 'ଲେଖକ ଦିବସ' ଭାବେ ପାଳନ କରାଯାଏ।

କୋହଲୀଙ୍କ ଉପନ୍ୟାସ 'ଅଭିଜ୍ଞାନ' କୃଷ୍ଣକଥାକୁ ନେଇ ରଚିତ। ବିଷୟ ରାଜନୈତିକ। ନିର୍ଦ୍ଧନ ଆଉ ଅକିଞ୍ଚନ ସୁଦାମାଙ୍କୁ ସାମର୍ଥ୍ୟବାନ୍ ଶ୍ରୀକୃଷ୍ଣ ସାର୍ବଜନିକ ରୂପରେ ଆପଣା ମିତ୍ର ଭାବେ ସ୍ୱୀକାର କରିଛନ୍ତି। ତେଣୁ ସାମାଜିକ, ବ୍ୟାବସାୟିକ ଆଉ ରାଜନୈତିକ କ୍ଷେତ୍ରରେ ସୁଦାମାଙ୍କର ଆଦର ବୃଦ୍ଧିପାଇଛି। ଏହି କୃତିର ମେରୁଦଣ୍ଡ ଭଗବଦ୍ ଗୀତାର କର୍ମସିଦ୍ଧାନ୍ତ। କୃତିଟିରେ ନା ପରଲୋକ ଅଛି, ନା ସ୍ୱର୍ଗ, ନା ନର୍କ। କର୍ମ ସିଦ୍ଧାନ୍ତକୁ ଜ୍ଞାନ ଓ ବୁଦ୍ଧି ଆଧାରରେ ବୈଜ୍ଞାନିକ ସିଦ୍ଧାନ୍ତ ଅନୁରୂପ ବ୍ୟାଖ୍ୟା କରାଯାଇଛି। ମହାଭାରତ କଥା ଆଧାରରେ ପରିକଳ୍ପିତ ତାଙ୍କ ଉପନ୍ୟାସ, 'ମହାସମର'। ଏଥିରେ ଭାରତୀୟ ଦର୍ଶନ, ଚିନ୍ତନ ଓ ବ୍ୟବହାର ମୂର୍ତ୍ତିମନ୍ତ। ଉପନ୍ୟାସରେ ଜୀବନର ବିଶାଳତା ଅତ୍ୟନ୍ତ ମୌଳିକ ଢଙ୍ଗରେ ପ୍ରସ୍ତୁତ। ଜୀବନର ବାସ୍ତବ ରୂପ ସହିତ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକର ସମାଧାନ ତାଙ୍କ ଅନୁଭୂତି ତଥା ତର୍କ ଆଧାରରେ ପ୍ରସ୍ତୁତ। ଯୁଧିଷ୍ଠିର, କୃଷ୍ଣ, କୁନ୍ତୀ, ଦ୍ରୌପଦୀ, ବଳରାମ, ଅର୍ଜୁନ, ଭୀମ ତଥା କର୍ଣ୍ଣ ଆଦି ଚରିତ୍ର ଅତ୍ୟନ୍ତ ନବୀନ ରୂପରେ ପ୍ରତିଭାତ।


କୋହଲୀଙ୍କର ଆଉ ଏକ ଉପନ୍ୟାସ, ଯାହା ପାଠକମାନଙ୍କୁ ଚକିତ କରେ; ତାହା ହେଉଛି 'ତୋଡ଼ୋ କାରା ତୋଡ଼ୋ'। ଏହି ଶୀର୍ଷକ ରବୀନ୍ଦ୍ରନାଥ ଠାକୁରଙ୍କ ଗୀତର ଗୋଟିଏ ପଂକ୍ତିର ଅନୁବାଦ, ଉପନ୍ୟାସର ସମ୍ବନ୍ଧ କିନ୍ତୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ସହିତ। ଏଠାରେ ନାୟକଙ୍କ ବ୍ୟକ୍ତିତ୍ୱ ଆଉ ଚିନ୍ତନକୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ସଂସାରର ବନ୍ଧନ ତଥା ସୀମାଗୁଡ଼ିକର ଅତିକ୍ରମଣ ପ୍ରତି ଉନ୍ମୁଖ; ବନ୍ଧନ ପ୍ରକୃତିର ହେଉ କି ସମାଜର ହେଉ, ରାଜନୀତିର ହେଉ କି ଧର୍ମର ହେଉ। କୋହଲୀଙ୍କ ଭାଷାରେ: "ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱର ଆକର୍ଷଣ ଆକର୍ଷଣ ନୁହେଁ ଯାଦୁ...। ତାଙ୍କ ନିକଟକୁ ଯାଇ ସମ୍ମୋହିତ ନ ହୋଇ କେହି ରହିପାରନ୍ତି ନାହିଁ, ଯୁବକମନ ଉତ୍ସାହରେ ପାଗଳ ହୋଇଉଠେ, ଏପରି ଗୁଣ ନାହିଁ, ଯାହା ସ୍ୱାମୀଜୀଙ୍କ ଠାରେ ନଥାଏ। ମାନବୀୟ ବିକାଶର ସାକ୍ଷାତ୍ ମୂର୍ତ୍ତି ସେ, ଭାରତର ଆତ୍ମା ସହ ଏକାକାର।"

କୋହଲୀଙ୍କ ପ୍ରମୁଖ ରଚନା ମଧ୍ୟରେ- ପ୍ରେମ ଚାନ୍ଦ କେ ସାହିତ୍ୟ ସିଦ୍ଧାନ୍ତ (ପ୍ରବନ୍ଧ, ୧୯୬୬), କୁଛ ପ୍ରସିଦ୍ଧ କହାନୀୟାଁ କା ବିଷୟ ମେଁ (ସମୀକ୍ଷା, ୧୯୯୬), ନିଚଲେ ଫ୍ଲାଟ ମେଁ (କାହାଣୀ, ୧୯୮୪), ନରେନ୍ଦ୍ର କୋହଲୀ କି କହାନୀୟାଁ (୧୯୮୪), କିସେ ଜଗାଉଁ (୧୯୬୬), ମହାସମର- ୧୯୯୭, ନରେନ୍ଦ୍ର କୋହଲୀ ନେ କହା (ଆତ୍ମକଥା), ଏକ ଔର ଲାଲ ତିକୋଣ (ବ୍ୟଙ୍ଗ)-୧୯୭୦, ୨୦୦୦, ପୁନରାରମ୍ଭ (ଉପନ୍ୟାସ)-୧୯୭୨, ୧୯୯୪, ଆତଙ୍କ (ଉପନ୍ୟାସ-୧୯୭୨), ପାଞ୍ଚ ଏବସଡ଼ ଉପନ୍ୟାସ (ବ୍ୟଙ୍ଗ ୧୯୭୨, ୧୯୯୪) ଆଶ୍ରିତୋଁ କା ବିଦ୍ରୋହ, ଜଗାନେ କା ଅପରାଧ, ସାଧ ସହ ଗୟା ଦୁଃଖ, ମେରା ଅପନା ସଂସାର, ଶଂବୁକ କି ହତ୍ୟା, ଦୀକ୍ଷା, ଅବସର, ପ୍ରେମଚାନ, ଜଙ୍ଗଲ କି କହାନୀ ଓ ମେରେ ଶ୍ରେଷ୍ଠ ବ୍ୟଙ୍ଗ ରଚନାଏଁ ଅନ୍ତର୍ଭୁକ୍ତ।

ହିନ୍ଦୀ ସାହିତ୍ୟକୁ ସ୍ମରଣୀୟ ଅବଦାନ ପାଇଁ ୧୯୭୫ରେ ତାଙ୍କୁ ମିଳେ 'ରାଜ୍ୟ ସାହିତ୍ୟ ପୁରସ୍କାର'; ୧୯୭୭-୭୮ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର, (ମେରା ଅପନା ସଂସାର), ୧୯୭୮ରେ ଆଲାହାବାଦ ନାଟ୍ୟ ସଂଘ ପୁରସ୍କାର (ଶଂବୁକ କି ହତ୍ୟା), ୧୯୭୯-୮୦ରେ ଉତ୍ତର ପ୍ରଦେଶ ହିନ୍ଦୀ ସଂସ୍ଥାନ ପୁରସ୍କାର (ସଂଘର୍ଷ କି ଔର), ୧୯୮୫ରେ ସାହିତ୍ୟ ସମ୍ମାନ (ସମଗ୍ର ସାହିତ୍ୟ), ହିନ୍ଦୀ ଏକାଡେମୀ ଦିଲ୍ଲୀ, ୧୯୯୫-୯୬ରେ ଶାଲାକା ସମ୍ମାନ, ୧୯୯୮ରେ ସାହିତ୍ୟ ଭୂଷଣ ସମ୍ମାନ, ୨୦୦୪ରେ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ସମ୍ମାନ, ୨୦୧୨ରେ ବ୍ୟାସ ସମ୍ମାନ ଓ ୨୦୧୭ରେ ପଦ୍ମ ଭୂଷଣ ସମ୍ମାନ।

୨୦୦୦ ମସିହା ଜାନୁଆରୀରେ ଏହି ମହାନ୍ ଲେଖକଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲି ତତ୍କାଳୀନ ଗୃହମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ବାସଭବନରେ, ପାଞ୍ଚଜନ୍ୟ ନଚିକେତା ପୁରସ୍କାର ଉତ୍ସବରେ ଯୋଗ ଦେବା ପାଇଁ ଦିଲ୍ଲୀ ଯାଇଥିବା ଅବକାଶରେ। ସେତେବେଳେ ଉତ୍ତର ପ୍ରଦେଶର ମନ୍ତ୍ରୀ ରମେଶ ପଖରିୱାଲ ଆମକୁ ଗାଡ଼ିରେ ବସାଇ ଆଡ୍‌ଭାନୀଙ୍କ ଘରକୁ ନେଇ ଯାଇଥିଲେ। ନରେନ୍ଦ୍ର କୋହଲୀ ଜୀ ମୋତେ ଓଡ଼ିଶାର ମହାବାତ୍ୟା କ୍ଷୟକ୍ଷତି ସମ୍ବନ୍ଧରେ ଦୁଃଖ ପ୍ରକାଶ କରି ବହୁ ସମୟ କଥା ହୋଇଥିଲେ। ରାମ ସାହିତ୍ୟ ଉପରେ ମୁଁ କିଛି ଲେଖା ବିଷୟରେ ଚର୍ଚ୍ଚା କରିଥିଲି। ପାଖରେ ଥିଲେ ଅର୍ଗାନାଇଜର ପତ୍ରିକାର ପ୍ରତିଷ୍ଠାତା, ସମ୍ପାଦକ କେ.ଆର୍. ମାଲକାନୀ ଓ ପାଞ୍ଚଜନ୍ୟ ସମ୍ପାଦକ ବନ୍ଧୁ ତରୁଣ ବିଜୟ। ୧୭ ଅପ୍ରେଲ ୨୦୨୧ରେ ଦିଲ୍ଲୀଠାରେ କରୋନା ସଂକ୍ରମଣରେ ତାଙ୍କ ବିୟୋଗ ହୋଇଥିଲା। ସାହିତ୍ୟରେ ପୌରାଣିକ ଓ ଐତିହାସିକ ଚରିତ୍ରର ଜୀବନ୍ତ ଚିତ୍ରଣ ପାଇଁ ସବୁବେଳେ ସ୍ମୃତିରେ ରହିବେ ଏହି ମହାନୁଭବୀ ଲେଖକ।

– ରାଧିକା ଟାୱାର, ଟଙ୍କପାଣି ରୋଡ଼, ଭୁବନେଶ୍ୱର
ମୋ: ୯୭୭୭୭୪୦୭୧



















## ଗୀତି-କବିତା

### ଧ୍ୱଂସ
**ଶତପଥୀ ରୋଜାଲିନ ବେହେରା**

ଧୂଆଁ ଉଠୁ ନ ଉଠୁ
ସକାଳର ସାଉଁଳାପଣରେ
ଏଠି ଧ୍ୱଂସ ହେଉଥାଏ ଆଖିରୁ ନିଦ,
ଭାଙ୍ଗୁଥାଏ ଗଲାରାତିର ସ୍ୱପ୍ନ
ପିଠିଏ ଖରାରେ ଧ୍ୱଂସ ହେଉଥାଏ
ଭାଗ୍ୟରୁ ଭାଗେ ଭାଗେ,
ଖସୁଥାଏ କାନ୍ଧରୁ କସରତ, ଦେହରୁ ଦମ୍ଭ
ଧ୍ୱଂସ ପରେ ଧୂଳିଉଡ଼ା ରାସ୍ତାରେ
ଜୀବନ ଭେଟୁଥାଏ
ବସନ୍ତରେ ବୈରାଗ୍ୟକୁ,
ସକାଳରେ ସୂର୍ଯ୍ୟାସ୍ତକୁ।

ଧ୍ୱଂସକୁ ଅଟକାଇବାକୁ ଯେବେ
ଅଣ୍ଟା ଭିଡ଼ନ୍ତି ଛଅ ଋତୁ
ନିଆଁଲାଗେ ଶ୍ରାବଣର ସାବନା ଛାତିରେ,
ବୈଶାଖର ବିରହ ରାତିରେ,
ନିଆଁଲାଗେ ପ୍ରେମରୁ ପ୍ରତାରଣା ଯାଏଁ,
ଫୁଲରୁ ଫରୁଆ ଯାଏଁ,
କୁହୁଳା ପଡ଼େ କରଛଡ଼ା କରମରେ
ଜଉମୁଦା ଜୀବନରେ।

ଅବଶ୍ୟ କେବେ କେମିତି
ଅସରାଏ ଅସରାଏ ମେଘ
ଧୋଇନିଏ ପାଦତଳୁ ପାଉଁଶ,
ଛାତି ତଳୁ ଅବସୋସ,
ତଥାପି ମନଟା ମରୁଭୂମି ପାଲଟେ
ଧ୍ୱଂସର ଧୂ ଧୂ ଖରାବେଳେ,
ଝାଇଁମାରି ଝାଉଁଳିଯାଏ ଜୀବନ...।

– ଚାନ୍ଦିନୀ ଚୌକ, କଟକ
ମୋ: ୭୩୭୭୯୩୧୩୮୦

### ଏକତାରା
**କୃଷ୍ଣା ମିଶ୍ର**

ଏକା ଏକତାରା, ବାଜେ ରାତିସାରା
କହେ କାହାଣୀ କାହାର କୋହଭରା
କେବେ ଭାବର ଭେଳାରେ ଭାସୁ ଭାସୁ
ତା'ର ସୁର ହୋଇଯାଏ ଛନ୍ଦହରା!

ବର୍ଷା ଭିଜାଏ ରାତିସାରା
ଉଦାସ ଆକାଶ ଚନ୍ଦ୍ରହରା,
ବଜ୍ର ବିଜୁଳି ବଳୟ ଡେଇଁ
ଖସିଆସେ ଏକ ଲଞ୍ଜାତାରା!

ଜଣେ ଲଞ୍ଜାତାରା, ଜଣେ ଏକତାରା
କିଏ ହଜିଯିବ ଶୂନ୍ୟ ଆକାଶରେ,
ଯିଏ ଗଜଲ ଗାଇବ ରାତିସାରା,
ସିଏ ଏକତାରା, ଆହା ଏକତାରା!

ମୋ: ୯୮୫୩୩୭୫୭୩୪

### ସିନ୍ଦୂର
**ନିର୍ମଳ ଚନ୍ଦ୍ର ଶୂରଦେଓ**

ସିନ୍ଦୂର!
ଏକ ପବିତ୍ର ବନ୍ଧନ
ବର୍ତ୍ତମାନ ଓ ଭବିଷ୍ୟତର;
ଏକ ସ୍ୱରଲିପି, ହୃଦୟ ଓ ମନର।

ସିନ୍ଦୂର!
ଏକ ଦର୍ପଣ ଆତ୍ମବିଶ୍ୱାସର
ବନ୍ଧନରେ ବନ୍ଧା ଏକ ଆତ୍ମଲିପି
ଆତ୍ମପ୍ରତ୍ୟୟ ଓ ଇଜ୍ଜତର
ଏକ ପ୍ରସ୍ଫୁଟିତ ଫୁଲ।

ସିନ୍ଦୂର!
ଦେଖାଯାଉ ନଥିବା ହୃଦୟର
ସଫେଦ ଆତ୍ମପ୍ରକାଶ
ବିଶ୍ୱାସ ଓ ସ୍ନେହର ମଧୁର ଲେପ।

ସିନ୍ଦୂର!
ନାଲି ରଙ୍ଗର ଜଳୁଥିବା ଦୀପ
ନିଜ ଉତ୍ତାପକୁ
ନିଜେ ରଖି ଅନ୍ୟକୁ ଶୀତଳତା
ଦେବାର ପ୍ରତିଶ୍ରୁତି।

ମୋ: ୯୯୩୮୩୦୯୬୫

### ତୁମ ଘର ତୁମ ଗାଁ
**ପୀୟୂଷ ପଟ୍ଟନାୟକ**

କୁହୁଡ଼ି ତ ଏଠି ଧୂଆଁଳିଆ ଦିଶେ କାଶତଣ୍ଡୀର ପଠା
ପର୍ଣ୍ଣବୀଥିରେ କାକର ଲେଖୁଛି ହେମାଳ ମନର କଥା
କାକର ଆଖିରେ ସ୍ୱପ୍ନ ଦେଖଇ ସଜଳ ଇନ୍ଦ୍ରଧନୁ
ସକାଳ ତ ଆଜି ପତ୍ର ଲେଖୁଛି ଅରୁଣ ରଙ୍ଗ ମନୁ।

ସକାଳର ଖରା ନିଃସର୍ଗ ଭରା ଛୁଇଁଛି ଆମ୍ରବନ
ଚପଳ ଛଇଳ କୋକିଳକଣ୍ଠ ପରଶେ ମଧୁର ସ୍ୱନ
ଘାସର ଗାଲିଚା ଫୁଲର ବଗିଚା ସୂର୍ଯ୍ୟକୁ ଦେଖେ ଫେରି
ଅଳସ ଦେହରେ ସ୍ନିଗ୍ଧ ଆଲୋକ ବର୍ଣ୍ଣର ଆଶାବରୀ।

ନଦୀର ଜଳ ତ ଉଷ୍ମ ହେଲାଣି ତରଙ୍ଗ ଗାଏ ଗୀତ
ନାଆରୁ ଶୁଭୁଛି ବସନ୍ତ ରାଗ ନାଉରୀ ବସୁଛି ମିତ
ତୁମ ଗାଁ ପାଖ ଧାନ କିଆରିର ହଳଦୀ ବର୍ଣ୍ଣ ଶୋଭା
ହଳଦୀବସନ୍ତ ଆଖିରେ ଆଖିଏ ନବ ଦିଗନ୍ତ ଆଭା।


ପାଖ ଚାଳଘରୁ ଧୂଆଁର ପଟଳ ଆକାଶେ ଲୋଟଣି ମାରେ
ଗ୍ରାମ୍ୟ ବଧୂର ସ୍ୱପ୍ନ ଅଧୀର ମନର ଓଢ଼ଣି ତଳେ
ଅପେକ୍ଷା କରେ କାଳେ କି ଆସିବ ପ୍ରିୟର ଦରଦୀ ଚିଠି
ଆଗାମୀ ଲଗ୍ନ ମଧୁରେ ମଗ୍ନ ଫେରନ୍ତା ଦିନ ତିଥି।

ନିଦ କି ତୁମର ଭାଙ୍ଗିବ ନାହିଁ ଏତେ କି ଗହନ ନିଦ!
ପଡୁନି କି କାନେ ଉଦାସୀ ମନର ତରଳ ଭାଷାର ଶବ୍ଦ।

ମୋ: ୭୫୦୬୧୮୯୦୩୦

## ପୁସ୍ତକ ପରିଚୟ

### ଗୁଣୁଗୁଣୁ ସୂର୍ଯ୍ୟାଣୁ




**କବି:** ସୂର୍ଯ୍ୟ ମିଶ୍ର
**ପ୍ରକାଶକ:** ସୃଜନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୯/-

ମୋଟ ୪୭ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ବେଶ୍ କେତେକ କବିତାରେ ଉହ୍ୟ ଆତ୍ମ-ବ୍ୟଙ୍ଗ। ଯଥା: ୧."ଗୋଟିଏ ସାରାଂଶହୀନ ଶିକ୍ଷାକ୍ଷେତ୍ର ପାରହୋଇ/ ମୁଁ ପାଲଟିଲି ତଥାକଥିତ ଭଦ୍ରଲୋକ/ ପେଟପାଟଣାରେ ପଶିଲି ଦପ୍ତରରେ/ ହେଲି ବ୍ୟବସ୍ଥାର ବାବଦୂକ, ପ୍ରତିଷ୍ଠାର ପ୍ରଚାରକ/ ମିଛକୁ ସତ, ପ୍ରହେଳିକାକୁ କହିଲି ଶାଶ୍ୱତ।" (ଆତ୍ମନେପଦୀ, ପୃ:୬୯)। ୨. "ଖବରକାଗଜରେ ବାହାରିଥାଏ/ ମୋତେ ନେଇ ସ୍ମୃତିଲେଖ/ ସେଥିରେ ଭରି ଯାଇଥାଏ/ ପୁରୁଣା ବହି ଓ ପତ୍ରପତ୍ରିକାରୁ/ ନକଲ ହୋଇଥିବା ମୋର ଯାବତୀୟ କୃତିତ୍ୱ।" (ତିଥି, ପୃ:୭୧)। ଚଉପାଶର ଦୃଶ୍ୟମାନ ଜଗତକୁ ତାଙ୍କ କବିତା ନିଘା ରଖେ। ଖଣ୍ଡିଏ ପଥର, ଅପନ୍ତରାର ଶୃଙ୍ଖଳା ଗଛତଳେ। ବୋଳା ମେଞ୍ଚାଏ ସିନ୍ଦୂର ଆଉ ଲମ୍ବମାନ ଶୃଙ୍ଖଳା ପତ୍ରର ଗୋଟେ ମାଳ- ଏହି ବର୍ଣ୍ଣନା ସହିତ କବିଙ୍କ ଆଖିରୁ ଖସିଯାଏନାହିଁ ପାଖାପାଖି 'ଉଡ଼ିଯାଉଥିବା ଯୋଡ଼େ ଖଳିଦାନା' (ତିଥି)। ସ୍ୱପ୍ନ ଓ ସ୍ମୃତି ମିଶି ରହନ୍ତି କବିଙ୍କ 'ଶବ୍ଦ'ରେ, ପ୍ରତ୍ୟୟର ପ୍ରଖରତା ଘେନି। ଚିତ୍ରେଇ କଥା କହିବାରେ ଦକ୍ଷ ନ ହେଲେ କ'ଣ କଳ୍ପିହୁଏ- 'ଓସାରିଆ ବାରଣ୍ଡାକୁ ଓଳେଇ ଦେଇଥିଲା ଜହ୍ନ ଆଲୁଅ', 'ଅସରନ୍ତି ଜହ୍ନଳିଆ ରାତି' (ଜୟା), 'ପ୍ରତି ନଈ/ ଜଣେ ଠାକୁରାଣୀ' (ନଈ- ଠାକୁରାଣୀ), 'ରାତିରେ ଗ୍ରାମରକ୍ଷୀ ଢୁଳାଇବା ପରି/ ବସିଥାଏ ଭାରିଯା'(ଗରିବ), 'ସକାଳକୁ ଆକାଶରେ ତରାମାନେ ଦୁଶନ୍ତି/ ଅରୁଆ ଚାଉଳ ପରି' (ଗରିବ) ଭଳି ଧାଡ଼ିମାନ। ସୁଦାମ ସୋଇଁଙ୍କ ପରି କାମୁକ ଚରିତ୍ରକୁ ଅବିକଳ ଗଢ଼ିପାରନ୍ତି ସୂର୍ଯ୍ୟ ବିନା ପକ୍ଷପାତରେ! ଶାଳଗ୍ରାମ, ସାନ୍ଧ୍ୟଭ୍ରମଣରେ ଗୋପବନ୍ଧୁ, ଇସାବେଲା, ଅସ୍ତିତ୍ୱ, ଶତ୍ରୁ ବୋଲି କେହି ନାହିଁ, ଜୀବନ ସରିବାଯାଏଁ, ନିରୁଦ୍ଦିଷ୍ଟ, ଆଡ଼ବାୟାଣୀ ଓ ଗୁଣୁଗୁଣୁ ସୂର୍ଯ୍ୟାଣୁ ପରି କବିତା ସାମ୍ପ୍ରତିକ କାଳଖଣ୍ଡରେ ବିରଳ। ରମାକାନ୍ତ ସାମନ୍ତରାୟ ଆଙ୍କିଥିବା ପ୍ରଚ୍ଛଦ ଓ ଭିତିରି ଚିତ୍ର ବହିରେ ପାଠକଙ୍କ ଉପୁରି।

### ସୁବ୍ରତ ଏବେ କେଉଁଠି




**ଗାଳ୍ପିକ:** ବିଜୟ ନାୟକ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ମୋଟ ୨୧ଟି ଗଳ୍ପ ଆଲୋଚ୍ୟ ଗଳ୍ପ ସଂକଳନରେ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପ ଏକୁ ଆରେକ ବଳି। ଗଳ୍ପଗୁଡ଼ିକ ପଢ଼ିଲେ ପାଠକର ମନେହୁଏ ଯେପରି ତା' ଆଖି ସାମ୍ନାରେ ଘଟଣା ଘଟୁଛି। ପାଠକଙ୍କୁ ଭାଗୀଦାରି କରି ଗଳ୍ପ ଲେଖିବା କ୍ୱଚିତ୍ ଗାଳ୍ପିକଙ୍କ ନସିବ୍‌ରେ ବାଗ୍‌ଦେବୀ ଲେଖିଥା'ନ୍ତି। ବହିର ପ୍ରଥମ ଗଳ୍ପ 'ଅଗଣା'ରେ ଆମ୍ବଗଛ ଓ ମାଙ୍କଡ଼ର ବର୍ଣ୍ଣନା ସାଙ୍ଗକୁ ଯେଉଁ ଗଭୀର ଜୀବନ ଦର୍ଶନର ପୁଟ ଲେଖକ ଦିଅନ୍ତି, ତାହା ଗଳ୍ପଟି ପଢ଼ି ସାରିବାର ଅନେକ ଦିନଯାଏ ପାସୋର ଯାଏ ନାହିଁ। ରମାଙ୍କୁ କହୁଛନ୍ତି ବିରୂପାକ୍ଷ- "ଏ ପୃଥିବୀଯାକର ସବୁ ଫୁଲଫଳ ଉପରେ କ'ଣ ଖାଲି ମଣିଷର ଏକାଧିକାର? ମଣିଷ ପୃଥିବୀର ମାଲିକ ନୁହେଁ, ଜାଣିଛ ତ ରମା? ପ୍ରକୃତିର ସଂପଦରେ ସମସ୍ତଙ୍କର ଭାଗ, ସେ ବାଘ ଭାଲୁ ହୁଅନ୍ତୁ କି ହୁଅନ୍ତୁ କୀଟପତଙ୍ଗ?" (ପୃ:୬)। ଗଭୀର କଥା କହୁକହୁ ଅଭିବ୍ୟକ୍ତିର ଚଟୁଳତା ବିଜୟଙ୍କ ଗଳ୍ପକୁ ସର୍ବତ୍ର ଗତିଦିଏ। ଯଥା: "ହାଓଡ଼ାରୁ ଆସୁଥିବା ଗାଡ଼ିକୁ ଅପେକ୍ଷା। ଆସିବେ ଗାନ୍ଧୀ-ମହାତ୍ମା। ଅଭିଶପ୍ତା ଅହଲ୍ୟା ପରି ପାଷାଣୀ ପାଲଟିଥିଲା ଓଡ଼ିଶା ମୁଲକ। ତାରିବେ ବାରବେନିପୁର ସାର ମୋହନଫୁଂସ।" ('ଗାନ୍ଧୀବଟ', ପୃ:୧୦୨)। ଅତୀତ ଓ ସମକାଳ ତାଙ୍କ ଗଳ୍ପରେ ସମନ୍ୱିତ ହୋଇ ଭବିଷ୍ୟତର ଇନ୍ଦ୍ରଧନୁ ଆଙ୍କିବସନ୍ତି। 'ଉହାଡ଼' ଏହିପରି ଏକ ଗଳ୍ପ- ଯହିଁରେ ମଜି ରହିଥାଏ ଇତିହାସ। ଗାନ୍ଧୀ, ବାଞ୍ଛାନିଧି ଓ ନୀଳମଣି (ରାଉତରାୟ)ଙ୍କ ସ୍ମୃତି ଉଜାଗର ହୋଇଉଠେ ଏଠି ଅକ୍ଳେଶରେ। ବିଜୟଙ୍କ କଥାର ଚଟାଣ ତଳେ ବହିଯାଉଥାଏ କବିତାର ଝରଝର ନଈ। ଯଥା: "ଗାଁ ଦାଣ୍ଡରେ ଗାଡ଼ି ପହଞ୍ଚିଲା ବେଳକୁ ନଈକୂଳ ଆଡ଼ୁ ଧୀରେ ମାଡ଼ିମାଡ଼ି ଆସୁଥିଲା କଅଁଳ ଅନ୍ଧାର। ଚଢ଼େଇମାନଙ୍କ ଘରବାହୁଡ଼ା କିଚିରିମିଚିରି ଦାଣ୍ଡଘାଟକୁ କରିଥିଲା ସଂଗୀତମୁଖର। ତାଙ୍କ ସମ୍ଭ୍ରାନ୍ତ ମାଟିଘରର ତାଳଗଛ ପ୍ରାୟ ମଥାନ ଯେମିତି ସଞ୍ଜ ଆକାଶକୁ ଛୁଇଁବାର ଆସ୍ପର୍ଦ୍ଧାରେ ମଗ୍ନ। ଆକାଶରୁ ଝରିପଡୁଥିବା ବିନ୍ଦୁବିନ୍ଦୁ ଦାଣ୍ଡଧୂଳିକୁ ଅବିରରେ ପରିଣତ କରିଥିଲା ଅବା!" (ଧୂଳିଫୁଲର ମହକ, ପୃ:୧୧୯-୧୨୦)। ବହିଟି ପାଠିକାପାଠକଙ୍କ ଅନ୍ତରରେ ଯେଉଁ ଗାର କାଟିବ, ତାହା ଅଲିଭା ରହିବ କାଳାନ୍ତରକୁ।

## କାଳକାଳକୁ



"ଜହ୍ନରାତି କେବଳ
ଉଜ୍ଜ୍ୱଳ ତାରାଙ୍କୁ ହିଁ ଦେଖାଏ।"
– ଜେ.ଆର୍.ଆର୍. ଟୋଲକିଏନ୍

**ଜେ.ଆର୍.ଆର୍. ଟୋଲକିଏନ୍‌ଙ୍କ** ଜନ୍ମ ଇଂଲଣ୍ଡରେ ୩ ଜାନୁଆରୀ ୧୮୯୨ରେ ଓ ପରଲୋକ ୨ ସେପ୍ଟେମ୍ବର ୧୯୭୩ରେ। ସେ ସୁବିଖ୍ୟାତ କଳ୍ପ-ସାହିତ୍ୟର ଲେଖକ, ଅନୁବାଦକ ଓ ସାହିତ୍ୟ-ସମୀକ୍ଷକ। ତାଙ୍କର ପ୍ରଖ୍ୟାତ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ "The Hobbit" (୧୯୩୭) ଓ "The Lord of the Rings" (୧୯୫୪)। ବୃତ୍ତିରେ ସେ ଇଂଲିଶ୍ ଭାଷା-ସାହିତ୍ୟର ପ୍ରଫେସର। ବିଖ୍ୟାତ ଲେଖକ ସି.ଏସ୍. ଲୁଇସ୍‌ଙ୍କର ସେ ଥିଲେ ଘନିଷ୍ଠ ବନ୍ଧୁ। ମୃତ୍ୟୁପରେ ତାଙ୍କର ଅପ୍ରକାଶିତ ପାଣ୍ଡୁଲିପି ଓ ଟିପ୍ପଣୀ ଆଧାରରେ ତାଙ୍କ ପୁଅଙ୍କ ଦ୍ୱାରା ପ୍ରସ୍ତୁତ କେତେକ ପୁସ୍ତକ ପ୍ରକାଶ ପାଇଛି। ସେ କହନ୍ତି: "ଯେଉଁ କାମ ଏଯାଏଁ ଆରମ୍ଭ ହୋଇନି, ସରିବାକୁ ବେଶୀ ସମୟ ନେବ" ଓ କହନ୍ତି: "ନିରାଶ ହୁଅନାହିଁ, ଗଳିମୋଡ଼ରେ ତମକୁ ଅପେକ୍ଷା କରିଥାଇପାରେ ନିଷ୍କ୍ରମଣର ରାସ୍ତାଟିଏ।"

# ଶେଷ ଡାକ

## କ୍ଷୁଦ୍ରଗଳ୍ପ
**ଭବାନୀ ଶଙ୍କର ଦାଶ**

ଶେଷ ଡାକରେ ବୋଧେ ତା' ନିଦ ଭାଙ୍ଗିଗଲା। ଜୀବନରେ ଶେଷ ଡାକ ବୋଲି କିଛି ନ ଥାଏ। ଶେଷ ଡାକ ପରେ ପୁଣି ଆଉକିଛି ରହିଥାଏ ବାକି। ଡାକିବା ପାଇଁକି। ହୁଏତ ଡାକି ହୁଏନା। ଶେଷ ଟୋପାକ ଲୁହ ପରି କଥାଗୁଡ଼ାକ ଟଳମଳ ହୁଅନ୍ତି ଅଜାଡ଼ି ହୋଇଯିବା ପାଇଁ। ଢାଳି ହୋଇଯିବା ପାଇଁ। ମାତ୍ର ସେମିତି କିଛି ହେଲାନି। ରାତିରେ ନିଦରେ ଶୋଇଥିବା ସୁସ୍ଥ ଲୋକଟା ଜୋର୍‌ରେ ଗୋଟେ ଡାକ ମାରିଲା। ସକାଳୁ ଆଉ ଉଠିଲା ନାହିଁ। ରାତିଏ ନିଦ ଭିତରେ ତମାମ ଜୀବନ ଓ ଜୀବନଜାତ କଥା, ବ୍ୟଥା ଓ ଲୁହ ସବୁ ଚାପି ହୋଇ ନୀରବିଗଲେ ସବୁଦିନ ପାଇଁ। ପାଖ ଶେଯରୁ ଶୁଭୁଥିଲା କ୍ୟାନ୍‌ସରର ଶେଷ ପର୍ଯ୍ୟାୟରେ ଥିବା ବାପର ଯନ୍ତ୍ରଣାକାତର ଚିତ୍କାର। ନିଦରୁ ଉଠି ମୃତ ମାଆକୁ ନିଦରୁ ଉଠେଇବାର ନିଷ୍ଫଳ ପ୍ରୟାସ କରୁଥିବା ଚାରିପାଞ୍ଚ ବର୍ଷର ଝିଅର ଅଝଟ କାନ୍ଦଣା ରାତିର ଛାତିକୁ ଚିରି ଦେଉଥିଲା। ଅଥଚ ରାତିରୁ ବନ୍ଦ ଥିବା କବାଟ ଆଉ ଖୋଲୁ ନଥିଲା।

ସେତେବେଳକୁ ଖରା ଟାଣ ହେଲାଣି। ଫାଳିକିଆ ଆଜ୍‌ବେଷ୍ଟସ ଘର। ଝରକା ନଥିଲା। ବୋଉ ତ ଯେତେ ଡାକିଲେ ବି ଉଠୁନଥିଲା। ବାପା ବି ସକ୍ଷମ ନଥିଲେ ଉଠି କବାଟ ଖୋଲିବା ପାଇଁ। ଝିଅର ହାତ ପାଇବ ନାହିଁ କବାଟର ହୁକ ଖୋଲିବାକୁ। ବାପର ଯନ୍ତ୍ରଣାକ୍ତ କରୁଣ ଚାହାଣିରୁ ଝିଅ ବୁଝିପାରୁଥିଲା ମାଆକୁ ଡାକିବା ପାଇଁ। ଯେତେ ଡାକିଲେ ବି ମାଆ ଶୁଣୁ ନ ଥିଲା। କବାଟ ଖୋଲା ନହେଲେ ନଚଳେ। କୌଣସିମତେ ମାଆ ବାନ୍ଧି ରଖିଥିବା ଲୁଗାପୁଟୁଳାଟାକୁ ଟାଣି ଟାଣି କବାଟ ପାଖକୁ ନେଇଗଲା। ତା' ଉପରେ ଛିଡ଼ା ହୋଇ ବହୁ କଷ୍ଟରେ କବାଟ ଖୋଲି ଦେଲା। କବାଟ ଖୋଲୁଖୋଲୁ ମାଛିଗୁଡ଼ାକ ଘରେ ପଶିଗଲେ। ବାପା ଶେଯରେ ଝାଡ଼ା କରିଦେଇଥିଲେ ବୋଉ ସବୁଦିନେ ପୋଛିଦିଏ। ଆଜି ତ ବୋଉ ଉଠୁନି। ବାପାଙ୍କ ଝାଡ଼ା ପୋଛିବ କିଏ? ମଝିରେ ମଝିରେ ବାପାଙ୍କ ବିକଟାଳ ଚିତ୍କାର ଶୁଣି ଝିଅଟା ଡରିଯାଇ ଜୋର୍‌ରେ କାନ୍ଦିଉଠେ। ତା'ପରେ କାନ୍ଦ ବନ୍ଦ କରି ବାପ ମୁହଁକୁ ଚାହୁଁଥାଏ।

ଭୋକରେ ପେଟ ଜଳିଲାଣି। କାଲିଠୁ କିଛି ଖାଇନି। ଘରେ କିଛିନାହିଁ ଖାଇବାକୁ। ବୋଉ ତ ଉଠୁନି। ବାପାଙ୍କ ଚିତ୍କାର କ୍ରମେ ଅସ୍ପଷ୍ଟ ହୋଇଆସିଲା। ଦ୍ୱାରବନ୍ଧ ଉପରେ ଛୋଟ ଝିଅଟା ବସି ଶୂନ୍ୟକୁ ଅନେଇଥିଲା। କେହି ଆସିବାର ନାହିଁ। ଅଲରା ଚୁଟିକୁ କୁଣ୍ଡେଇ କୁଣ୍ଡେଇ ପାଖ ନଳକୂଅ ପାଖକୁ ଗଲା। ମୁହଁ ଲଗାଇ ମୁନ୍ଦେ ପାଣି ପିଇଦେଲା। ଏତିକିବେଳେ ବାପା ଡାକମାରିଲେ ଜୋର୍‌ରେ। ଆସି ଦେଖିଲା ବାପା ଶୋଇପଡ଼ିଛନ୍ତି। ହଲ୍‌ଚଲ୍ ନାହିଁ। ଏପଟେ ବୋଉ, ସେପଟେ ବାପା। ମଝିରେ ଯାଇ ଝିଅଟା ଶୋଇପଡ଼ିଲା। ଗନ୍ଧରେ ଘରଟା ଭରି ରହିଥିଲା। ସେଥିପ୍ରତି ତା'ର ଭ୍ରୂକ୍ଷେପ ନଥିଲା। ଏମିତି ଗନ୍ଧ ଭିତରେ ବଞ୍ଚିବା ସିଏ ଶିଖିଗଲାଣି।

ପାଖ ଗାଁରୁ କେତେଜଣ ଆସି ଡାକିଲେ। ଝିଅଟା ବାହାରକୁ ଗଲା। ସେମାନେ ତାକୁ ଖାଇବାକୁ ଦେଲେ। ଖାଇସାରି ମାଗିଲା ବାପା ବୋଉ ପାଇଁ। କହିଲା ସେମାନେ ଶୋଇଛନ୍ତି ଉଠିଲେ ଖାଇବେ। ଜଣେ କିଏ ତା' ଛିଣ୍ଡା ପୁରୁଣା ଜାମାପେଣ୍ଟ ବଦଳେଇ ନୂଆ ପିନ୍ଧେଇ ଦେଲେ। ତା' ମନ ଖୁସି। ଆସିଥିବା ଲୋକମାନେ ତା' ବାପା ବୋଉକୁ ଶେଯ ସହ ଗୁଡ଼ାଇ ବାନ୍ଧିଦେଲେ। ଝିଅ କିଛି ବୁଝିପାରୁ ନଥାଏ। ତାଙ୍କୁ ନେଇ ସାମ୍ନାରେ ଥିବା ମଶାଣିରେ ପୋଡ଼ିଦେଲେ। ପୋଡ଼ିଗଲାବେଳେ ଝିଅଟା ଉଚ୍ଚ ସ୍ୱରରେ କାନ୍ଦିଉଠିଲା। ତାକୁ ଭୁଲେଇବା ପାଇଁ କିଛି ଚକୋଲେଟ ଧରେଇ ଦିଆଗଲା। ସିଏ ଖାଇଲା। ଖାଇଲାବେଳେ କାନ୍ଦୁ ନ ଥିଲା। ମାତ୍ର ଖାଇସାରିବା ପରେ ଅତି କରୁଣ କଣ୍ଠରେ ବୋଉ... ବୋଉ... ଡାକି କାନ୍ଦୁଥିଲା। ଏକାଳୟରେ ସେ ଜୁଇକୁ ଚାହିଁ ମୋ' ବୋଉ କାହିଁ ବୋଲି ପଚାରି ଚାଲିଥିଲା। ଶ୍ରାବଣର ବର୍ଷା ପରି ଆଖିରୁ ତା'ର ଲୁହ ଝରିପଡୁଥିଲା। ଲୋକମାନେ ତାକୁ ତା' ଘରକୁ ନ ନେଇ ନେଇଗଲେ ଶ୍ମଶାନ ଆରପଟେ ଥିବା ଅନାଥାଶ୍ରମକୁ।

ଆଜକୁ ଦୁଇମାସ ହେଲାଣି। ତା' ମନକୁ ଭୁଲେଇବା ପାଇଁ ସକଳ ଚେଷ୍ଟା ବ୍ୟର୍ଥ। ସେଦିନଠୁ ଆଜିଯାଏ ସଞ୍ଜ ହେଲେ ଝିଅଟା ବାହାରକୁ ବାହାରିଯାଇ ତା' ଘରଆଡ଼କୁ ଚାହେଁ। ଅନ୍ଧାରକୁ ଚାହିଁ ଡାକମାରେ ବୋଉଲୋ... ହେ ବୋଉ...। ତା' ଡାକ କେବଳ ଶୂନ୍ୟରେ ପ୍ରତିଧ୍ୱନି ତୋଳେ ସିନା, ବୋଉର ଉତ୍ତର ମିଳେନାହିଁ। କିନ୍ତୁ ସେମିତି ଡାକିବାରୁ ଆଜି ବି ସେ ବିରତ ନୁହେଁ। ଦିନେ ସମସ୍ତଙ୍କ ଆଖିରେ ଧୂଳି ଦେଇ ଝିଅଟା ଅନ୍ଧାର ଭିତରେ କୁଆଡ଼େ ହଜିଗଲା। ଯେତେ ଖୋଜିଲେ ବି ମିଳିଲାନି। ସକାଳୁ ଲୋକମାନେ ତାକୁ ତା' ଘର ଭିତରେ ଶୋଇଥିବା ଅବସ୍ଥାରେ ପାଇଲେ। ତା' ପାଟିରୁ ଫେଣ ବାହାରି ଶୁଖିଯାଇଥିଲା।



ମୋ: ୮୯୧୭୬୨୪୩୮

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୩/୨୦୨୬ Bhubaneswar, Saturday, January 3/ 2026







# ଆଜିଠୁ ପୁରୁଷ ହକି ଇଣ୍ଡିଆ ଲିଗ୍


ହକି ଇଣ୍ଡିଆ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ୮ ଦଳର ଅଧିନାୟକ।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଚେନ୍ନାଇର ମେୟର ରାଧାକ୍ରିଶନ ହକି ଷ୍ଟାଡିୟମରେ ଶନିବାରଠାରୁ ପୁରୁଷ ହକି ଇଣ୍ଡିଆ ଲିଗ୍ ଆରମ୍ଭ ହେବାକୁ ଯାଉଛି। ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନ୍ୟ ୬ ଦଳ ହେଲେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ, ରାଞ୍ଚି ରୟାଲ୍ସ, ରର୍ ବେଙ୍ଗଲ ଟାଇଗର୍ସ ଓ ସୁର୍ମା ହକି କ୍ଲବ। ପୁନରୁଦ୍ଧାର ହେବାପରେ ଏହା ହେଉଛି ଏଚ୍‌ଆଇଏଲ୍‌ର ଦ୍ୱିତୀୟ ସଂସ୍କରଣ। ଚେନ୍ନାଇରେ ଏହି ଲିଗ୍ ଚଳିତ ମାସ ୩ରୁ ୯ ପର୍ଯ୍ୟନ୍ତ ହେବାପରେ ରାଞ୍ଚିରେ ୧୧ରୁ ୧୬ ପର୍ଯ୍ୟନ୍ତ ଖେଳାଯିବ। ଲିଗ୍‌ର ଶେଷ ପର୍ଯ୍ୟାୟ ଭୁବନେଶ୍ୱରରେ ୧୭ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ୯ଟି ଲିଗ୍ ମ୍ୟାଚ ସହ ସମସ୍ତ ନକ୍‌ଆଉଟ ଗେମ୍ ଆୟୋଜନ ହେବ। ଫାଇନାଲ ଜାନୁଆରୀ ୨୬ରେ ଅନୁଷ୍ଠିତ ହେବ। ଅଧିକରୁ ଅଧିକ ହକି ପ୍ରଶଂସକଙ୍କ ସହ ଯୋଡ଼ି ହେବାଲାଗି ଏଚ୍‌ଆଇଏଲ୍‌କୁ ଏଥର ୩ ସହରରେ ଆୟୋଜନ କରାଯାଉଛି। ଗତ ସଂସ୍କରଣରେ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ଚାମ୍ପିୟନ ଓ ହାଇଦ୍ରାବାଦ ତୋଫାନ୍ସ ରନରଅପ୍ ହୋଇଥିଲା।

ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବ। ଟପ୍-୪ ଦଳ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବେ। ଲିଗ୍ ପର୍ଯ୍ୟାୟ ଶେଷରେ ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ ଜାନୁଆରୀ ୨୩ରେ ଅନୁଷ୍ଠିତ ହେବ। ଏହାର ବିଜେତା ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ୩ ଓ ୪ ନମ୍ବର ସ୍ଥାନ ମଧ୍ୟରେ ଥିବା ଦଳ ମଧ୍ୟରେ ଏଲିମିନେଟର ମଧ୍ୟ ସେହିଦିନ ଖେଳାଯିବ। ଏହାର ବିଜେତା ଓ କ୍ୱାଲିଫାୟର-୧ର ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ୨୫ ତାରିଖରେ ଅନୁଷ୍ଠିତ ହେବ। ଦୁଇ କ୍ୱାଲିଫାୟରର ବିଜେତା ମଧ୍ୟରେ ଫାଇନାଲ ୨୬ ତାରିଖରେ ଖେଳାଯିବ। ଏଲିମିନେଟର ଓ କ୍ୱାଲିଫାୟର-୨ର ପରାଜିତ ଦଳ ମଧ୍ୟରେ ୩ୟ ସ୍ଥାନ ପାଇଁ ମ୍ୟାଚ ସେହି ୨୬ ତାରିଖରେ ଅନୁଷ୍ଠିତ ହେବ।


ଲିଗ୍‌ରେ ଭାରତର ଅନେକ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କୁ ଦେଖିବାକୁ ମିଳିବ। ସେହିପରି ଅନେକ ବିଦେଶୀ ତାରକା ଖେଳାଳି ଆକର୍ଷଣରେ ରହିବେ।

**କେଉଁଠି କେବେ**

- ଚେନ୍ନାଇ: ଜାନୁଆରୀ ୩ରୁ ୯
- ରାଞ୍ଚି: ଜାନୁଆରୀ ୧୧ରୁ ୧୬
- ଭୁବନେଶ୍ୱର: ଜାନୁଆରୀ ୧୭ରୁ ୨୬

ଭାରତୀୟ ତାରକା ଖେଳାଳିଙ୍କ ମଧ୍ୟରେ ଅଧିନାୟକ ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ରୂପିନ୍ଦର ପାଲ୍ ସିଂ ଏବଂ ଯୁବ ଖେଳାଳିଙ୍କ ମଧ୍ୟରେ ରୋହିତ, ଧୀରଜ ସିଂ, ଅମିର ଅଲୀ, ମନମିତ, ସୁନୀଲ ପି.ଆର., ପ୍ରିନ୍ସଦୀପ ସିଂ ସାମିଲ ଅଛନ୍ତି। ସେହିପରି ବିଦେଶୀ ଖେଳାଳିଙ୍କ ମଧ୍ୟରେ ଟମ୍ ବୁନ୍, ଖ୍ରିଷ୍ଟୋଫର ରୁହର, ଭିନସେଣ୍ଟ ଭାନାଶ୍ଚ, ଭିକ୍ଟର ୱେଗ୍‌ନେଜ, ଆର୍ଥର ଭାନ୍ ଡୋରେନ, ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ, ସାମ୍ ୱାର୍ଡ ପ୍ରଭୃତିଙ୍କ ଉପରେ ନଜର ରହିବ।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କଳିଙ୍ଗ ଲାନ୍ସର୍ସ ଦଳ


ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳ ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ସଂସ୍କରଣ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଖେଳାଳି, ସପୋର୍ଟ ଷ୍ଟାଫ୍ ଓ କର୍ମକର୍ତ୍ତାମାନେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଖେଳାଳିମାନେ ଚଳିତ ସିଜନ ଲାଗି ସେମାନଙ୍କର ଅଫିସିଆଲ ଜର୍ସି ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଖେଳାଳି ଓ ଅଫିସିଆଲଙ୍କ ସହ ବେଦାନ୍ତ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ ଓ ଆଲୁମିନିୟମ ମାଇନ୍ସର ସିଏଫ୍‌ଓ ଏସ୍. ସୁରେଶ ଉପସ୍ଥିତ ଥିଲେ। ‘‘ଆମକୁ ସମୟ ଦେଇଥିବାରୁ ଏବଂ ଖେଳାଳିଙ୍କୁ ଉତ୍ସାହିତ କରିଥିବାରୁ ଆମେ କନକ ବର୍ଦ୍ଧନ ସିଂଦେଓଙ୍କ ନିକଟରେ କୃତଜ୍ଞ। ଭାରତୀୟ ହକି ଯାତ୍ରାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। ବେଦାନ୍ତ କଳିଙ୍ଗ ଲାନ୍ସର୍ସ ମାଧ୍ୟମରେ ଆମେ ହକିକୁ ସମର୍ଥନ ଲାଗି ପ୍ରତିଶ୍ରୁତିବଦ୍ଧ। ନୂଆ ସିଜନ ଲାଗି ପ୍ରସ୍ତୁତ ହେଉଥିବା ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଆମର ଶୁଭେଚ୍ଛା। ଏହି ଦଳ ରାଜ୍ୟକୁ ଗର୍ବିତ କରିବାନେଇ ଆମେ ଆଶାବାଦୀ’’ ବୋଲି ସିଇଓ ଚନ୍ଦ୍ରୁ ପ୍ରକାଶ କରିଛନ୍ତି। ଆଗାମୀ ଲିଗ୍‌ରେ କଳିଙ୍ଗ ଲାନ୍ସର୍ସ ଭଲ ପ୍ରଦର୍ଶନ କରିବାନେଇ ମୁଖ୍ୟ କୋଚ୍ ଜେ. ଷ୍ଟାସି ଆଶାପ୍ରକାଶ କରିଛନ୍ତି। ଚେନ୍ନାଇରେ ଲିଗ୍‌ର ପ୍ରଥମ ଚରଣ ଆରମ୍ଭ ହେବାକୁ ଯାଉଥିବାବେଳେ ଆସନ୍ତା ୪ରୁ କଳିଙ୍ଗ ଲାନ୍ସର୍ସର ଅଭିଯାନ ଆରମ୍ଭ ହେବ।


କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପ୍ରସ୍ତୁତି ତଦାରଖ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ବାଂଲାଦେଶରେ କ୍ରିକେଟ ସିରିଜ ଖେଳିବ ଭାରତ

**ଢାକା, ୨।୧ (ପି.ଟି.):** ଭାରତ ଚଳିତବର୍ଷ ସେପ୍ଟେମ୍ବରରେ ବାଂଲାଦେଶରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ କ୍ରିକେଟ ସିରିଜ ଖେଳିବ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଶୁକ୍ରବାର ଘୋଷଣା କରାଯାଇଛି। ବାଂଲାଦେଶରେ ବର୍ତ୍ତମାନ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି। ଏହି ପରିସ୍ଥିତିରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବାଂଲାଦେଶକୁ ଏହାର ଦଳ ପଠାଇବ କି ନା ସେ ସମ୍ପର୍କରେ ତାହା ସ୍ପଷ୍ଟ କରିନାହିଁ। ବିସିବି ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ତିନୋଟି ଦିନିକିଆ ମ୍ୟାଚ ସେପ୍ଟେମ୍ବର ୧, ୨ ଓ ୩ ତାରିଖରେ ଖେଳାଯିବାକୁ ଥିବାବେଳେ ଟି୨୦ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ୯, ୧୨ ଓ ୧୩ରେ ଖେଳାଯିବ।

# ଜାତୀୟ ଜୁନିୟର ଫେନ୍‌ସିଂ ୫ରୁ



ପ୍ରତିଯୋଗିତା ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୩ତମ ଜାତୀୟ ଜୁନିୟର (ବାଳିକା/ବାଳକ) ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୫ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆ ସହଯୋଗରେ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଏହି ପ୍ରତିଯୋଗିତାକୁ ଆୟୋଜନ କରିବ। ପ୍ରତିଯୋଗିତା ଲାଗି ୫୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଶୁକ୍ରବାର ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସକାଳ ୮ଟାରୁ ଅପରାହ୍ନ ୧ଟା ଏବଂ ୩ଟାରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସୁପରିଚାଳନାଲାଗି ଏକ ଆୟୋଜକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ତଥା ପୂର୍ବତନ ଏମ୍‌ପି ଅନଙ୍ଗ ଉଦୟ ସିଂଦେଓ ମୁଖ୍ୟ ପରାମର୍ଶଦାତା, କାର୍ଯ୍ୟକାରୀ ସଭାପତି ହରି ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ସୁମିତ କୁମାର ପୁରୋହିତ ସମ୍ପାଦକ ଏବଂ ୧୧ ଜଣ ସଦସ୍ୟ ରହିଛନ୍ତି।

**ଆଜିଠାରୁ ଡାକାର ରାଲି**

## ୭ମ ଥର ଭାଗ ନେବେ ଭାରତୀୟ ହରିଥ୍

**ୟାନ୍‌ବୁ, ୨।୧ (ପି.ଟି.):** ବିଶ୍ୱର ସବୁଠାରୁ କଠିନ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଡାକାର ରାଲିର ୪୮ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା କ୍ରମାଗତ ୬ଥର ପାଇଁ ସାଉଦି ଆରବରେ ଆୟୋଜିତ ହୋଇଛି। ଭାରତର ଅଗ୍ରଣୀ ରାଲି ରେଡ୍-ରାଇଡର ୩୨ବର୍ଷୀୟ କେରଳର ହରିଥ ନୋଆ ୭ମ ଥର ପାଇଁ ଏହି ରେସ୍‌ରେ ଭାଗନେବାକୁ ଯାଉଛନ୍ତି। ହରିଥ ତାଙ୍କ ୭ମ ଡାକାର ରେସ୍‌ରେ ଟିଭିଏସ୍ ଶେର୍‌କୋ ଆର୍‌ଟିଆର୍ ୪୫୦ ବାଇକ୍ ବ୍ୟବହାର କରିବେ।

# ରାମେଶ୍ୱର-ମୁକ୍ତେଶ୍ୱର ଫାଇନାଲ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ଦି ରେଡ୍ ଷ୍ଟାରକୁ ହରାଇ ମୁକ୍ତେଶ୍ୱର ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ଲବ ଦି ରେଡ୍ ଷ୍ଟାର ଦଳ ୩୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ଅରବିନ୍ଦ ମୁଦୁଲି ସର୍ବାଧିକ ୩୯ ଓ କ୍ଷୀରୋଦ ଭଞ୍ଜ ୩୬ ରନ କରିଥିଲେ। ବିପକ୍ଷ ଦଳର ଅଭିଷେକ ଓ ଶ୍ଳୋକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୨୫.୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭୁବନେଶ ସାମଲ ସର୍ବାଧିକ ୪୦ ଓ ଅଂଶୁମାନ ଦାସ ୩୩ ରନ କରିଥିବାବେଳେ ଆୟନ ନାୟକ ୩୩ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ। ୨୧.୫ ଓଭର ବେଳକୁ ୧୦୮ ରନରେ ୬ ଉଇକେଟ ହରାଇ ସାରିଥିବା ମୁକ୍ତେଶ୍ୱରକୁ ଧୈର୍ଯ୍ୟପୂର୍ଣ୍ଣ ୩୩ ରନର ଇନିଂସ ଖେଳି ଜିତାଇଥିବା ଆୟନ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବ ଉପସଭାପତି ଅଜିତ କୁମାର ବିଶ୍ୱାଳ ପୁରସ୍କାର ପ୍ରଦାନ କରିଥିଲେ।

## ମାରିଜନେ ପୁଣି ମହିଳା ହକି କୋଚ୍



**ନୂଆଦିଲ୍ଲୀ, ୨।୧ (ପି.ଟି.)**

ନେଦରଲାଣ୍ଡର ଜୋର୍ଡ ମାରିଜନେ ପୁନର୍ବାର ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ ଗେମ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ୫୧ ବର୍ଷୀୟ ମାରିଜନେ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ ମହିଳା ଦଳ ସହିତ ସମ୍ପୃକ୍ତ ଥିଲେ। ମାଟିଆସ୍ ଭିଲା ତାଙ୍କୁ ଆନାଲିଟିକାଲ କୋଚ୍ ଭାବେ ସହାୟତା କରିବେ। ଭିଲା ହେଉଛନ୍ତି ଜଣେ ପୂର୍ବତନ ଆର୍ଜେଣ୍ଟିନା ମିଡ୍‌ଫିଲ୍ଡର। ୧୯୯୭ରେ ସେ ତାଙ୍କର ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସ ଓ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ସେ ତାଙ୍କ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ କୋଚିଂ ପେସାରେ ନିଜକୁ ନିୟୋଜିତ କରିଛନ୍ତି। ଭାରତୀୟ ହକି ସେଟ୍‌ଅପ୍‌କୁ ଫେରିବା ପରେ ୱେନ୍ ଲୋମ୍ବାର୍ଡ ବୈଜ୍ଞାନିକ ପରାମର୍ଶଦାତା ଏବଂ ଆଥଲେଟିକ୍ ପ୍ରଦର୍ଶନର ମୁଖ୍ୟଭାବରେ କାର୍ଯ୍ୟ କରିବେ। ତାଙ୍କୁ ବୈଜ୍ଞାନିକ ପରାମର୍ଶଦାତା ଭାବେ ସହାୟତା କରିବେ ରୋଡେଟ୍ ୟିଲା ଓ ସିଆରା ୟିଲା। ମାରିଜନେଙ୍କ କାର୍ଯ୍ୟକାଳ ସମୟରେ ଭାରତ ବିଶ୍ୱ ଟପ୍ ୧୦ ର୍‍ୟାଙ୍କିଙ୍ଗରେ ପ୍ରବେଶ କରିଥିଲା। ମାର୍ଚ୍ଚ ୮ରୁ ୧୪ ତେଲଙ୍ଗାନାର ହାଇଦ୍ରାବାଦଠାରେ ହେବାକୁଥିବା ମହିଳା ବିଶ୍ୱକପ୍ କ୍ୱାଲିଫାୟର୍ସ ମୁଖ୍ୟ କୋଚ୍ ଭାବେ ମାରିଜନେଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ମାରିଜନେ ଜାନୁଆରୀ ୧୪ରେ ଭାରତରେ ପହଞ୍ଚିବେ।

# ଓଡ଼ିଶା ଦଳକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଟିମ୍ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଆନ୍ଧ୍ର ପ୍ରଦେଶ ସ୍ୱର୍ଣ୍ଣ, ଛତିଶଗଡ଼ ରୌପ୍ୟ ଓ ବିହାର ଅନ୍ୟତମ ଦଳଭାବେ ବ୍ରୋଞ୍ଜ ପଦକ ଜିତିଛି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ରିଙ୍କୁ ଷଡ଼ଙ୍ଗୀ, ଆଇନଜୀବୀ ପ୍ରଶାନ୍ତ ବର୍ମା, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଉପସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଏମ୍‌ଡି ଆଜମ, ଆମେଚର ସଫ୍ଟ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ସିଇଓ ଅନିକେତ ଖୋଦାଧାରା, ସିଓଓ ହସମୁକ ବେଗଡ଼ା, ସ୍ୱତନ୍ତ୍ର ପରାମର୍ଶଦାତା ହରସଙ୍ଗ ଖୋଦାଧାରା, ସାମାଜିକକର୍ମୀ ବସନ୍ଦ କୁମାର ବାଡୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ପଦକ ଓ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ସବ୍‌ଜୁନିୟର ସଫ୍ଟ ଟେନିସ ଦଳ।

# ଅଭିଷେକ ରାଉତଙ୍କ ଅବସର

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଓଡ଼ିଶାର ସିନିୟର କ୍ରିକେଟର ଅଭିଷେକ ସନ୍ତୋଷ କୁମାର ରାଉତ କ୍ରିକେଟ୍‌ର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଅଲ୍‌ରାଉଣ୍ଡରଭାବେ ପରିଚିତ ଅଭିଷେକ ଜଣେ ଡାହାଣହାତୀ ବ୍ୟାଟର ଓ ଲେଗ୍ ବ୍ରେକ୍ ବୋଲର ଥିଲେ। ଘରୋଇ କ୍ରିକେଟରେ ସେ ମହାରାଷ୍ଟ୍ର, ମୁମ୍ବାଇ, ଗୋଆ ଏବଂ ଓଡ଼ିଶା ଆଦି ଏକାଧିକ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୯ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୬ ମ୍ୟାଚରୁ ୧୧୩୧ ରନ ଓ ୨୪ ଉଇକେଟ, ଲିଷ୍ଟ-ଏ କ୍ରିକେଟରେ ୪୭ ମ୍ୟାଚରୁ ୯୧୩ ରନ ଓ ୩୫ ଉଇକେଟ ଏବଂ ଟି୨୦ କ୍ରିକେଟରେ ୬୬ ମ୍ୟାଚରୁ ୭୨୧ ରନ କରିବା ସହ ୨୬ ଉଇକେଟ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ




ସଦସ୍ୟମାନେ ଅଭିଷେକଙ୍କୁ ଭବିଷ୍ୟତର ଲକ୍ଷ୍ୟପନ୍ଥା ନେଇ ଶୁଭେଚ୍ଛା ଜଣାଇଛନ୍ତି।


1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ